# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-85 ◆THURSDAY ◆18 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୮୫ ◆ଗୁରୁବାର ◆୧୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ନଭେମ୍ବରରେ 'ମସ୍ତି-୪'

▸ପୃଷ୍ଠା 9






| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୂମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com



# ନଭେମ୍ବରରେ ‘ମସ୍ତି -୪’

ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ‘ମସ୍ତି’ରେ ବିବେକ ଓବରୟ, ଅଫତାବ ଶିବଦାସନି ଓ ରୀତେଶ ଦେଶମୁଖ ଲିଡ୍ ରୋଲରେ ନଜରଆସିଥିଲେ। ଏହି ଫିଲ୍ମଟି ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ରିଲିଜ୍ ହୋଇ ସାରିଛି। ଅବଶ୍ୟ ଏହି ସିରିଜ୍‌ର ତୃତୀୟ ଫିଲ୍ମ ‘ଗ୍ରେଟ୍ ଗ୍ରାଣ୍ଡ ମସ୍ତି’କୁ ଦର୍ଶକେ ଏତେଟା ପସନ୍ଦ କରି ନ ଥିଲେ। ଆଉ ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ ‘ମସ୍ତି ୪’ ଆସିବାକୁ ଯାଉଛି। ଏଥିରେ ଲିଡ୍ ରୋଲରେ ରିତେଶ, ବିବେକ ଏବଂ ଅଫତାବ ଦେଖାଯିବେ। ଏବେ ଏହି ଫିଲ୍ମରେ ଅରଶଦ ୱାର୍ଶିଙ୍କର ଏଣ୍ଟ୍ରି ହୋଇଛି। ଅରଶଦଙ୍କ ସହ ଏଥିରେ ନର୍ଗିସ୍ ଫକ୍‌ରି ମଧ୍ୟ ନଜର ଆସିବେ। ଏହି ଦୁଇ କଳାକାରଙ୍କର ଫିଲ୍ମରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଏହି ସିନେମାରେ ଜେନେଲିଆ ଡିସୁଜା, ତୁଷାର କପୁର ମଧ୍ୟ ଦେଖାଯିବେ। ବ୍ରିଟେନରେ ଏହାର ୪୦ ଦିନ ସୁଟିଂ ଶେଷ ହୋଇଥିବା ବେଳେ ଏବେ ପୋଷ୍ଟ ପ୍ରଡକସନ୍ କାମ ଚାଲିଛି। ସିନେମାର ଏଡିଟିଂ କାମ ବି ଶେଷ ହୋଇଛି। ‘ମସ୍ତି-୪’କୁ ଏହି ବର୍ଷ ନଭେମ୍ବର ୨୧ ତାରିଖରେ ରିଲିଜ୍ କରିବା ପାଇଁ ଇନ୍ଦ୍ର କୁମାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର ଟିଜର ଜାରି କରାଯାଇ ଫିଲ୍ମ ରିଲିଜ୍ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ମିଲାପ ଜାଭେରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



# ବିଶ୍ୱ ବାଉଁଶ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରାଯାଏ। ବାଉଁଶ ଗଛର ଉପକାରିତା ତଥା ଏହାକୁ ନେଇ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ। ବାଉଁଶ ଗଛ ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଘର ନିର୍ମାଣ, ଆସବାବପତ୍ର, ହସ୍ତଶିଳ୍ପ ଆଦି ଲାଗି ଲୋକେ ବାଉଁଶ ବ୍ୟବହାର କରନ୍ତି। ବାଉଁଶରେ କୁଲା, ଡାଲା, ଝୁଡ଼ି ସମେତ ବିଭିନ୍ନ ପଶୁପକ୍ଷୀଙ୍କ ଆକୃତି, କପ୍, ପ୍ଲେଟ୍, ପାଣିବୋତଲ ଚାମଚ, ଫୁଲକୁଣ୍ଡ ପେନ୍‌ଷ୍ଟାଣ୍ଡ, ଫଟୋ ଫ୍ରେମ ଆଦି ତିଆରି କରାଯାଉଛି। କେବଳ ସେତିକି ନୁହେଁ, ଆଜିକାଲି ବାଉଁଶ ଗହଣାର ଲୋକପ୍ରିୟତା ବି ଅଧିକ ଦେଖିବାକୁ ମିଳୁଛି। ବାଉଁଶରେ ତିଆରି ହାର, ଝୁମୁକା, ହେୟାର୍ କ୍ଲିପ୍, କାନଫୁଲ ଆଦି ଅଳଙ୍କାରର ଚାହିଦା ବେଶି। ଏବେ କିନ୍ତୁ ମଣିଷ ନିଜ ସ୍ୱାର୍ଥ ପୂରଣ ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ସଫା କରି ନିଜ ପାଇଁ ବାସସ୍ଥାନ ନିର୍ମାଣ କରିବା ଯୋଗୁଁ ଧୀରେ ଧୀରେ ବାଉଁଶ ଗଛ ଲୋପ ପାଇବାରେ ଲାଗିଛି। ସେହିପରି ବାଉଁଶ ଶୀଘ୍ର ବଢ଼ିଥାଏ। ବାଉଁଶ ଶକ୍ତିଶାଳୀ ଏବଂ ନମନୀୟ ମଧ୍ୟ। ସେହିପରି ବାଉଁଶ ଖାଦ୍ୟ, ବାସଗୃହ ଏବଂ ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଭାବେ ଅତୁଳନୀୟ ସାବ୍ୟସ୍ତ ହୋଇଛି। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ହିନ୍ଦୁ ପରମ୍ପରାରେ ଷଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ବାଉଁଶ ଖୋଜା ପଡ଼ିଥାଏ। ସେହିଭଳି ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ଏପରିକି ମଣିଷର ମରଣ ବେଳେ ମଧ୍ୟ ଛ’ଖଣ୍ଡ ବାଉଁଶ କୋକେଇ ଲାଗି ଖୋଜାପଡ଼େ। ତେବେ ୨୦୦୯ ମସିହାରେ ବିଶ୍ୱ ବାଉଁଶ ସଂଗଠନ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ବିଶ୍ୱ ବାଉଁଶ ଦିବସ ପାଳନ ଅବସରରେ ଅଧିକ ସଂଖ୍ୟାରେ ବାଉଁଶ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ। ଏହି ବର୍ଷ ଏହି ଦିବସର ଥିମ୍ ଅଛି ‘ବାମ୍ବୋ ଫର୍ ପିପୁଲ, ପ୍ଲାନେଟ୍ ଆଣ୍ଡ କ୍ଲାଇମେଟ୍ ଆକ୍ସନ’।



# କେଶ ବିନ୍ୟାସରୁ ବାୟୁ ପ୍ରଦୂଷଣ


ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ଉତ୍କଟ ସମସ୍ୟା ପାଲଟିଛି। ସେହିପରି ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଥିବା ବେଳେ ହେୟାର୍ ଷ୍ଟାଇଲ ବା କେଶ ବିନ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ବୋଲି କୁହାଯାଉଛି। ପୁର୍ଡ୍ଡୁ ବିଶ୍ୱବିଦ୍ୟାଳୟର ଏକ ନୂତନ ଗବେଷଣାରୁ ଏକଥା ସାମ୍ନାକୁ ଆସିଛି। ତେବେ କେଶକୁ ଆକର୍ଷଣୀୟ ଦେଖାଯିବା ପାଇଁ ବ୍ୟବହାର କରାଯାଉଥିବା ହେୟାର କେୟାର୍ ପ୍ରଡକ୍ଟ ସହ ହିଟିଂ ଟୁଲ୍‌ଗୁଡ଼ିକ ମଧ୍ୟ ବାୟୁ ପ୍ରଦୂଷଣର କାରଣ ହୋଇଥାଏ। ବ୍ୟସ୍ତ ବହୁଳ ସଡ଼କରୁ ଯେତିକି ମାତ୍ରାରେ ବାୟୁ ପ୍ରଦୂଷଣ ହୋଇଥାଏ ଏଗୁଡ଼ିକ ଦ୍ୱାରା ମଧ୍ୟ ସେତିକି ମାତ୍ରାରେ ପ୍ରଦୂଷଣ ହୋଇଥାଏ। ହେୟାର୍ ଷ୍ଟାଇଲ କରିବା ସମୟରେ ୫୦୦ ନାନୋମିଟର ପର୍ଯ୍ୟନ୍ତ କଣିକା ବାହାରେ। ଯାହାକି ମାନବ କେଶଠାରୁ ପ୍ରାୟ ୨୦୦ ଗୁଣ ଛୋଟ। ଏହି କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଏହି ଗବେଷଣା ନିମନ୍ତେ ଏକ ଛୋଟ ଗବେଷଣାଗାର ଡିଜାଇନ୍ କରାଯାଇଥିଲା। ଯାହାର ଉପଯୋଗ ପୂର୍ବରୁ କେଶ ଉତ୍ପାଦରେ ଥିବା ରସାୟନର ବିଶ୍ଳେଷଣ ପାଇଁ କରାଯାଇଥିଲା। ଗବେଷକମାନେ ସାଧାରଣ ହେୟାର୍ ଷ୍ଟାଇଲ ରୁଟିନ୍ ସମୟରେ ହିଟିଂ ଟୁଲ୍‌ର ଉପଯୋଗରୁ ଉତ୍ପନ୍ନ ବାୟୁ ପ୍ରଦୂଷଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ତେବେ ଏହି ଫଳାଫଳରୁ ଜଣାପଡ଼ିଛି ଯେ, ନିୟମିତ ଲୋକେ ବ୍ୟବହାର କରୁଥିବା ହେୟାର କେୟାର ପ୍ରଡକ୍ଟ ଓ ହିଟିଂ ଟୁଲ୍‌ଗୁଡ଼ିକ ବାୟୁକୁ ବିଷାକ୍ତ କରୁଛି। ସେହିପରି ଏହା ଘର ଭିତରର ବାୟୁର ଶୁଦ୍ଧତା ଓ ପ୍ରସାଧାନ ସାମଗ୍ରୀ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛି। ସେହିପରି କର୍ଲିଂ ଆଇରନ ଏବଂ ଷ୍ଟ୍ରେଟନର୍ ଭଳି ଷ୍ଟାଇଲିଂ ଉପକରଣରୁ ନିର୍ଗତ ଉତ୍ତାପ ହେୟାର୍ କେୟାର ଉତ୍ପାଦରେ ସାମିଲ ହେଲେ ଏହା ଅଧିକ କ୍ଷତିକାରକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ଏନଭାଇରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜିରେ ପ୍ରକାଶିତ।

## ଆଜିର ଇତିହାସ

- ୧୮୧୦- ଚିଲି ସ୍ପେନ୍‌ଠାରୁ ସ୍ୱାଧୀନ ହେବାକୁ ଘୋଷଣା କଲା।
- ୧୮୫୧- ନ୍ୟୁୟର୍କ ଟାଇମ୍ସ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହେଲା।
- ୧୯୨୨- ହଙ୍ଗେରୀ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୪୭- ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମକୁ ଲାଗୁ କରାଗଲା।
- ୧୯୮୬- ମୁମ୍ବାଇରେ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୩- ଢାକା ଓ ଅଗରତାଲା ବସ୍ ସେବା ଆରମ୍ଭ ହେଲା।

# ଫୋନ୍ ହାତରୁ ପଡ଼ିଲେ ବଢ଼େ ଚାପ

ସ୍ମାର୍ଟଫୋନ୍ ଏବେ ଆଉ ଏକ ଗ୍ୟାଜେଟ୍ ହୋଇ ରହିନାହିଁ ଏହା ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ଟଙ୍କା ନେଣଦେଣ ଠାରୁ ଆରମ୍ଭ କରି ପାଠପଢ଼ା ସବୁକିଛି କାର୍ଯ୍ୟକୁ ସ୍ମାର୍ଟଫୋନ୍ ବେଶ୍ ସହଜ କରି ଦେଇଛି। ଏହି କାରଣ ଯୋଗୁଁ ଫୋନ୍ ହାତରୁ ଖସି ଗଲେ କି ଭାଙ୍ଗିଗଲେ ମନ ମଧ୍ୟ ଭାଙ୍ଗିଯାଏ। ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି ଯେ, ସ୍ମାର୍ଟଫୋନ୍ ପଡ଼ିଗଲେ କିମ୍ବା ଭାଙ୍ଗି ଗଲେ ୯୫ ପ୍ରତିଶତ ଲୋକ ଚାପରେ ରୁହନ୍ତି। ଏହି ସର୍ଭେ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଦ୍ୱାରା ଭାରତର ଟିୟର-୧ ଏବଂ ଟିୟର-୨ ସହର ଉପରେ କରାଯାଇଥିଲା। ଏଥିରେ ୪,୫୬୪ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ମତାମତ ନିଆଯାଇଥିଲା। ଅନେକ ବ୍ୟବହାରକାରୀ ଏକଥା ସ୍ୱୀକାର କରିଛନ୍ତି, ସେମାନଙ୍କ ଫୋନ୍ ଦିନେ ନା ଦିନେ ପଡ଼ିଛି ଏବଂ ଏହା ପଡ଼ିବା ପରେ ସେମାନେ ବିଚଳିତ ହୋଇଥାନ୍ତି। ଫୋନ୍ ପଡ଼ିବା କୌଣସି ନୂଆ କି ନିଆରା କଥା ନୁହେଁ। ହେଲେ ଯେତେବେଳେ ବି ଫୋନ୍ ପଡ଼େ ଲୋକଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଉଥିବା ସେମାନେ କହିଛନ୍ତି। ଫୋନ୍ ଭାଙ୍ଗିଗଲେ ୭୯ ପ୍ରତିଶତ ଲୋକ ନୂଆ ଫୋନ୍ ସଉକରେ ନୁହେଁ, ବରଂ ବାଧ୍ୟବାଧକତାରେ କିଣିଥାନ୍ତି। ଯାହାକୁ ସେମାନେ ଅଯଥା ଖର୍ଚ୍ଚ ବୋଲି ଭାବନ୍ତି। ତେବେ ଫୋନ୍ ଭାଙ୍ଗିଲେ ମାନସିକ ଅବସାଦ ସହିତ ଆର୍ଥିକ ବୋଝ ମଧ୍ୟ ଉଠାଇବାକୁ ପଡ଼ିଥାଏ ବୋଲି ବ୍ୟବହାରକାରୀ କହିଛନ୍ତି। କାରଣ ନୂଆ ଫୋନ୍ ଇଏମ୍‌ଆଇ ନଚେତ ସଞ୍ଚିତ ଅର୍ଥରୁ ହିଁ କିଣିବାକୁ ପଡ଼େ। ଏହାବାଦ୍ ଆଜିକାଲି ଫୋନ୍‌ରେ ପ୍ରତ୍ୟେକ ଜିନିଷ ରହୁଛି। ତେଣୁ ଅଚାନକ ଫୋନ୍ ବନ୍ଦ ହୋଇଗଲେ କିମ୍ବା ଖରାପ ହୋଇଗଲେ ଜୀବନର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁଦିନ ପାଇଁ ନଷ୍ଟ ହୋଇଯିବା ଭାବି ୮୯ ପ୍ରତିଶତ ବ୍ୟବହାରକାରୀ ଭୟରେ ରୁହନ୍ତି। ସେହିପରି ଏକ ତୃତୀୟାଂଶ ବ୍ୟବହାରକାରୀ ଫୋନ୍ ମରାମତିରେ ୫ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଏହା ମଧ୍ୟ ଫୋନ୍ ପଡ଼ିବା ଭୟର ଅନ୍ୟତମ କାରଣ। ଅନ୍ୟପଟେ ଫୋନ୍‌କୁ ସୁରକ୍ଷିତ ରଖିବା ପାଇଁ କଭର୍ ଓ ସ୍କ୍ରିନ୍ ଗାର୍ଡ ରହିଛି। ହେଲେ ୭୮ ପ୍ରତିଶତ ବ୍ୟବହାରକାରୀ ଫୋନ୍‌କୁ ଅଧିକ ଷ୍ଟାଇଲିସ୍ ଦେଖାଇବା ପାଇଁ ଏହି ସୁରକ୍ଷା ଉପକରଣ ବ୍ୟବହାର କରନ୍ତି ନାହିଁ। କାରଣ ଏହା ଫୋନ୍‌ର ସୁନ୍ଦରତାକୁ କମ୍ କରିଥାଏ। ଏହି କାରଣରୁ ଫୋନ୍ ତଳେ ପଡ଼ି ଭାଙ୍ଗିଗଲେ ସେମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି।



# ୩୦ ବର୍ଷ ପରେ ସମାନ ପୋଷାକରେ ଫେରିଲେ



ବିଶ୍ୱରେ ପ୍ରତିବର୍ଷ ହଜାର ହଜାର ଲୋକ ନିଖୋଜ ହୋଇଯାଆନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ଟେଲିଭିଜନ, ଖବରକାଗଜ ଆଦିରେ ବିଜ୍ଞାପନ ଦିଆଯାଏ। କିଛି ବ୍ୟକ୍ତିଙ୍କ ପତ୍ତା ମିଳିଥାଏ, ଆଉ କିଛି ଲୋକ ସାରା ଜୀବନ ନିଖୋଜ ହୋଇ ରହିଯାଆନ୍ତି। ରୋମାନିଆର ଭେଜିଲେ ଗରଗୋ ନାମକ ବ୍ୟକ୍ତି ହଜିବାର ୩୦ ବର୍ଷ ପରେ ଘରକୁ ଫେରିଆସି ଚର୍ଚ୍ଚାରେ ରହିଛନ୍ତି। ଅନେକ ଲୋକ ଘରୁ ପଳାଇ ଯିବାର ୨୦ରୁ ୩୦ ବର୍ଷ ପରେ ଘରକୁ ଫେରୁଥିବାବେଳେ ଭେଜିଲେଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି ସେ ୩୦ ବର୍ଷ ତଳେ ଯେଉଁ ପୋଷାକ ପିନ୍ଧି ନିଖୋଜ ହୋଇ ଯାଇଥିଲେ ସେହି ପୋଷାକରେ ହିଁ ଫେରି ଆସିଛନ୍ତି। ୩୦ ବର୍ଷ ପୂର୍ବେ ଭେଜିଲେ ଗୋପାଳନ କରୁଥିଲେ। ସେ ୧୯୯୧ ମସିହାରେ ତାଙ୍କ ବ୍ୟବସାୟ ସମ୍ପର୍କୀୟ କିଛି କାର୍ଯ୍ୟ ପାଇଁ ଘରୁ ବାହାରିଥିଲେ। ସେତେବେଳେ ତାଙ୍କୁ ୬୬ ବର୍ଷ ହୋଇଥିଲା। ସବୁଦିନ ଯେମିତି ସେ ଘରୁ ଯାଆନ୍ତି ସେଦିନ ବି ସେଭଳି ବାହାରିଥିଲେ। ସେ ଘରକୁ ଫେରିବା ଟିକେଟ ମଧ୍ୟ କରିଥିଲେ। ଘରକୁ କିନ୍ତୁ ଭେଜିଲେ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ଥାନାରେ ଏନେଇ ଏତଲା ଦେଇଥିଲେ। ତାଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ମଧ୍ୟ ଚଳାଇଥିଲେ। ବହୁ ବର୍ଷ ପରେ ତାଙ୍କ ପରିବାର ଲୋକେ ଭେଜିଲେଙ୍କର ମୃତ୍ୟୁ ହୋଇ ଯାଇଥିବା ଭାବିନେଲେ। ଭେଜିଲେ ନିଖୋଜ ହେବାର ୩୦ ବର୍ଷ ପରେ ପୁଣି ଥରେ ତାଙ୍କ ଘରକୁ ଫେରି ଆସିଥିଲେ। ତେବେ ଭେଜିଲେ ଫେରି ଆସିବା ପରେ ତାଙ୍କ ପରିବାର ଲୋକଙ୍କ ମନରେ ଅନେକ ପ୍ରଶ୍ନ ଆସିଥିଲା। ତାଙ୍କୁ ଏକ କାର୍ ଆଣି ଘରେ ଛାଡ଼ି ଦେଇଥିଲା। କାର୍‌ଟି ଏତେ ଦ୍ରୁତ ଗତିରେ ଆସିଥିଲା ଯେ ପରିବାର ଲୋକେ ତା’ର ନମ୍ବର ମଧ୍ୟ ଦେଖିପାରି ନଥିଲେ। ତେବେ ଭେଜିଲେ ତାଙ୍କର ଯେଉଁ ପରିଚୟ ପତ୍ର ୩୦ ବର୍ଷ ତଳେ ରଖିଥିଲେ ଫେରି ଆସିବା ପରେ ତାହା ତାଙ୍କ ପାଖରେ ଥିଲା। ୩୦ ବର୍ଷ ତଳେ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ଯେଉଁ ଟିକଟ ସେ କିଣିଥିଲେ ତାହା ମଧ୍ୟ ଭେଜିଲେଙ୍କ ନିକଟରୁ ମିଳିଥିଲା। ପରିବାର ଲୋକେ ଭେଜିଲେଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର କହିଥିଲେ। କେବଳ ବୟସାଧିକ ଯୋଗୁ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ କିଛିଟା ପରିବର୍ତ୍ତନ ଦେଖାଯାଇଥିଲା। ତେବେ ଭେଜିଲେ ଫେରି ଆସିବା ପରେ ବହୁତ କିଛି ତାଙ୍କର ମନେଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ହେଲେ ସେ ତାଙ୍କ ପୁଅଝିଅକୁ ଫେରି ଆସିବା ପରେ ଚିହ୍ନି ପାରି ନ ଥିଲେ। ଭେଜିଲେଙ୍କ ପୁଅ କୁହନ୍ତି, ‘ଏତେ ଦିନ ଧରି ବାପା କେଉଁଠି ଥିଲେ, କିଏ ତାଙ୍କୁ ରଖିଥିଲା, କାମ କରିବାକୁ ତାଙ୍କୁ ଜୋରଜବରଦସ୍ତ କରାଯାଉଥିଲା କି ନାହିଁ, ଏମିତି ଅନେକ ପ୍ରଶ୍ନ ପଚାରିଲେ ବି ସେ କିଛି କହିପାରୁ ନାହାନ୍ତି। କେବଳ ଗୋଟିଏ କଥା କହୁଛନ୍ତି ସେ ଗୋଟିଏ ଘରେ ଥିଲେ।’ ଭେଜିଲଙ୍କେ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ବିଦ୍ୟୁତ୍ ଝଟ୍‌କା ଦେଉଥିବା ମାଛ



ନଦୀ ତଥା ସମୁଦ୍ରରେ ବିଭିନ୍ନ ପ୍ରଜାତିର ମାଛ ଦେଖାଯାନ୍ତି। ପ୍ରତ୍ୟେକ ପ୍ରଜାତି ମାଛର ନିଜସ୍ୱ ବିଶେଷତ୍ୱ ରହିଥାଏ। ତନ୍ମଧ୍ୟରୁ କିଛି ମାଛ ମଣିଷମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇଥାନ୍ତି। ଏମିତି ଏକ ବିରଳ ଓ ବିପଜ୍ଜନକ ମାଛ ହେଉଛି ଇଲ୍। ଏହି ମାଛ ଏତେ ଭୟାନକ ଯେ, ଏହାର ଝଟ୍‌କାରେ କୁମ୍ଭୀରଟିଏ ବି ମରିଯାଏ। ଇଲ୍ ମାଛ ଦେହରେ ହାଇଭୋଲଟେଜ୍ କରେଣ୍ଟ ଅଛି। ଜୀବନ ପ୍ରତି ବିପଦ ଅଛି ଆଶଙ୍କା କଲେ ଇଲ୍ ମାଛ ୮୬୦ ଭୋଲ୍‌ଟର କରେଣ୍ଟ ଛାଡ଼ିଥାଏ। ଏହି ମାଛ କରେଣ୍ଟ ଦ୍ୱାରା ଶିକାର କରିବା ସହ ଏହାରି ସାହାଯ୍ୟରେ ନିଜ ଜୀବନ ମଧ୍ୟ ରକ୍ଷା କରିଥାଏ। ଇଲ୍ ମାଛ ତା’ର ଶରୀରରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ କରି ଝଟ୍‌କା ଦେଇଥାଏ। ଏହି ମାଛ ତାର ବିଦ୍ୟୁତ୍ ଝଟ୍‌କାରେ ମଣିଷକୁ ବେହୋସ କରିଦେଇପାରେ। ତେବେ ବୈଜ୍ଞାନିକମାନଙ୍କର କହିବା କଥା, ଇଲ୍ ମାଛରେ କିଛି ସ୍ୱତନ୍ତ୍ର କୋଷିକା ଅଛି, ଯାହାକୁ ଇଲେକ୍ଟ୍ରୋସାଇଟସ୍ କହନ୍ତି। ଏଥିରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ ହୁଏ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।



ମନ୍ଧାନାଙ୍କ ରେକର୍ଡ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-85 ♦THURSDAY ♦18 SEPTEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୮୫ ♦ଗୁରୁବାର ♦୧୮ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

# ବିରୋଧୀଙ୍କ ଶସ୍ତ୍ର ନାରୀ-ସାର-ରଙ୍ଗ

■ ଭୁବନେଶ୍ୱର, ୧୭।୯ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ୍ ମୌସୁମୀ ଅଧିବେଶନ। ୭ ଦିନିଆ ଏହି ସଂକ୍ଷିପ୍ତ ଅଧିବେଶନରେ ସରକାରଙ୍କୁ ଘେରିବା ଓ ଅକଳରେ ପକାଇବା ପାଇଁ ଉଭୟ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ । ଗତ ବଜେଟ ଅଧିବେଶନରୁ ମୌସୁମୀ ଅଧିବେଶନ ମଧ୍ୟରେ ରାଜ୍ୟରେ ଘଟିଥିବା ଅନେକ ଘଟଣା ପାଇଁ ସରକାର ବେଶ୍ ଅଡୁଆ ସ୍ଥିତିର ସାମ୍ନା କରିଛନ୍ତି। ରାଜ୍ୟରେ ମହିଳା ସୁରକ୍ଷା ଏବଂ ଦୁଷ୍କର୍ମ ମାମଲା ପାଇଁ ଓଡ଼ିଶାକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିନ୍ଦିତ ହେବାକୁ ପଡ଼ିଛି। ଏହାବ୍ୟତୀତ ରାଜ୍ୟରେ ସାରର ଉତ୍କଟ ଅଭାବ, ଧାନର କଟନିଛଟନୀ, ଚାଷୀ ପଞ୍ଜିକରଣ, ପଞ୍ଚାୟତ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧି, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣିବେ। ବୁଧବାର ସନ୍ଧ୍ୟାରେ ଦୁଇ ଦଳର ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି ଓ ସରକାରଙ୍କୁ ଭେଦ କରିବା ପରି ଅଭେଦ୍ୟ ତୀରକୁ ଦୁଇ ଦଳ ପ୍ରସ୍ତୁତ କରି ରଖିଛନ୍ତି। ଏହି ସମୟରେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ କଂଗ୍ରେସର ଘୋଷଣା ସରକାରଙ୍କୁ ଗଳଦଘର୍ମ କରିଛି।

ଗତ ୩ରୁ ୪ ମାସ ମଧ୍ୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିପାରନ୍ତି। ପ୍ରମୁଖ ସମସ୍ୟା ବ୍ୟତୀତ ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଅଟକିବା, ରଥଯାତ୍ରା ବିଭ୍ରାଟ ଆଦି ପ୍ରସଙ୍ଗରେ ମଧ୍ୟ ଗୃହ କମ୍ପିବା ନେଇ ଅନୁମାନ କରାଯାଉଛି।

ଅନୁରୂପ ଭାବରେ ପୋଲାଭରମ୍ ପ୍ରକଳ୍ପ ଶୀଘ୍ର କାର୍ଯ୍ୟାନ୍ୱୟନ ହେବା ପାଇଁ କେନ୍ଦ୍ର ସରକାର ବଜେଟରେ ଅର୍ଥ ଆବଣ୍ଟନ କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ସରକାରଙ୍କ 'ଆପୋସ' ସଂଜ୍ଞାକୁ ନେଇ ରାଜ୍ୟରେ ବିଭ୍ରାନ୍ତି ସୃଷ୍ଟି ହୋଇଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ମଧ୍ୟ ନିଜ ଆଡୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ପ୍ରଥମ କିସ୍ତି ପରେ ସୁଭଦ୍ରାରେ ଲକ୍ଷଲକ୍ଷ ମହିଳା ବାଦ ପଡ଼ିଛନ୍ତି ଓ ସରକାର ଗଠନର ୧୪ ମାସ ପରେ ବି ବିକାଶମୂଳକ କାମ ଏକପ୍ରକାର ବାଟ ହୁଡ଼ିଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଢାଞ୍ଚାରେ ସରକାର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ ହେଁ ଏଥିପାଇଁ ଅନୁଦାନ ମିଳୁନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ଅଣାୟତ୍ତ ହୋଇଛି। ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଥିବାବେଳେ ସରକାର କେବଳ ରଙ୍ଗ ଓ ନାମ ବଦଳ ରାଜନୀତିରେ ଲିପ୍ତ ଅଛନ୍ତି । ଅପରପକ୍ଷେ ୧୫ ମାସ ବିତିଥିବାବେଳେ ପ୍ରଶାସନିକ ସ୍ଥାଣୁତା, ମନ୍ତ୍ରୀ, ସଚିବଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଗୋଟିଏ ମନ୍ତ୍ରୀଙ୍କର ଅନ୍ୟ ବିଭାଗରେ ଅଯଥା ହସ୍ତକ୍ଷେପ, ବିବାଦୀୟ ମନ୍ତବ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ତେଣୁ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି ▶ପୃଷ୍ଠା-୭



### ସରକାରଙ୍କ ପାଇଁ ସହଜ ହେବନାହିଁ ଅଧିବେଶନ

### ଗୃହରେ ଅନାସ୍ଥା ପ୍ରସ୍ତାବ ଆଣିବ ବିରୋଧୀ କଂଗ୍ରେସ

## କଠୋର ଆଭିମୁଖ୍ୟ ଗ୍ରହଣ କରିବ ଦଳ: ନବୀନ





■ ଭୁବନେଶ୍ୱର, ୧୭।୯ (ସମିସ): ଗତ ସାଢ଼େ ତିନି ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମିଛ ପ୍ରଚାର ବ୍ୟତୀତ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ଏସବୁ ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ନିଜ ସ୍ୱର ଶାଣିତ କରିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହାସହ ଚାଷୀ, ମହିଳା, ପଞ୍ଚାୟତିରାଜ ବ୍ୟବସ୍ଥା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବିଧାନସଭାରେ କଠୋର ଆଭିମୁଖ୍ୟ ନେଇ କାମ କରିବ ବୋଲି ବିରୋଧୀ ଦଳ ନେତା ବିଧାୟକଙ୍କୁ ପରାମର୍ଶ ଦେଇ କହିଛନ୍ତି। ବୁଧବାର ସନ୍ଧ୍ୟାରେ ବିଜେଡିର ବିଧାୟକ ଦଳ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଧାନସଭାର ମୌସୁମୀ ଅଧିବେଶନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ଗତ ସାଢ଼େ ୩ ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ▶ପୃଷ୍ଠା-୭

**ବିଜେଡି ବିଧାୟକ ଦଳ ବୈଠକ**

**ମହିଳା ସୁରକ୍ଷା, ସାର ଅଭାବ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧିକୁ ମୁଖ୍ୟ ପ୍ରସଙ୍ଗ କରିବ ବିଜେଡି**

**ମିଛ ପ୍ରଚାର ବ୍ୟତୀତ ସବୁ କ୍ଷେତ୍ରରେ ବିଫଳ ରାଜ୍ୟ ସରକାର**

## ୧୯୮୭ ପରେ ଜନ୍ମିତ ଭୋଟରଙ୍କ ପାଇଁ ଇସିଆଇଙ୍କ ସର୍ତ୍ତ

# ବାପା-ମା'ଙ୍କ ଜନ୍ମ ଓ ସ୍ଥାନ ପ୍ରମାଣପତ୍ର ଦେବା ଜରୁରୀ

■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିରୋଧୀ ବିକ୍ଷୋଭ କରୁଛନ୍ତି। ଏହା ମାଧ୍ୟମରେ ନିର୍ବାଚନ କମିସନ ଜାଲିଆତି କରି ସରକାରଙ୍କୁ ସମର୍ଥନ ଦେଉଥିବା ଅଭିଯୋଗ ଲଗାଇଛନ୍ତି। ଏହାସତ୍ତ୍ୱେ ସାରା ଦେଶରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାଚନ କମିସନ (ଇସି) ଘୋଷଣା କରିଛନ୍ତି। ଏହି ମାମଲା ମଧ୍ୟ ସୁପ୍ରିମକୋର୍ଟରେ ଚାଲିଛି। ପ୍ରକ୍ରିୟାରେ ତ୍ରୁଟି ଥିବା ଜଣା ପଡ଼ିଲେ ସମ୍ପୂର୍ଣ୍ଣ ଏସଆଇଆରକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଏସ୍ଆଇଆରକୁ ନେଇ କମିସନ୍ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଦେଶ ଅଧିକାଂଶ ରାଜ୍ୟର ଅଧାରୁ ଅଧିକ ଭୋଟରଙ୍କୁ କୌଣସି ପ୍ରକାରର ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। କାରଣ ଏଭଳି ଭୋଟରଙ୍କ ନାମ ପୂର୍ବରୁ ହୋଇଥିବା ଏସଆଇଆର ଭୋଟର ତାଲିକାରେ ସାମିଲ ରହିଛି। ▶ପୃଷ୍ଠା-୭

**ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ**

### ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ

■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଏଥର ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ବାଲାଟ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ। ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଏବଂ ଫଟୋର ଆକାର ମଧ୍ୟ ବଡ଼ କରାଯିବ। ପ୍ରାର୍ଥୀଙ୍କ ନାମକୁ ଭୋଟର ଭଲ ଭାବେ ପଢ଼ିବା ଏବଂ ଦେଖିବା ପାଇଁ ଏହି ସଂଶୋଧନ କରାଯାଉଛି। ବିହାର ବିଧାନସଭା ନିର୍ବାଚନରୁ ଭାରତୀୟ ନିର୍ବାଚନ କମିସନ ଏହା ଆରମ୍ଭ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ ଇଭିଏମ ବାଲଟ ପେପରରେ ସବୁ ପ୍ରାର୍ଥୀଙ୍କ ନାମ, ନିର୍ବାଚନୀ ଚିହ୍ନ ଏବଂ ଫଟୋ ରହିଥାଏ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ୧୯୬୧ର ନିୟମ ▶ପୃଷ୍ଠା-୭

## ଇ-ଚାଲାଣପ୍ରାପ୍ତଙ୍କୁ ମିଳିବ ଆଶ୍ୱସ୍ତି

# ରିଆତି ଜରିମାନାରେ ମୁକୁଳିବେ ଗାଡ଼ି ମାଲିକ

■ ଭୁବନେଶ୍ୱର, ୧୭।୯ (ସମିସ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମରେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ଆଶ୍ୱସ୍ତି ମିଳିବ। ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଏନେଇ ବୁଧବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ରିଆତି ଜରିମାନ ରାଶି ତାଲିକା ମଧ୍ୟ ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ 'ଏକକାଳୀନ ▶ପୃଷ୍ଠା-୭

### ପ୍ରତ୍ୟାହାର ହେବ ଇ-ଚାଲାଣ ମାମଲା

■ ଭୁବନେଶ୍ୱର, ୧୭।୯ (ସମିସ): ଟ୍ରାଫିକ ନିୟମ ଉଲ୍ଲଘଂନ ଅଭିଯୋଗରେ ଅଦାଲତରେ ପଡି ରହିଥିବା ମାମଲାଗୁଡିକୁ ପ୍ରତ୍ୟାହାର କରାଯାଇ ଏହି ମାମଲାରେ କିଭଳି ଉଲ୍ଲଂଘନକାରୀଙ୍କ ଠାରୁ ଜୋରିମାନା ଟଙ୍କା ଆଦାୟ କରାଯିବ ସେନେଇ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ପରିବହନ କମିଶନର ଏହାର ସଦସ୍ୟ ଆବାହକ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆଇନ୍ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଓ ଗୃହ ବିଭାଗର ଜଣେ ଲେଖାଁଏ ଅଧିକାରୀ ମଧ୍ୟ ସଦସ୍ୟ ରହିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଘଂନ ଅଭିଯୋଗରେ ବହୁ ଗାଡ଼ି ଚାଳକଙ୍କ ▶ପୃଷ୍ଠା-୭

# ଓଏଭି ଦିଶାହୀନ

## ୮୨ ପ୍ରତିଶତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ

■ ଭୁବନେଶ୍ୱର, ୧୭।୯ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଖାଲି ପଡ଼ିଛି ଅଧ୍ୟକ୍ଷ ଓ ଶିକ୍ଷକ ପଦ ଖାଲି। ଅର୍ଦ୍ଧାଧିକ ବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ବିଭିନ୍ନ ବିଷୟରେ ପାଠ ପଢ଼ାଇବାକୁ ମଧ୍ୟ ଶିକ୍ଷକ ନାହାନ୍ତି। ୩୮ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରିକି ନିୟମିତ ଅଧ୍ୟକ୍ଷ ନ ଥିବାରୁ ପ୍ରଶାସନିକ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଛି। ଫଳରେ ରାଜ୍ୟର ଏହି ଅନନ୍ୟ ଏବଂ ପ୍ରଥମ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ଲକ୍ଷ୍ୟଭ୍ରଷ୍ଟ ହେଉଛି। କୌତୂହଳର କଥା ହେଉଛି ୩୧୫ଟି ବିଦ୍ୟାଳୟରେ ମାତ୍ର ଜଣେ ଲାଇବ୍ରେରୀଆନ୍ ନିଯୁକ୍ତ ହୋଇଛନ୍ତି।

ରାଜ୍ୟରେ ମୋଟ୍ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସହିତ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ସମୁଦାୟ ୩୨୦ଟି ବିଦ୍ୟାଳୟ ମଧ୍ୟରୁ ୨୬୫ଟି ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଅର୍ଥାତ୍ ୮୨ ପ୍ରତିଶତ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ସେହିପରି ମୋଟ୍ ୭୩୭୦ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୨୮୦୫ଟି ପଦ ଖାଲି ପଡ଼ିଛି। ଶିକ୍ଷା ସାଙ୍ଗକୁ ପିଲାଙ୍କୁ କଳା କ୍ଷେତ୍ରରେ ମଧ୍ୟ ଦକ୍ଷ କରିବା ପାଇଁ ଆର୍ଟ ଓ ସଂଗୀତ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ହେଲେ ଏସବୁ ବାଟବଣା ହୋଇଛି। ୩୧୪ଟି ଲେଖାଏଁ ପଦରୁ ୧୦୧ଟି ଆର୍ଟ ଶିକ୍ଷକ ଖାଲି ପଡ଼ିଥିବାବେଳେ ୨୩୪ଟି ସଂଗୀତ ଶିକ୍ଷକ ପଦରେ କେହି ନାହାନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପଠନ କ୍ଷମତା ବଢ଼ାଇବା ଏକାଧିକ ପଦକ୍ଷେପ ନିଆଯାଉଥିବା ବେଳେ ପିଲାଙ୍କୁ ବହି ଯୋଗାଇବାକୁ ଉଦ୍ଦିଷ୍ଟ ଲାଇବ୍ରେରିଆନ୍ ପଦ ମଧ୍ୟ ଫାଙ୍କା ରହିଛି। ୩୧୫ଟି ଓଏଭିରେ ମାତ୍ର ଜଣେ ଲାଇବ୍ରେରୀଆନ୍ ନିଯୁକ୍ତ ହୋଇଥିବାବେଳେ ୩୧୪ଟିରେ କେହି ନାହାନ୍ତି। ୬୬୩ଟି ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ଏବଂ ୮୯୧ଟି ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ମଧ୍ୟ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ଏକ ପ୍ରକାର ବାଟବଣା ହୋଇ ଯାଇଛି। ୮୨ ପ୍ରତିଶତ ବିଦ୍ୟାଳୟରେ ଅଧ୍ୟକ୍ଷ ଏବଂ ୩୮ ପ୍ରତିଶତ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ସମସ୍ତ ପଦ ପୂରଣ କରି ଶିକ୍ଷାଦାନ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

**ମୋଟ ଶିକ୍ଷକ ପଦରୁ ୩୮ ପ୍ରତିଶତ ଖାଲି**

**ଆର୍ଟ ଓ ସଂଗୀତ ଶିକ୍ଷକ ସଂଖ୍ୟା ସର୍ବନିମ୍ନ**

**୬୬୩ ଟିଜିଟି, ୮୯୧ ପିଜିଟି ପଦ ଖାଲି**

**୩୧୫ ସ୍କୁଲରେ ମାତ୍ର ଜଣେ ଲାଇବ୍ରେରୀଆନ**

# ପୁଲିସ ପଞ୍ଝାରେ ୩ ବନ୍ଧୁକ ମାଫିଆ



■ ଭୁବନେଶ୍ୱର, ୧୭।୯ (ସମିସ): ଚୋରା ବନ୍ଧୁକ କାରବାରବେଳେ ଜଣେ ଝାରଖଣ୍ଡୀ ମାଫିଆଙ୍କ ସହ ୩ ଜଣଙ୍କୁ ଗିରଫ କରିଛି ପୁଲିସ ସ୍ୱତନ୍ତ୍ର ଅପରାଧ ଶାଖା। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହରଦଗା ଥାନା ଉପର ବଜାରର ଟିପୁ ଓରଫ୍ ମହେଶ କୁମାର ସାହା (୫୦), ଜଙ୍କିଆ ଥାନା ଗୟାବନ୍ଧର ଫିରୋଜ ଅଲ୍ଲୀ ଖାନ ଓରଫ୍ ବୁଲୁ (୫୩) ଓ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଉଳ ଟାଙ୍ଗୀର ଏମଡି ସକାବତ (୪୮)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ସକାଳେ ମୈତ୍ରୀ ବିହାର ଥାନା ଅଞ୍ଚଳରେ ବନ୍ଧୁକ ଡିଲ୍ ଚାଲିଥିବା ବେଳେ ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ହାତିଆଶୁଣୀରେ ଚଢ଼ଉ କରିଥିଲା। ସେଠାରେ ଟିପୁ, ବୁଲୁ ଓ ସକାବତଙ୍କ ଠାରୁ ୮ଟି ବନ୍ଧୁକ, ୧୦ଟି ମାଗାଜିନ୍ ଓ ୩୪ଟି ଜୀବନ୍ତ ଗୁଳି ମିଳିଥିଲା। ଏଥିସହିତ ୪ଟି ମୋବାଇଲ ଫୋନ, ୩ଟି କାର ଓ ୨୪୦୦ ଟଙ୍କାକୁ ପୁଲିସ ଜବତ କରିଥିଲା। ବୁଲୁ ଓ ସକାବତ ମିଶି ଝାଡ଼ଖଣ୍ଡରୁ ବନ୍ଧୁକ ଅର୍ଡର କରିଥିଲେ। ସେଥିପାଇଁ ଅଗ୍ରୀମ ଟଙ୍କା ମଧ୍ୟ ଦେଇଥିଲେ। ଟଙ୍କା ପାଇବା ପରେ ଟିପୁ ଝାଡ଼ଖଣ୍ଡରୁ ▶ପୃଷ୍ଠା-୭

**୮ ବନ୍ଧୁକ, ୧୦ ମାଗାଜିନ୍, ୩୪ ଗୁଳି ଜବତ**

**ବନ୍ଧୁକ କାରବାର ପାଇଁ ୯ ବିବାହ କରିଛି ଟିପୁ**


**କନେଷ୍ଟବଳ ନିଖୋଜ ଘଟଣାର ପର୍ଦ୍ଦାଫାସ୍**

## ବୀମା ଅର୍ଥ ପାଇଁ ପିଶାଚ ସାଜିଲା କନେଷ୍ଟବଳ ସ୍ୱାମୀ

# ରାଜଧାନୀରେ ମାରିଲା, ଘଟଗାଁରେ ପୋତିଲା

■ ଭୁବନେଶ୍ୱର, ୧୭।୯ (ସମିସ): ରାଜଧାନୀରୁ ନିଖୋଜ ହେବାର ୧୧ ଦିନ ପରେ ଘଟଗାଁ ଜଙ୍ଗଲ ମାଟିତଳୁ ମିଳିଛି ମହିଳା କନଷ୍ଟେବଳ ଶୁଭମିତ୍ରାଙ୍କ ଗଳିତ ଶବ। କମିଶନରେଟ ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଳ ଦୀପକ ରାଉତ ସମ୍ପୃକ୍ତ ମହିଳା କନଷ୍ଟେବଳଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁରେ ପୋତିଥିବା ପ୍ରମାଣ ମିଳିଛି। ନିଖୋଜ ଓ ଅପହରଣ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ପୁଲିସ ଅଣଦେଖାର ମୂଲ୍ୟ ଶୁଭମିତ୍ରା ଓ ତାଙ୍କ ପରିବାରକୁ ଦେବାକୁ ପଡ଼ିଛି। ପ୍ରଥମ ପତ୍ନୀଙ୍କ ଦୁର୍ଘଟଣାଜନିତ ସନ୍ଦିଗ୍ଧ ମୃତ୍ୟୁ ପରେ କୋଟିଏ ଟଙ୍କାର ବୀମା ପାଇଥିବା କମିଶନରେଟ ପୁଲିସର କନଷ୍ଟେବଳ ଦୀପକ ରାଉତ ପୁଣି କୋଟିଏ ଟଙ୍କା ବୀମାରାଶି ହାତେଇବାକୁ କନଷ୍ଟେବଳ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ କମିଶନର୍ ସୁରେଶ ଦେବଦତ୍ତ ସିଂହଙ୍କ କାର୍ଯ୍ୟାଳୟର ଜଣେ ପୁଲିସ କର୍ମଚାରୀ ଏହି ଘଟଣାରେ ଜଡ଼ିତ ଥିବା ପୁଲିସର ଭୂମିକା ଓ ଚରିତ୍ରକୁ ସନ୍ଦେହରେ ପକାଇଛି। ୧୦ଲକ୍ଷ ଟଙ୍କା ନେଣଦେଣ ପାଇଁ ଉଭୟଙ୍କ ମଧ୍ୟରେ କଳିରୁ ଏହି ଘଟଣା ଘଟିଥିବା ▶ପୃଷ୍ଠା-୭

**୧୧ ଦିନ ପରେ ଗଳିତ ଶବ ଜବତ; ୩ ଗିରଫ**





**ସନ୍ଦେହଘେରରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ; ପାଇଥିଲେ ୧ କୋଟିର ଦୁର୍ଘଟଣା ବୀମା ରାଶି**

**ଆଉ କୋଟିଏ ଟଙ୍କା ପାଇଁ ଶୁଭମିତ୍ରାଙ୍କୁ ହତ୍ୟା ସନ୍ଦେହ**

**କେତୋଟି ଅବୋଧ ପ୍ରଶ୍ନ**

- ଅପହରଣ ପରିବର୍ତ୍ତେ ନିଖୋଜ ମାମଲା ରୁଜୁ ହେଲା କାହିଁକି ?
- ତଦନ୍ତରେ ପୁଲିସର ଅବହେଳା ପଛରେ କେଉଁ ରହସ୍ୟ ରହିଛି?
- ଦୀପକ ରାଉତଙ୍କୁ ସୁରକ୍ଷା ଦେବାରେ କମିଶନରେଟ ପୁଲିସର ଭୂମିକା?

## ଗୃହ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ: ନବୀନ



■ ଭୁବନେଶ୍ୱର, ୧୭।୯ (ସମିସ): କମିଶନରେଟ ପୁଲିସରେ କାର୍ଯ୍ୟରତ ୨୫ ବର୍ଷୀୟ ମହିଳା କନେଷ୍ଟବଳ ରାଜଧାନୀରୁ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମିଳିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ତାଙ୍କୁ ଅତ୍ୟନ୍ତ ବ୍ୟଥିତ ଓ ଚକିତ କରିଥିବା ଉଲ୍ଲେଖ କରି ଗୃହ ବିଭାଗ କୁମ୍ଭକର୍ଣ୍ଣ ନିଦରୁ ଉଠୁ ବୋଲି ନବୀନ କହିଛନ୍ତି। 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ସାରି ଘରକୁ ଫେରି ନ ଥିଲେ। ତାଙ୍କ ମାଆ ୭ ▶ପୃଷ୍ଠା-୭

### ଉନ୍ନୟନମୂଳକ କାର୍ଯ୍ୟ ଠପ୍

# ଜିଲ୍ଲାପାଳଙ୍କୁ ଜିଲ୍ଲା ପରିଷଦ ସଭାପତିଙ୍କ ଦାବିପତ୍ର



କୋରାପୁଟ,୧୭ ।୯ (ସମିସ) କୋରାପୁଟ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଥିବାରୁ ଜିଲ୍ଲା ପରିଷଦ ସଭାପତି ଏବଂ ସଦସ୍ୟ ଓ ସଦସ୍ୟା ମାନେ ଉଦ୍‌ବେଗ ପ୍ରକାଶ କରି ଆଜି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲକାଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଓ ସଦସ୍ୟା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଶିକ୍ଷା କ୍ଷେତ୍ରରେ କୋରାପୁଟ ଜିଲ୍ଲା ଓଡ଼ିଶାର ସବୁଠାରୁ ପଛୁଆ, ଜିଲ୍ଲାର ସାମାଜିକ-ଆର୍ଥିକ ପରିସ୍ଥିତି ଯୋଗୁଁ ଶିକ୍ଷାରେ ଜିଲ୍ଲା ବହୁ ପଛରେ ରହିଛି । ଶିକ୍ଷକ କର୍ମଚାରୀଙ୍କ ଅଭାବ ଏବଂ ଅପର୍ଯ୍ୟାପ୍ତ ଭିତ୍ତିଭୂମି ମୁଖ୍ୟ ବାଧା ସୃଷ୍ଟି କରୁଛି । ପ୍ରାଥମିକ ଶିକ୍ଷାସ୍ତରରୁ ଉଚ୍ଚଶିକ୍ଷା ସ୍ତର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସ୍କୁଲ ଓ ଗଣଶିକ୍ଷା ଏବଂ ଏସଏସଡ ବିଭାଗ ଉଭୟ ଅଧୀନରେ ଅନେକ ଶିକ୍ଷକ ଅଣଶିକ୍ଷଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଯାହା ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ବାଧା ସୃଷ୍ଟି କରୁଛି । ଜନସଂଖ୍ୟା ଏବଂ ଅପହଞ୍ଚତା ଯୋଗୁଁ ଜିଲ୍ଲାରେ ଖରାପ ରାସ୍ତା ଏବଂ ଯୋଗାଯୋଗ ସୁବିଧାରୁ ଲୋକେ ବଞ୍ଚିତ । ଯୋଗାଯୋଗ ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା, ବହୁ ସଂଖ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ସ୍ୱାସ୍ଥ୍ୟ ସେବା ଏବେ ବିପର୍ଯ୍ୟସ୍ତ ହୋଇ ପଡିଛି । କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ଉପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିବାସୀ ନିର୍ଭର କରନ୍ତି । କିନ୍ତୁ ଏଠାରେ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ପ୍ରଚୁର ପରିମାଣରେ ଖଣି ରହିଥିଲେ ମଧ୍ୟ ଜିଲ୍ଲାରେ ସେମିତି କିଛି ଉନ୍ନତି ହେଉନାହିଁ । ଏଭଳି ୧୪ଟି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ମହିଳା ବିଜୁ ଜନତା ଦଳ ପକ୍ଷରୁ ଦାବିପତ୍ର



ନବରଙ୍ଗପୁର,୧୭।୯ (ସମିସ):

ଓଡ଼ିଶା ରାଜ୍ୟରେ ମହିଳା ମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ କାର୍ଯ୍ୟ ପ୍ରତିବାଦରେ ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ନବରଙ୍ଗପୁର ଜିଲ୍ଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ରାଜ୍ୟ ପୁଲିସ ବିଭାଗ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର, ଯେପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା, ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି । ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ୍ୟ ପ୍ରକାଶ କରୁଛି ବୋଲି ଅଭିଯୋଗ କରିଛି ନବରଙ୍ଗପୁର ବିଜୁ ମହିଳା ଜନତା ଦଳ । ଏଣୁ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରି , ପୂର୍ବତନ ବିଧାୟକ ସଦାଶିବ ପ୍ରଧାନି, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲ୍ଲା ମହିଳା ବିଜୁ ଜନତା ଦଳର ଶୋଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ କୁମାର ରଥ, କୌଶଲ୍ୟା ପ୍ରଧାନି, ନବିନା ନାୟକ, ରଶ୍ମିତା ମାଝୀ, ରୀତା ସୌରା,କାମିନୀ ପାଢ଼ୀ, କାଉନସିଲର ଏମ ରାଜେଶ୍ୱରୀ, କାଉନସିଲର ପି ଉଷାରାଣୀ ,କାଉନସିଲର ପି କେଶବ ରାଜୁ , କାଉନ୍‌ସିଲର ରାମ ହରିଜନ ରବି ପଟ୍ଟନାୟକ , ଉତ୍ତମ ତ୍ରିପାଠୀ, କୁନା ପାଢ଼ୀ, ସୁମିତ ପୂଜାରୀ, ନନ୍ଦ ନାୟକ, ଚନ୍ଦ୍ର ମଲ୍ଲିକ, ରାମ ପଟ୍ଟନାୟକ, ରାଜେଶ୍ ପଣ୍ଡା,ବବିତା ସାହୁ ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ବୃହତ୍ ସ୍ୱୟଂସହାୟକ ଗୋଷ୍ଠୀ ଋଣ ମେଳା

■ -୫୪ ଗ୍ରୁପ୍ ପାଇଁ ୨ କୋଟି ୨୦ ଲକ୍ଷ



ବୈପାରୀଗୁଡ଼ା, ୧୭।୯ (ସମିସ): ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଇଓବି ବ୍ୟାଙ୍କ ପକ୍ଷରୁ ବୃହତ୍ ସ୍ୱୟଂସହାୟକ ଗୋଷ୍ଠୀ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଋଣ ଟଙ୍କାରୁ କିପରି ଅଧିକ ଅର୍ଥ ଉପାର୍ଜନ କରିବେ ସେ ନେଇ ମହିଳାଙ୍କୁ ସଚେତନ କରାଯାଇଛି । ବ୍ଲକର ମୋଟ ୫୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୨ କୋଟି ୨୦ ଲକ୍ଷ ଋଣ ମଞ୍ଜୁର କରାଯାଇଥିବା ଆଜିର କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି । ଗ୍ରୁପ ମହିଳଙ୍କୁ ଚେକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରରେ, ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଏବିଡ଼ିଓ ନିବେଦିତା ଦଣ୍ଡସେନା, ଆଇଓବି ଷ୍ଟାପ ମଧ୍ୟରୁ ରିଜୋନାଲ ମ୍ୟାନେଜର କୁର୍ସିତ ରାବାନୀ, ଅର୍ଚିତା ପଣ୍ଡା, ବ୍ରାଞ୍ଚ ମେନେଜର ରଞ୍ଜୀତ ମେହେର ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବ୍ୟାଙ୍କ ମିତ୍ର ବିଜୟ ଲକ୍ଷ୍ମୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହୀରାଖଣ୍ଡ ଟ୍ରେନ୍‌ରୁ ଗୋଡ଼ ଖସି ଯୁବକ ଗୁରୁତର

ଜୟପୁର, ୧୭ ।୯ (ସମିସ): ଭୁବନେଶ୍ୱର ଅଭିମୁଖେ ଯାଉଥିବା ହୀରାଖଣ ଏକ୍ସପ୍ରେସରେ ଜୟପୁର ଷ୍ଟେସନରେ ଟ୍ରେନ ଉପରେ ଚଢୁଥିବା ଜଗସିଂହପୁର ଅଞ୍ଚଳର ବିଜୟ କୁମାର ବେହେରାଙ୍କ ଗୋଡ ଖସି ଗୁରୁତର ହୋଇଥିବା ଜଣାପଡିଛି । ଆଜି ହୀରାଖଣ ଟ୍ରେନ ଏକ ନମ୍ବର ପ୍ଲାଟଫର୍ମରେ ରହିଥିବା ସମୟରେ ଜଗତସିଂପୁର ଅଞ୍ଚଳର ଶ୍ରୀ ବେହେରା ଟ୍ରେନରେ ନଚଢି ଗାଡି ଛାଡିବା ସମୟରେ ଧାଇଁ ଧାଇଁ ଟ୍ରେନରେ ଚଢିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଗୋଡ ଖସିଯିବା କାରଣରୁ ସେ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଟ୍ରେନର ଚେନ ଟାଣିବା ପରେ ଟ୍ରେନଟି ଅଟକିବା ପରେ ସ୍ଥାନୀୟ ଲୋକେ ଶ୍ରୀ ବେହେରାଙ୍କୁ ଉଦ୍ଧାର କରି ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ । ରେଳ ବିଭାଗ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଚିକିତ୍ସା କରୁଥିବା ପ୍ରକାଶ କରିଛନ୍ତି । ମୃତକ ଜଣକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଜଣାପଡିଛି ।

■ ସ୍କୁଲ୍‌ରେ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ



କୋରାପୁଟ,୧୭ ।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତଗିରି ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଜଣେ ଶିକ୍ଷୟତ୍ରୀ ନାଁରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଅଭିଭାବକ । ସାମୂହିକ ଭାବେ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଅଭିଯୋଗ ଅନୁଯାୟୀ ଶିକ୍ଷୟିତ୍ରୀ ଜଣଙ୍କ ପାଠ ନ ପଢାଇ କ୍ଲାସରେ ମୋବାଇଲରେ ପିଲାଙ୍କ ଭିଡିଓ ସୁଟିଂ କରୁଛନ୍ତି । ତାଙ୍କୁ କୌଣସି ଆପତ୍ତି କଲେ ମାର୍କ କାଟି ଦେବାରୁ ଧମକ ମଧ୍ୟ ଦେଉଛନ୍ତି । ପିଲାମାନେ ଘରେ ମାନସିକ ଚାପରେ ରହୁଛନ୍ତି ବୋଲି ଅଭିଭାବକ ମାନେ କହିଛନ୍ତି । ପିଟିଏ ବୈଠକରେ ଅଭିଭାବକ ଓ ଛାତ୍ରଛାତ୍ର ମାନେ ବିଦ୍ୟାଳୟର ଅଧକ୍ଷଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ ମଧ୍ୟ ଶିକ୍ଷୟିତ୍ରୀ ଜଣକ ଉକ୍ତ ବୈଠକରେ ଜାଣିଶୁଣି ଅନୁପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ଅଧକ୍ଷଙ୍କ ସହିତ ଆଲୋଚନା ଓ ଅଭିଯୋଗ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ବିଦ୍ୟାଳୟ ତରଫରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅଭିଯୋଗକୁ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଯାଇଛି ବୋଲି ଅଧକ୍ଷ କହିଛନ୍ତି ବୋଲି ଅଭିଭାବକ ମାନେ କହିଛନ୍ତି । ଆଗକୁ ଅର୍ଦ୍ଧବାର୍ଷିକ ପରୀକ୍ଷା ଆସୁଛି ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ସହ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଏକାଦଶ ଶ୍ରେଣୀର ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ



ଝରିଗାଁ,୧୭।୯ (ସମିସ):

ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ଅଧକ୍ଷତାରେ ଦୁର୍ଗା ପୂଜା ସକାଶେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଝରିଗାଁ ଥାନା ଅଞ୍ଚଳରେ ହେଉଥିବା ପୂଜା କମିଟିର ସଭାପତି, ସମ୍ପାଦକ,ସଭ୍ୟ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ବଣିକ ସଂଘର କର୍ମକର୍ତ୍ତା, ସାମ୍ବାଦିକ ଏବଂ ମୋଟର ଚାଳକ ସଂଘର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ରହିଥିଲେ । ସମସ୍ତ ପୂଜା ମେଢ ଆୟୋଜକ ଓ ପରିଚାଳନା କମିଟି ତାଙ୍କ ପୂଜାମେଢର ଫିଟନେସ ସାର୍ଟିଫିକେଟ୍ ବିଦ୍ୟୁତ ବିଭାଗ ଓ ଅଗ୍ନି ଶ୍ରମ ବିଭାଗ ଠାରୁ ଆଣିବେ । ମୂର୍ତ୍ତି ବିସର୍ଜନ ସମୟରେ ଉଚ୍ଚ ଶବ୍ଦ କରୁଥିବା ଡିଜେ ଏବଂ ଉଚ୍ଚ ଶବ୍ଦ ହେଉଥିବା ବାଣ ବ୍ୟବହାର ନକରିବା ପାଇଁ ପୁଲିସ ତରଫରୁ କୁହା ଯାଇଥିଲା । ସେହିପରି ରବାଣ ପୋଡି କାର୍ଯ୍ୟକ୍ରମ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଜନସମାଗମ ଓ ଭିଡର କୌଣସି ଅସୁବିଧା ଏଡାଇବା ନିମନ୍ତେ ଯଥେଷ୍ଟ ପଦକ୍ଷେପ ନେବା ସହିତ ପୁଲିସକୁ ସହଯୋଗ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ପୁଲିସ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ପେଣ୍ଡ୍ରାଣୀ ମା'ଙ୍କ ଶିରା ବଲ୍ଲଭ ମାଳିଙ୍କ ପରଲୋକ




ଉମରକୋଟ,୧୭।୯ (ସମିସ):

ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପେଣ୍ଡ୍ରାଣୀ ମା'ଙ୍କ ଶିରା ବଲ୍ଲଭ ମାଳିଙ୍କ ପରଲୋକ ଘଟିଛି । ଗତ ରାତି ପ୍ରାୟ ୨ ଟା ବେଳେ ଉମରକୋଟ ସହରର ଗୁଲିପାଟଣା ସାହିରେ ଥିବା ନିଜ ବାସ ଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା । କିଛି ଦିନ ଧରି ସେ ଅସୁସ୍ଥ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ସମଗ୍ର ନବରଙ୍ଗପୁର ଜିଲ୍ଲା , ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବସ୍ତର, କୋଣ୍ଡାଗାଁ ଅଞ୍ଚଳର ଅନେକ ଲୋକ ଶେଷ ଦର୍ଶନ ପାଇଁ ପହଞ୍ଚି ଥିଲେ । ୨ ହଜାରରୁ ଅଧିକ ଲୋକ ଉପସ୍ଥିତି ଥିଲେ । ବଲ୍ଲଭ ମାଳି ମା' ପେଣ୍ଡ୍ରାଣୀଙ୍କ ଶିରା ଅଟନ୍ତି । ତେଣୁ ଏହି ଅଞ୍ଚଳର ଲୋକେ ତାଙ୍କୁ ବହୁ ସମ୍ମାନ ଦିଅନ୍ତି ଓ ପୂଜା କରନ୍ତି । ଉମରକୋଟ ଅଞ୍ଚଳର ବାରପାଲି ଓ ଛତିଶଗଡ ଅଞ୍ଚଳର ଯେକୌଣସି ଯାତ୍ରା, ପୂଜା ପାର୍ବଣ ହୁଏ, ଲୋକେ ଶିରା ପାଖକୁ ଆସିଥାନ୍ତି । ମା' ପେଣ୍ଡ୍ରାଣୀ ଶିରାଙ୍କ ଦେହରେ ଆବିର୍ଭାବ ହୋଇ ନିର୍ଦ୍ଦେଶ ଦିଅନ୍ତି । ମାଁ ଙ୍କ ବାର୍ଷିକ ଉତ୍ସବ ସମୟରେ ବଲ୍ଲଭ ଶୀରା କଣ୍ଟା ଦୋଳିରେ ଝୁଲିବା ସହ ମା'ଙ୍କ ନବଦିନ ଯାତ୍ରା ସମୟରେ ମଧ୍ୟ ବହୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକାରେ ରହୁଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ପୂର୍ବତନ ଏମପି ରମେଶ ଚନ୍ଦ୍ର ମାଝୀ, ବରିଷ୍ଠ ନେତା ଜୟଦେବ କୁମାର ପରିଡ଼ା, ଭାଜପାରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୌର ଅଧକ୍ଷା ରାଧା ଭତ୍ରା, ପୂର୍ବତନ ପୌର ଅଧକ୍ଷା ପି.ରାବଣା ରାଓ ଓ ଝାଡେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ପୋଡ଼ାଗଡ଼,୧୭।୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଚାଉଳକନ୍ତି ପଡ଼ିଆ ଠାରେ ଏଲ୍‌ସି ୟୁଥ୍ କ୍ଲବ୍ ପକ୍ଷରୁ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମୋଟ ୨୦ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା । ଦଶମନ୍ତପୁରର ଏ ଟିମ୍ ଓ ବାଣୁଆଗୁଡ଼ା ବି ଟିମ୍ ସହ ଫାଇନାଲ ମ୍ୟାଚ୍ ଅତି ଆକର୍ଷଣୀୟ ହୋଇଥିଲା । ତେବେ ଖେଳ ସମୟ ସୁଦ୍ଧା ଉଭୟ ଦଳ କୌଣସି ସ୍କୋର କରିପାରିନଥିବା ବେଳେ ପିନାଲଟିକ୍‌ରେ ଦଶମନ୍ତପୁରର ଏ ଟିମ୍ ବାଣୁଆଗୁଡ଼ା ଟିମ୍‌କୁ ୪-୨ ଗୋଲ୍ ଦେଇ ଫାଇନାଲ ହାତେଇ ନେଇଛି । ବିଜେତାକୁ ଟ୍ରଫି ସହ ୯ ହଜାର ଟଙ୍କା ଓ ଉପବିଜେତାକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଅବ୍ରାହାମ ୱାଡେକା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସବାଇ ଜାନି, ପୂର୍ଣ୍ଣ ନାଚିକା ଉପସ୍ଥିତ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ । ଲଦିବେଡ଼ା ୟୁଥ୍ ମାନଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସୁରେଶ ଓ କାର୍ତ୍ତିକ ସାର୍ ସମସ୍ତ ଖେଳକୁ ପରିଚାଳନା କରିଥିଲେ କ୍ଷ ଗୋବିନ୍ଦ ଚନ୍ଦ୍ର ଗରଡ଼ା ଉପଦେଷ୍ଟା ଭାବେ ନିଜର କାର୍ଯ୍ୟ ନିର୍ବାହ କରିଥିବା ବେଳେ ସୁମନ୍ତ ଗରଡ଼ା, ସୁଦୀପ୍ତ ଗରଡ଼ା, ସଞ୍ଜୟ, ମନୋଜ, ପାତ୍ର ,ଯଦୁ, ଲେଡେ ଙ୍କ ସମେତ ଅନେକ ଯୁବକ ଏଥିରେ ସହଯୋଗ କରିଥିଲେ ।

# ମୋଟର ଚାଳକ ସଂଘର ଶୋଭାଯାତ୍ରା




କୋଷାଗୁମୁଡା,୧୭।୯ (ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ଠାରେ ଆଜି ଓଡିଶା ମଟର ଚାଳକ ସଂଘ କୋଷାଗୁମୁଡା ଶାଖା ସଭାପତି ଉକ୍ରଳ ଭତରାଙ୍କ ନେତୃତ୍ୱରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସେପ୍ଟେମ୍ବର ୧୭ ତାରିଖକୁ ରାଷ୍ଟ୍ରୀୟ ଚାଳକ ଦିବସ ରୂପେ ପାଳନ କରାଯାଇଛି । କୋଷାଗୁମୁଡା ବ୍ଲକ ସଦର ସ୍ଥିତ ଓଡ଼ିଶା ମଟର ଚାଳକ ସଂଘ କୋଷାଗୁମୁଡା ଶାଖା କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି କୋଷାଗୁମୁଡ଼ା ନଗର ପରିକ୍ରମା କରିଥିଲା । ହାତରେ ବିଭିନ୍ନ ପ୍ଲା କାର୍ଡ, ବ୍ୟାନର ଧରି ଚାଳକମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ନଗର ପରିକ୍ରମା ସାରି କାର୍ଯ୍ୟାଳୟ ଠାରେ ଲଗାଯାଇଥିବା ପେଣ୍ଡାଲରେ ସମସ୍ତେ ଏକତ୍ରିତ ହୋଇ ଏକ ସଭା କରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଦେଖିବାକୁ ମିଳିଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଗୁରୁପ୍ରସାଦ ପଣ୍ଡା, ଜିଲ୍ଲା ଆଇନ ପରାମର୍ଶ ଦାତା ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ ନର୍ସିଙ୍ଗ ତ୍ରିପାଠୀ, ଓଡିଶା ମଟର ଚାଳକ ସଂଘର ଅଭିବକ୍ତ କରାପୁଟ ଜିଲ୍ଲା ପ୍ରଭାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ରାଷ୍ଟ୍ରୀୟ ଚାଳକ ଦିବସ ଅବସରରେ ବ୍ୟାଣ୍ଡ ବାଜା ଧରି ଚାଳକମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଭଳି ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଛନ୍ତି । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡିଶା ମଟର ଚାଳକ ସଂଘ କୋଷାଗୁମୁଡା ବ୍ଲକ ଶାଖାର ସମସ୍ତ କର୍ମକର୍ତ୍ତା ସାହାଯ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଛି ।

# ରେସ୍ତୁରାଁ ନିକଟରେ ମାରପିଟ, ଥାନାରେ ମାମଲା

ଜୟପୁର, ୧୭ ।୯ (ସମିସ):

ଜୟପୁର ବାଇପାସ୍ ରୋଡରେ ସ୍ଥାନୀୟ ରେଷ୍ଟୁରାଣ୍ଟ ନିକଟରେ ଏକ ଡେଲିଭରି ବୟ ବିକାଶ ରଥକୁ ମାଡ଼ ମାରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଗତକାଲି ଡେଲିଭରି ବୟ ସ୍ଥାନୀୟ ପ୍ରସାଦରାଓ ପେଟା ଅଞ୍ଚଳର ଏ.ଚନ୍ଦ୍ରଶେଖରଙ୍କ ଘରୁ ଏକ ଆମାଜନ ପ୍ୟାକେଟ ପରିବର୍ତ୍ତନ ପାଇଁ ଆଣିବାକୁ ଯାଇଥିଲେ । ହୋଟେଲରେ ଚନ୍ଦ୍ରଶେଖର ଓ ବିକାଶଙ୍କ ମଧ୍ୟରେ ବଚସା ହେବା ପରେ ମାରପିଟ ହୋଇଥିଲା । ଏନେଇ ବିକାଶ ଓ ତାଙ୍କ ସମ୍ପର୍କୀୟ ମାନେ ଆସି ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ଚନ୍ଦ୍ରଶେଖରଙ୍କୁ ପକ୍ଷରୁ ଓଲଟା ଏକ ଏତଲା ଦିଆଯାଇଛି । ଉଭୟ ଏତଲାକୁ ଭିତ୍ତିକରି ଟାଉନ ପୁଲିସ ଏକ ମାମଲା ରୁଜୁ କରିଛି । ଡିସିଓ ସୁବାସ ଚନ୍ଦ୍ର ଷଡଙ୍ଗୀ କେବଳ ଉଭୟ ପକ୍ଷରୁ ଏତଲା ଗ୍ରହଣ କରାଯାଇଛି, ଥାନା ଅଧିକାରୀ ଆସିଲେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ପୋଡ଼ାଗଡ଼,୧୭।୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ସଦର ମହକୁମାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଦଶମନ୍ତପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଲନ କୁମାର ଝଙ୍କାର , ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ଦଶମନ୍ତପୁର ପ୍ରଶାନ୍ତ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବିଜ୍ଞାନ ମେଳା ଉଦଘାଟନ କରିଥିଲେ ଦଶମନ୍ତପୁର କଲେଜର ପ୍ରିନ୍ସପାଲ୍ । ଏହି ବିଜ୍ଞାନ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଜ୍ଞାନ ମେଳାରେ ଭୀମ ସେନ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବାବୁଲା ତୁରୁକ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉପସ୍ଥିତ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

# ଅନ୍ଧାରରେ ତଳକଣା ଗ୍ରାମବାସୀ

### ବର୍ଷାରେ ଉପୁଡ଼ି ପଡିଛି ବିଦ୍ୟୁତ୍ ଖୁଣ୍ଟ

ରାୟଗଡ଼ା,୧୭।୯ (ସମିସ):

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ଅନେକ ଗ୍ରାମରେ ଆଜି ବି ବିଜୁଳି ସଂଯୋଗ ପାଲଟିଛି ସାତସପନ । ଅନ୍ଧାର ଗାଁ ଗୁଡିକରୁ ସଂଧ୍ୟା ହେଲେ ଜଳ ଜଳ ହୋଇ ଦିଶୁଛି ରାୟଗଡାର ବିଭିନ୍ନ ସହର । ଲୋକେ ଆଲୋକୀକରଣରେ ସବୁ ସୁବିଧା ଉପଭୋଗ କରୁଥିବା ବେଳେ ବିଦ୍ୟୁତ୍ ସଂଯୋଗ ନ ଥିବା ଗ୍ରାମଗୁଡିକ ଆଜି ମଧ୍ୟ ବିକାଶ ସ୍ରୋତରେ ସାମିଲ ହେବା ପାଇଁ ବାଟ ଖୋଜୁଛନ୍ତି ଏବଂ ସରକାର ତଥା ପ୍ରଶାସନର ଆନ୍ତରିକତା ଅଭାବରୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି । ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରୁ ପ୍ରାୟ ୩୦କିମି ଦୂରରେ ଅବସ୍ଥିତ ସଦର ବ୍ଲକ ପିପଲଗୁଡା ଗ୍ରାମପଞ୍ଚାୟତର ତଳକଣା ଗ୍ରାମ । ଏହି ଗ୍ରାମରେ ପ୍ରାୟ ୧୮ ଜଣ ପରିବାର ବସବାସ କରୁଥିବା ବେଳେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ । ପୂର୍ବରୁ ପାନୀୟ ଜଳ ଏକ ମୁଖ୍ୟ ସମସ୍ୟା ରହିଥିବା ବେଳେ ତାହାର ସମାଧାନ ହୋଇସାରିଛି । ହେଲେ ଗାଁକୁ ବିଜୁଳି ସଂଯୋଗ ହୋଇନାହିଁ । ଫଳରେ ସଂଧ୍ୟା ହେଲେ ଘରେ ଘରେ ଡିବିରି ଆଲୁଅରେ ପିଲାଙ୍କ ପାଠ ପଢା ସହ ଅନ୍ୟାନ୍ୟ ରୋଷେଇ କାମ ଆଦି ହୋଇଥାଏ । ଲଗାଣ ବର୍ଷା ହେଲେ ଅନ୍ଧାର ରାତିରେ ବିଷାକ୍ତ ସରୀସୃପର ଭୟ ଘାରି ରହୁଛି ଗ୍ରାମବାସୀଙ୍କୁ । ମୋବାଇଲ ଚାର୍ଜିଙ୍ଗ ପାଇଁ ନିକଟ ଗାଁ ଗୁଡିକୁ ଯାଇଥାନ୍ତି ଗାଁର ଯୁବକ ମାନେ ହ୍ମ ଏ ନେଇ ଅଂଚଳର ସମାଜସେବୀ ଆଦିବାସୀ ଯୁବ ନେତା ସତ୍ୟବାନ ମାଣ୍ଡାଙ୍ଗି ତଳକଣା ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ତଥା ଲୋକଙ୍କୁ ମୌଳିକ ଅଧିକାରରୁ ବଂଚିତ ନ କରିବା ପାଇଁ ବାରମ୍ବାର ବିଜୁଳି ବିଭାଗ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ତଳକଣା ଗ୍ରାମରେ ବିଜୁଳି ସଂଯୋଗ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରୁ ନାହିଁ ବୋଲି କହିଛନ୍ତି । ଠିକା ସଂସ୍ଥା ପକ୍ଷରୁ ବହୁ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଲୋକେ ଅନ୍ଧାରରେ



ରହୁଛନ୍ତି ବୋଲି ସେ କହିଛନ୍ତି । ଏ ନେଇ ରାୟଗଡ଼ା ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଗାଁକୁ ବିଦ୍ୟୁତ ସଂଯୋଗ ଯୋଗାଇବାରେ କେଉଁ ସ୍ତରରେ କାମ ଅଟକି ରହିଛି ତାହା ବୁଝିବା ପରେ ତୁରନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଲୋକଙ୍କୁ ବିଜୁଳି ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ତେବେ ଗତ ୫ରୁ ୬ମାସ ତଳେ ଠିକା ସଂସ୍ଥା ପକ୍ଷରୁ ବିଦ୍ୟୁତ୍ ଖୁଂଟ ପୋତାଯିବା ସହ ତାର ଭିଡାଯାଇଥିବା ବେଳେ ଗତ ସପ୍ତାହରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ୩ରୁ ୪ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି । ଫଳରେ ତାରଗୁଡିକ ମଧ୍ୟ ଅନେକ ସ୍ଥାନରେ ଛିଣ୍ଡି ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଓଡ଼ିଶା ମୋଟର ଚାଳକ ସଂଘ ଦିବସ ପାଳିତ

ପାପଡାହାଣ୍ଡି,୧୭।୯(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡିଠାରେ ଆଜି ଓଡ଼ିଶା ମୋଟର ଚାଳକ ସଂଘ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘରେ ଶତାଧିକ କର୍ମକର୍ତ୍ତା ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ସଚେତନତା ସ୍ଲୋଗାନ ଦେଇଥିଲେ। ଡାକବଙ୍ଗଳା ଠାରେ ସେଠାରେ ଏକ ବୈଠକ ହୋଇଥିଲା। ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ, ପାପଡାହାଣ୍ଡି ମୋଟର ଚାଳକ ସଂଘ ସଭାପତି ଗୁରୁ ପ୍ରସାଦ ପଣ୍ଡା, ଉପସଭାପତି ରାଜେନ୍ଦ୍ର ନାୟକ, ସମ୍ପାଦକ ସୁରଜିତ ପଟନାୟକଙ୍କ ସହ ସମ୍ପାଦକ ନରସିଂହ ହରିଜନ, ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ନିରାପତ୍ତା ଚାଳନା ନେଇ ଆଲୋଚନା ହୋଇଥିଲା।

## ନୂତନ ପଞ୍ଚାୟତ ଗଠନ ପାଇଁ ବିଡିଓଙ୍କୁ ଦାବିପତ୍ର



କୁନ୍ଦୁରା, ୧୭।୯(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣୁଆଗୁଡା ପଞ୍ଚାୟତବାସୀ ଆଜି ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ପି ମନସ୍ମିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ବ୍ଲକରେ ମୋଟ ୧୭ଟି ପଞ୍ଚାୟତ ରହିଥିବା ବେଳେ ବଣୁଆଗୁଡା ପଞ୍ଚାୟତଟି ସବୁଠାରୁ ବଡ଼ ପଞ୍ଚାୟତ। ଏଠାରେ ୧୦ ହଜାରରୁ ଅଧିକ ମତଦାତା ରହିଥିବା ବେଳେ ଛୋଟ ବଡ଼ ଗାଁ ମିଶି ମୋଟ ୨୬ଟି ଗାଁ ରହିଛି। ପଞ୍ଚାୟତର ସୀମାନ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଦେଉଛି ଭୌଗଳିକ ସ୍ଥିତି । ଯାହାକି ପ୍ରଶାସନ ଅଧିକାରୀ ମାନେ ସଠିକ ଭାବେ ନିଜର ଦାୟିତ୍ୱ ତୁଲାଇ ପାରୁନାହାନ୍ତି । ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବଣୁଆଗୁଡା ପଞ୍ଚାୟତର ଗୋରାହାଣ୍ଡି ଗାଁକୁ ନୂତନ ପଞ୍ଚାୟତ ଭାବେ ଘୋଷଣା କରିବାକୁ ଦାବି ହୋଇଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୂତନ ପଞ୍ଚାୟତ ଘୋଷଣା କରାଯାଉ ବୋଲି ଦାବି ହୋଇଛି। ବଣୁଆଗୁଡା ପଞ୍ଚାୟତର ଗୋରାହାଣ୍ଡି ଗାଁଟି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ବିବେଚିତ ହୋଇଛି। ଏଣୁ ଉକ୍ତ ଅଞ୍ଚଳର ଲୋକଙ୍କ ପାଇଁ ନୂତନ ପଞ୍ଚାୟତ ଗଠନ ହେଲେ ବହୁ ସୁବିଧା ହେବ। ଏହି ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଡାବୁଗାଁ, ୧୭।୯(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ସମ୍ମାନୀତ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଜିଲ୍ଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବିଡ଼ିଓ ଶରତ ମାଝି, ସିଡିପିଓ ମିନତୀ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ଭେଷଜ ବିଶେଷଜ୍ଞ ଡା. ଜେମ୍ସଟି ବେନିୟା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଦିଲ୍ଲୀପ ଦଳେଇ, କର୍ଣ୍ଣ, ନାକ ଓ ଗଳା ବିଶେଷଜ୍ଞ ଡା. ତୃପ୍ତିରଞ୍ଜନ ଷଡଙ୍ଗୀ, ଚକ୍ଷୁ ସହାୟକ ନାନଶୀ ବେହେରା, ଦନ୍ତ ଚିକିତ୍ସକ ଡା. ସ୍ୱାଗତିକା ପ୍ରିୟଦର୍ଶନୀ ପ୍ରମୁଖ ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ଏଥିରେ ମୋଟ ୪୦୦ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ରକ୍ତଦାନ ଶିବିରରେ ଡା. ପ୍ରଣବ ସ୍ୱର୍ଣ୍ଣକାର, ଡା.ବଦ୍ରି ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ରକ୍ତ ଭଣ୍ଡାର କର୍ମଚାରୀ ମାନଙ୍କ ସହଯୋଗରେ ୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଜେ. ରାଜଶେଖର ରାଓ, ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ପାତ୍ର, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମ୍. ଆପ୍ପା ରାଓ, ଜି. କିରଣ କୁମାର, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ଜି. ସତ୍ୟା ରାଓ, ନରେଶ ସିଂ, ମହେଶ ପାତ୍ର, ଏମ୍. ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ପାଠଚକ୍ର



ଲକ୍ଷ୍ମୀପୁର,୧୭।୯(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଥିବା ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ରୀତା ମହାନ୍ତି ସଭାପତିତ୍ୱ କରିଥିଲେ। ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା ବିଜ୍ଞାନ ପାଠଚକ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀପୁର ବ୍ଲକର ୧୪ଟି ବିଦ୍ୟାଳୟରୁ କୃତି ୧୪ ପ୍ରତିଯୋଗୀ ଦେଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଯୁଗଳ କିଶୋର ବିଷୋୟୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସମସ୍ତ ମାନପତ୍ର ସହ ଟ୍ରଫି ପ୍ରଦାନ କରା ଯାଇଥିଲା। କାକିରିଗୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ ମ ଶ୍ରେଣୀ ଛାତ୍ରୀ ସ୍ୱିଟି ଖୋସ୍ଲା ଓ ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ୧୦ ମ ଶ୍ରେଣୀ ଛାତ୍ରୀ କସ୍ତୁରୀରାଣୀ ଗୋପଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରା ଯାଇଥିଲା। ପାଠଚକ୍ରରେ ବିଚାରକ ଭାବେ ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶୀତଳ ପ୍ରାସାଦ ଦାସ ଓ ଗଣିତ ବିଭାଗ ଅଧ୍ୟାପକ କାହ୍ନୁ ଚରଣ ସାହୁ ନିଯୁକ୍ତ ହୋଇଥିବା ବେଳେ ସାଂଗଠାନିକ ସମ୍ପାଦକ ଭାବେ ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳ ନିୟୋଜିତ ହୋଇଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ପାଠଚକ୍ର ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ସୁଜିତ କୁମାର ସାମଲ, ସୁନୀତା ସାହୁକାର, ଜେଷ୍ଣା ପଣ୍ଡା, ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀ ଓ ମାର୍ଗ ଦର୍ଶକ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରଯାଇଥିଲା। ସଂଯୁକ୍ତା ତୁରୁକ୍, ସ୍ୱେଚ୍ଛାସେବୀ ଛାତ୍ର ଅଂଶୁମାନ ଦଳେଇ, ସାର୍ଥକ ବେହେରା ସମସ୍ତ ପ୍ରତିଯୋଗୀଙ୍କୁ ସେବା ପ୍ରଦାନ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋଷାଗୁମୁଡ଼ା,୧୭।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋଷାଗୁମୁଡ଼ା ବ୍ଲକର ୨୬ ଗୋଟି ପଞ୍ଚାୟତର ୨୧୬ ଜଣ ଭିନ୍ନକ୍ଷମ ଦିବ୍ୟାଙ୍ଗ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଗଳା, କର୍ଣ୍ଣ ଓ ନାସା ୩୨, ଆଖିରେ ୪୧ଜଣ ,ମାନସିକ ରୋଗୀ ୩୩ ଏବଂ ଶାରିରୀକ ବାଧିତ ୧୧୦ ଜଣ ଆବେଦନ କରିଥିଲେ। କୋଷାଗୁମୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ଏମ୍‌ପି ପ୍ରତିନିଧି ସୁରେଶ କୁମାର ପାତ୍ର, ବିଜେପି ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାଶ, ବ୍ଲକ ଅର୍ଥ ଅଧିକାରୀ ଜୟପ୍ରକାଶ ଦିଶାରୀ, ସୁଧାଂଶୁ ପାତ୍ର,ସୌମରଞ୍ଜନ ନାୟକ, ବ୍ଲକ ପିଏ ବାଳକୃଷ୍ଣ ସାହୁ, ସିଡିପିଓ ଯମୁନା ଭତ୍ରା, ଚିନ୍ମୟ ପଟ୍ଟନାୟକ, ଅମରେଶ ନାୟକ ପ୍ରମୁଖଙ୍କ ସହ କାର୍ଯ୍ୟକ୍ରମକୁ ପରିଚାଳନାରେ ୨୬ ଜଣ ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଅଙ୍ଗନବାଡି , ଅସ୍ଥିଶଲ୍ୟ ଓ ଆଖି, ମାନସିକ ବିଶେଷଜ୍ଞ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକର ୨୬ଗୋଟି ପଞ୍ଚାୟତରୁ ହଜାର ରୁ ଅଧିକ ଜନସମାଗମ ହୋଇଥିଲା।

### ଓଡ଼ିଶାରେ ନାରୀ ଅସୁରକ୍ଷିତ

# ଏସ୍‌ପି ଅଫିସ ଘେରିଲା ମହିଳା ବିଜେଡି



କୋରାପୁଟ,୧୭।୯(ସମିସ): ଓଡ଼ିଶାରେ ନାରୀ ଅସୁରକ୍ଷିତ। ଦିନକୁ ଦିନ ଓଡ଼ିଶାରେ ଦୁଷ୍କର୍ମ, ଗଣଦୁର୍ଷମ ଓ ହତ୍ୟା ବୃଦ୍ଧି ପାଉଥିବବାରୁ ଏହାର ପ୍ରତିବାଦ କରି କୋରାପୁଟ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରା ଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟବ୍ୟାପି ମହିଳା ହିଂସାର ପ୍ରତିବାଦ କରି ମହିଳା ବିଜୁ ଜନତା ଦଳ ପକ୍ଷରୁ ହୁଙ୍କାର ଦେଖିବାକୁ ମିଳିଛି। ମହିଳାଙ୍କୁ ସୁରକ୍ଷା, ନ୍ୟାୟ ଓ ସମ୍ମାନ ସହ ମହିଳା ବିରୋଧୀ ଅପରାଧ ତୁରନ୍ତ ରୋକିବାକୁ ଦାବି ହୋଇଛି। ବିଜେପି ସରକାରକୁ ଆସିବା ଦିନଠାରୁ ରାଜ୍ୟରେ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜଧାନୀ ଠାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତିଦିନ କେଉଁଠି ନା କେଉଁଠି ମହିଳାଙ୍କ ଉପରେ ଅତ୍ୟାଚାର କରାଯାଉଛି। ତୁରନ୍ତ ସରକାର ଏଥିପ୍ରତି କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଜିଲ୍ଲା ମହିଳା ବିଜୁ ଜନତା ଦଳ। ମହିଳାଙ୍କୁ ସୁରକ୍ଷା ଦେଇ ନ ପାରିଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ମହିଳା ବିଜେଡି ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। କୋରାପୁଟ ଏସପି ମୁଖ୍ୟ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଏସପି ମନୋଜ ପୁଜାରୀଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରା ଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ରବି ନାରାୟଣ ନନ୍ଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ବିଧାୟକ ରଘୁରାମ ପଡାଲ, ପ୍ରଭୁ ଜାନୀ, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡ଼ା ପୌର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, କୋରାପୁଟ ଟାଉନ ସଭାନେତ୍ରୀ ଦେବିଶ୍ରୀ ପ୍ରଧାନ, ବିଜେଡି ନେତ୍ରୀ ରୀତା ପାଣିଗ୍ରାହି, ଲିଲି ବୁରୁଡିଙ୍କ ସମେତ କୋରାପୁଟ ସୁନାବେଡା ଓ ଜୟପୁର ମ୍ୟୁନିସ୍‌ପାଲଟିର କାଉନସିଲର, ଜିଲ୍ଲାର ମହିଳା ବିଜେଡ଼ି ନେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


## ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମଦିନ

ରାୟଗଡ଼ା,୧୭।୯(ସମିସ): ରାୟଗଡ ସହର ସ୍ଥିତ ଶିରିଗୁଡା ସତସଙ୍ଗ ବିହାର ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ୧୩୮ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରେ ସାହାନାଇ, ଉଷା କୀର୍ତ୍ତନ ତଥା ପ୍ରାତଃ କାଳୀନ ବିନତୀ କରାଯାଇଥିଲା। ତତ୍ପରେ ଜନ୍ମ ଲଗ୍ନ ଘୋଷଣା, ବିଭିନ୍ନ ଧର୍ମଗ୍ରନ୍ଥ ପାଠ, କୀର୍ତ୍ତନ ମାଧ୍ୟମରେ ଶ୍ରୀ ମନ୍ଦିର ପରିକ୍ରମା, ସଙ୍ଗୀତାଞ୍ଜଳି, ଦିବ୍ୟଭବ୍ୟ ସତସଙ୍ଗ, ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆଗତ ଭକ୍ତଗଣ ତଥା ସମସ୍ତ ସାଧାରଣ ଲୋକଙ୍କ ନିମିତ୍ତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମ ଦିବସ ଉପଲକ୍ଷେ ଶ୍ରୀ ମନ୍ଦିରକୁ ପୁଷ୍ପ ତଥା ଆଲୋକ ମାଧ୍ୟମରେ ସୁସଜ୍ଜିତ କରାଯାଇଥିଲା।

## ବିଶ୍ୱ ଓଜୋନ ଦିବସ ପାଳିତ

ନବରଙ୍ଗପୁର, ୧୭।୯ (ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଶ୍ରୀମତୀ ମାଲେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ତରଫରୁ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଥିଲା। ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ତଥା ଯୁବ ରେଡକ୍ରସ ଅଧିକାରୀ ଡ. ସଂଯୁକ୍ତା ପଣ୍ଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଏ ବର୍ଷର ଥିମ୍ "ବିଜ୍ଞାନ ଠାରୁ ବିଶ୍ୱକାର୍ଯ୍ୟ ପର୍ଯ୍ୟନ୍ତ' ସମ୍ବନ୍ଧରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଓଜୋନ ସ୍ତର ପତଳା ହେବା ଦ୍ୱାରା ଚର୍ମ କର୍କଟ, ଚକ୍ଷୁରେ ପରଳ ରୋଗ, ସାମୁଦ୍ରିକ ଜୀବଙ୍କ ଉପରେ ପ୍ରଭାବ ଇତ୍ୟାଦି ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ସାହୁ ଓଜୋନସ୍ତର ହ୍ରାସ ରୋକିବା ପାଇଁ ଯୁବ ପିଢ଼ି ଙ୍କ ଭୂମିକା ଓ ସଚେତନତା ସୃଷ୍ଟି କରିବାରେ ଛାତ୍ରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଶ୍ରୀମତୀ ତରନୁମ୍ ଆରା, ଶ୍ରୀମତୀ ସୁନୀତା ପାତ୍ର , ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରାଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ।

# 'ସକାଳ' ଛାପାଖାନାରେ ବିଶ୍ୱକର୍ମା ପୂଜା



ଜୟପୁର, ୧୭ । ୯ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନିର୍ମାତା ଭଗବାନ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା ବୁଧବାର ପାଳନ କରାଯାଇଛି। ଏହି ଅବସରରେ ଜୟପୁର ସହରର ମିଳିତ ନିର୍ମାଣ ସଂଘ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ, ବିଦ୍ୟୁତ ବିଭାଗ ଗ୍ୟାରେଜ, ସରକାରୀ ବସ୍ ମରାମତି ଗ୍ୟାରେଜ, ବିଭିନ୍ନ ଘରୋଇ ବିଦ୍ୟୁତ ଉପକରଣ, ଅନ୍ୟାନ୍ୟ ସାମଗ୍ରୀ ଓ ମରାମତି ଗ୍ୟାରେଜ, ଅନୁଷ୍ଠାନ ଗୁଡିକରେ ରୀତିନୀତିରେ ପୂଜାର୍ଚ୍ଚନା ହୋମଯଜ୍ଞ କରାଯାଇଥିଲା। ଜୟପୁର ସହରର ମିଳିତ ନିର୍ମାଣ ସଂଘ କାର୍ଯ୍ୟାଳୟରେ ଭଗବାନ ବିଶ୍ୱକର୍ମାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହିତ ହିନ୍ଦୁ ପରମ୍ପରା ଅନୁଯାୟୀ ବୈଦିକ ରୀତିନୀତିରେ ପୁରୋହିତଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ ସହିତ ସମସ୍ତ ମହିଳା ଓ ପୁରୁଷ ଶ୍ରମିକ, ରାଜମିସ୍ତ୍ରୀଙ୍କ ଉପସ୍ଥିତିରେ ହୋମଯଜ୍ଞରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି "ସକାଳ" ଖବରକାଗଜ ଜୟପୁର ସଂସ୍କରଣର ଛାପାଖାନା ଠାରେ ମାଟି ନିର୍ମିତ ମୂର୍ତ୍ତି ସ୍ଥାପନ କରାଯାଇ ରୀତିନୀତି ଏବଂ ହୋମଯଜ୍ଞରେ ଭଗବାନ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଜୟପୁର ସଂସ୍କରଣ ମୁଖ୍ୟ ରାକେଶ ପାଢୀ ପୂଜାରେ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହି ଅବସରର କାର୍ଯ୍ୟାଳୟ ଓ ଛାପାଖାନାର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଆଡମ୍ବର ସହ ପାଳିତ ହୋଇଥିଲା। ପୂଜା ଓ ହୋମଯଜ୍ଞ ଶେଷ ହେବା ପରେ ସମସ୍ତ କର୍ମଚାରୀ ମାନେ ମିଳିତ ଭାବେ ଅନ୍ନ ପ୍ରସାଦ ସେବନ କରିଥିଲେ। ଆସନ୍ତା ଶୁକ୍ରବାର ବିସର୍ଜନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି।

# ପୌର ପରିଷଦ ପକ୍ଷରୁ ଫୁଡ୍ ଜୋନ୍ ପ୍ରତିଷ୍ଠା




କୋରାପୁଟ,୧୭।୯(ସମିସ): କୋରାପୁଟ ପୌର ପରିଷଦ ଦ୍ୱାରା ୱାଡର୍ ନଂ ୩ ଓ ୨ କୁ ସଂଯୋଗ କରୁଥିବା ରାସ୍ତାରେ ଫୁଡ୍‌ଜୋନ ଖୋଲାଯାଇଛି। ବାଳିକା ବିଦ୍ୟାଳୟ ପାଚେରୀ ରାସ୍ତାରେ ଉଠା ଦୋକାନୀ ମାନେ ବିକ୍ରି କରିବା ପାଇଁ ପୌର ପରିଷଦ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏହି ଦୋକାନୀ ମାନେ ପୂଜାରୀପୁଟ ମୁଖ୍ୟ ରାସ୍ତା କଡରେ ବିକ୍ରି କରୁଥିଲେ । ଫଳରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେଉଥିଲା। ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ କୋରାପୁଟ ପୌର ପରିଷଦ ପ୍ରଚେଷ୍ଟାରେ ଗଳି ରାସ୍ତାକୁ ଫୁଡ୍‌ଜୋନରେ ପରିଣତ କରିଛନ୍ତି। ମଙ୍ଗଳବାର ଠାରୁ ନିୟମିତ ଭାବରେ ନୂତନ ଫୁଡ୍ ଜୋନ୍‌ରେ ଉଠା ଦୋକାନୀ ବ୍ୟବସାୟ କରିବେ। ନୂତନ ଫୁଡ୍ ଜୋନରେ ସମସ୍ତ ବ୍ୟବସ୍ଥା ସହ ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା, ଯୋଗାଇବ ପୌର ପରିଷଦ। ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପରିମଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ୱାଡର୍ ନଂ ୩ର କାଉନ୍‌ସିଲର କାଦମ୍ବିନୀ ସେଠୀ କହିଛନ୍ତି ଫୁଡ୍ ଜୋନ ନିର୍ମାଣ ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ଅସୁରକ୍ଷିତ ଭାବରେ ବ୍ୟବସାୟ ନକରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବେ। ଲୋକେ ମଧ୍ୟ ସହଜରେ ଗୋଟିଏ ସ୍ଥାନରେ ଖାଦ୍ୟର ମଜା ନେଇ ପାରିବେ ବୋଲି କହିଛନ୍ତି।

## ଇନ୍ଦ୍ରାବତୀ ମେଗା ଉଠାଜଳସେଚନ ପ୍ରକଳ୍ପର ସମୀକ୍ଷା କଲେ ବିଧାୟକ



ତେନ୍ତୁଳିଖୁଣ୍ଟି,୧୭।୯(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ସ୍ଥିତ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତ ସହ କାର୍ଯ୍ୟ ସମୀକ୍ଷା କରିଛନ୍ତି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ। ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଅଞ୍ଚଳରେ ଚାଲିଥିବା ଜିଲ୍ଲାବାସୀଙ୍କ ସ୍ୱପ୍ନର ଦୁଇଟି ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତ କରି କାର୍ଯ୍ୟ ସମୀକ୍ଷା କରିଛନ୍ତି ବିଧାୟକ ଶ୍ରୀ ମାଝୀ। ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ବିଧାୟକ। ଦୁଇଟି ପ୍ରକଳ୍ପ ଦ୍ୱାରା ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁରର ୧୯ ହଜାର ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ଉପସ୍ଥିତି ପ୍ରକଳ୍ପ ଅଧିକାରୀ ମାନେ ବୁଝାଇଥିଲେ। ଏହାସହ ଏହି ପ୍ରକଳ୍ପ କେବଳ ଖରିଫ ଋତୁ ପାଇଁ ହିଁ ଉଦ୍ଦିଷ୍ଟ ବୋଲି ସୂଚନା ଦେଇଥିଲେ। ପ୍ରକଳ୍ପକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି, ପାନୀୟ ଜଳର ବ୍ୟବସ୍ଥା , ଚତୁଃପାଶ୍ୱର୍ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ସଠିକ ସମୟରେ ସାରିବା ଏବଂ ନିମ୍ନମାନର କାର୍ଯ୍ୟ କରିବାରୁ ବିରତ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ବିଧାୟକ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦସ୍ତଖତ ଯାଞ୍ଚ



ନନ୍ଦାହାଣ୍ଡି,୧୭।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ପଞ୍ଚାୟତର ସରପଞ୍ଚ କମଳା ପୂଜାରୀଙ୍କ ବିରୋଧରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ରଙ୍କ ନିକଟରେ ୱାର୍ଡ ସଭ୍ୟମାନେ ଅନାସ୍ଥା ପାଇଁ ଆବେଦନ କରିଥିଲେ । ଅନାସ୍ଥା ପ୍ରସ୍ତାବ ପାଇଁ ପଞ୍ଚାୟତର ସମସ୍ତ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଦସ୍ତଖତ କରି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ପଞ୍ଚାୟତରେ ୧୨ ୱାର୍ଡ ରହିଛି । କିନ୍ତୁ ୭ ନମ୍ବର ୱାର୍ଡରେ ସଭ୍ୟ ପଦ ଖାଲି ରହିଛି। ସମସ୍ତ ପରିବାର ସାଧାରଣ ଓ ଅନୁସୂଚିତ ଜନଜାତି ବର୍ଗର ହୋଇଥିବା ବେଳେ ଆସନଟି ଆଦିବାସୀଙ୍କ ପାଇଁ ସୁରକ୍ଷିତ ରହିଥିଲା। ଉପ ଜିଲ୍ଲାପାଳ ଶ୍ରୀ ମିଶ୍ରଙ୍କୁ ଆବେଦନ ଆଧାରରେ ସମସ୍ତ ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ନିମନ୍ତେ ନନ୍ଦାହାଣ୍ଡି ତହସିଲଦାର ତଥା ମାଜିଷ୍ଟ୍ରେଟ ଚନ୍ଦ୍ରଦାସ ମହନନ୍ଦିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଚିଠି ଅନୁସାରେ ବୁଧବାର ତହସିଲ କାର୍ଯ୍ୟାଳୟରେ ପୁଲିସ ସୁରକ୍ଷା ବଳୟରେ ୧୧ ଜଣ ୱାର୍ଡ ସଭ୍ୟ ଯଥାକ୍ରମେ କନକ ପାଇକ, ଜଗବନ୍ଧୁ ଜାନୀ, ହେମଲତା ଗାଦବା, ସନା ଗରଡ଼ା, ଗୁରୁବନ୍ଧୁ ଗୌଡ଼, ଲକ୍ଷ୍ମୀ ନାରାୟଣ ମାଝୀ, ଉଦ୍ଧବ ଭତରା, ବିମଳା ପୂଜାରୀ, ସନ୍ତୋଷି ସାନ୍ତା, ଯୁଧିଷ୍ଠିର ହରିଜନ ଓ ଟଭା ମୁଦୁଲିଙ୍କ ଦସ୍ତଖତ ତହସିଲଦାର ଶ୍ରୀ ମହାନନ୍ଦିଆ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପର୍ଶୁରାମ ମାଳି ଟିକିନିଖି ପରଖିଥିଲେ। ଯାଞ୍ଚ ପରେ ଉପ ଜିଲ୍ଲାପାଳଙ୍କୁ ସମସ୍ତ ତଥ୍ୟ ପଠାଯିବ ବୋଲି ପ୍ରକାଶ କରିଛନ୍ତି। ସମସ୍ତ ଦସ୍ତଖତ ସଠିକ୍ ହୃଦବୋଧ ହେଲେ ଉପ ଜିଲ୍ଲାପାଳ ଅନାସ୍ଥା ପାଇଁ ଦିନ ଧାର୍ଯ୍ୟ କରିବେ ବୋଲି ତହସିଲଦାର ସୂଚନା ଦେଇଛନ୍ତି ।

### ୫୭୯ ଛାତ୍ରଛାତ୍ରୀଙ୍କୁ ୫ ଶିକ୍ଷକ

# ସମସ୍ୟାଘେରରେ ହାଟଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ



ନନ୍ଦପୁର, ୧୭।୯ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଧିନସ୍ଥ ପାନ୍ତଲୁଙ୍ଗ ପଞ୍ଚାୟତ ସ୍ଥିତ ହାଟଗୁଡ଼ା ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ସ୍କୁଲର ମୋଟ ଛାତ୍ରଛାତ୍ରୀ ୫୭୯ ଜଣ ଥିବା ବେଳେ ମାତ୍ର ୫ ଶିକ୍ଷକ ରହିଛନ୍ତି । ଏହି ବାସ୍ତବତାକୁ ଶୁଣିଲେ କାହାକୁ ଅବିଶ୍ୱାସ ଲାଗିପାରେ। କିନ୍ତୁ ଏହାହିଁ ଏଠିକାର ପ୍ରକୃତ ଚିତ୍ର। ବିଦ୍ୟାଳୟର ୫ଟି ଶ୍ରେଣୀରେ ମୋଟ ୫୭୯ ଛାତ୍ର ଛାତ୍ରୀ ଥିଲେ ମଧ୍ୟ ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟିଏ କରି ସ୍ଥାୟୀ ଶିକ୍ଷକ ନଥିବାରୁ,ପାଠପଢ଼ାରେ ସମସ୍ୟା ଦେଖା ଦେବା ସହ ଶିକ୍ଷକ ମାନଙ୍କ ଉପରେ ଚାପ ପଡୁଥିବା ଜଣାପଡ଼ିଛି। ଷଷ୍ଠରେ ୧୫୦ ଜଣ, ସପ୍ତମରେ ୧୧୭ ଜଣ, ଅଷ୍ଟମରେ ୮୮, ନବମରେ ୧୩୯ ଓ ଦଶମରେ ମୋଟ ୮୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ଗୋଟିଏ ଶ୍ରେଣୀ ଲାଗି ଅନ୍ୟୁନ ଜଣେ ଶିକ୍ଷକ ପାଠପଢା ଲାଗି ନିୟୋଜିତ ହୋଇପାରୁ ନାହାନ୍ତି। ଏହି ପରିସ୍ଥିତିରେ ନା କେବଳ ଶିକ୍ଷକମାନେ କଷ୍ଟ ପାଉଛନ୍ତି, ବରଂ ଶିକ୍ଷାର୍ଥୀ ମାନଙ୍କ ଶିକ୍ଷାରେ ଗୁରୁତର ପ୍ରଭାବ ପଡୁଛି। ଶିକ୍ଷକ ମାନେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଦ୍ୟାଳୟର ସମସ୍ୟା ନେଇ ଅଞ୍ଚଳବାସୀ ବହୁବାର ଜଣାଇ ଥିଲେ ମଧ୍ୟ ସୁଫଳ ମିଳି ନଥିବା କହିଛନ୍ତି ସାମାଜିକ କର୍ମୀ ଆକାଶ ଖିଲ। କେବଳ ସେତିକି ନୁହେଁ , ୨୦୧୬ ମସିହା ନଭେମ୍ବର ୧୮ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସୀମାଠାରୁ ଅନତି ଦୂରରେ ଅବସ୍ଥିତଉପାନ୍ତ ଅଞ୍ଚଳର ଅଧିବାସୀ ମାନେ ବିଦ୍ୟାଳୟର ସମସ୍ୟା ଦୂର ହେଉ ନଥିବାରୁ ଚିନ୍ତିତ ଅଛନ୍ତି। ଏ ନେଇ ଅନେକ ବାର ବ୍ଲକ ତଥା ଜିଲ୍ଲା ପ୍ରଶାସନ ଅବଗତ କରାଯାଇଥିଲେ ମଧ୍ୟ

### ଖତଖାଉଛି ଲକ୍ଷାଧିକ ଟଙ୍କାର ଛାତ୍ରୀନିବାସ

ଏଠାରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ହାଟଗୁଡ଼ା ସ୍ଥିତ ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଏହି ଛାତ୍ରୀ ନିବାସ ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇଛି। ବିଦ୍ୟାଳୟର ସୁରକ୍ଷା ପାଚେରୀ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଅନେକାଂଶ ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି। ଆନ୍ଧ୍ର କୌଣସି ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହୁଛନ୍ତି। ଏ ନେଇ ନେଇ ନନ୍ଦପୁର ବ୍ଲକ୍ ଡବ୍ଲୁଇଓ ନଗେନ ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଶାସନ ଅବଗତ ରହିଛି। ଛାତ୍ରୀନିବାସ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ବର୍ତ୍ତମାନ ଦୁଇ ଜଣ ପାର୍ଟର୍ ଟାଇମ୍ ଶିକ୍ଷକ ନିଯୁକ୍ତି କରାଯାଇଛି ବୋଲି ସେ କହିଛନ୍ତି।

# ସମ୍ପାଦକୀୟ



ରକ୍ଷଣଶୀଳତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ।

-ଓସ୍କାର ୱାଇଲ୍ଡ୍

ସକାଳ
THE SAKALA

## ସମସ୍ୟା ଓ ସମାଧାନ

ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ଅଥଚ ଚିକିତ୍ସକ କି ସ୍ୱାସ୍ଥ୍ୟ ସହାୟକ ନାହାନ୍ତି। ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପରିଲକ୍ଷିତ ଏହି ବିଫଳତାର ଯେ ସମାଧାନ ସୂତ୍ର ନାହିଁ, ଏକଥା ନୁହେଁ। ସରକାରୀ ମଞ୍ଜୁରୀପ୍ରାପ୍ତ ମେଡିକାଲ ଅଫିସରଙ୍କ ସଂଖ୍ୟା ୭,୮୦୬ ହୋଇଥିବା ବେଳେ ନିଯୁକ୍ତି ପାଇଛନ୍ତି ୨,୭୯୨ ଜଣ। ଅବଶିଷ୍ଟ ୫୮୩୪ ଡାକ୍ତରୀ ପଦ ଖାଲିପଡ଼ିଛି। ତେବେ ଜିଲ୍ଲା ସଦର ମହକୁମା ସ୍ଥିତି ଅପେକ୍ଷାକୃତ ଭଲ। ୯୪୬ ବିଶେଷଜ୍ଞ ଡାକ୍ତରୀ ପଦବୀରୁ ୧୭୯ ଆସନ ଖାଲିପଡ଼ିଛି। ଏହି ପରିସଂଖ୍ୟାନ ଦର୍ଶାଇବା ବେଳେ ଆମକୁ କହିବାକୁ ପଡୁଛି ଯେ ଅତି ଦୂରଦୂରାନ୍ତ ଅନଗ୍ରସର ଅଞ୍ଚଳରେ ଡାକ୍ତରଙ୍କ ଆବାସସ୍ଥଳ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଅଭାବ ଯୋଗୁଁ ନିଯୁକ୍ତି ପାଉଥିବା ଡାକ୍ତର ଯିବାକୁ ଅମଙ୍ଗ ହେଉଛନ୍ତି। ଏକ୍ଷେତ୍ରରେ ସେମାନେ ବିକଳ୍ପ ବ୍ୟବସ୍ଥାକୁ ଆଦରି ନେବାକୁ ବାଧ୍ୟବାଧକତା ସୃଷ୍ଟି ହୋଇଛି। ସେହିଭଳି ସେମାନଙ୍କୁ ନିର୍ଦ୍ଧାରିତ ୩ ବର୍ଷ ବ୍ୟବଧାନରେ ବଦଳି କରାନଯିବା ମଧ୍ୟ ଅନ୍ୟ ଏକ ଦିଗ। ଏକ୍ଷେତ୍ରରେ ମଧ୍ୟ ବାଛ ବିଚାର ଅନୁଭବ ହେଉଛି।

ଏଠାରେ ଏହି ପ୍ରସଙ୍ଗ ଉଲ୍ଲେଖ କରାଯିବାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିଯିବା ପରେ ଡାକ୍ତର ଆଉ ଅଭାବ ନାହାନ୍ତି। ଏକ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଡାକ୍ତର ନିଯୁକ୍ତି ପାଇଁ କେବଳ ଓପିଏସସି ପରୀକ୍ଷା ଓ ଉତ୍ତୀର୍ଣ୍ଣଙ୍କ ଉପରେ ନିର୍ଭର କଲେ ବ୍ୟବସ୍ଥା ସୁଧୁରିବ ନାହିଁ। ସମୟ ବଦଳିଛି। ରାଜ୍ୟରୁ ପ୍ରତିବର୍ଷ ହାରାହାରି ସରକାରୀ ମେଡିକାଲ କଲେଜରୁ ୨ ହଜାର ପର୍ଯ୍ୟନ୍ତ ଏମବିବିଏସ ଡିଗ୍ରୀଧାରୀ ବାହାରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ସରକାରଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଶିକ୍ଷାଦାନ ସହ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ସରକାରୀ ସର୍ତ୍ତ ସଂଯୁକ୍ତ କରାଯାଇପାରିବ। ଏହି ଡିଗ୍ରୀଧାରୀଙ୍କୁ ଅନ୍ତତଃ ଦୁଇବର୍ଷ ପାଇଁ ଗ୍ରାମାଞ୍ଚଳରେ ଚୁକ୍ତିଭିତ୍ତିକ ସେବା ଦେବାର ବାଧ୍ୟବାଧକତା ରଖାଯାଇପାରେ। ଏହି ବାଧ୍ୟବାଧକତା ସହ ସେମାନଙ୍କ ରେଜିଷ୍ଟ୍ରେସନକୁ ସଂଶ୍ଳିଷ୍ଟ ରଖାଯିବାରେ କୌଣସି ଅସୁବିଧା ନାହିଁ। ସରକାରଙ୍କ ବିପୁଳ ବ୍ୟୟ ବିନିମୟରେ ରାଜ୍ୟବାସୀଙ୍କୁ ସେମାନେ ଏହି ସୁବିଧା ଓ ସେବା ଦେବାର ଔଚିତ୍ୟ ନେଇ ବିଚାର ବିମର୍ଶ କରିବାର ସମୟ ଏବେ ଉପସ୍ଥିତ। ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନୁରୂପ ଭାବେ ଜିଲ୍ଲା ସଦର ମହକୁମାରେ କାମ କରିବାକୁ ପଡ଼ିବ। ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ଦୁଇବର୍ଷରେ ସୀମିତ ରଖିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସମୟକ୍ରମେ ଡାକ୍ତର ନିଅଣ୍ଟିଆ ସ୍ଥିତିରେ ସୁଧାର ଆସିପାରିବ।

ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ଓ ୫୦୦୦ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯିବ ଘୋଷଣା କରିଛନ୍ତି। ଘୋଷଣା ଓ କାର୍ଯ୍ୟକାରିତାରେ ବ୍ୟବଧାନ ଯେତେ ସଂକୁଚିତ ହେବ ତୃଣମୂଳ ସ୍ତରରେ ତାହାର ସେତିକି ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ଆମକୁ ଏଠାରେ କହିବାକୁ ପଡୁଛି ଯେ କ୍ଷମତା ବଦଳିଲେ ବ୍ୟବସ୍ଥା ବଦଳେନି। ଏମିତି କିଛି ବ୍ୟବସ୍ଥା ଓ ଶୃଙ୍ଖଳାକୁ ବଦଳାଇବାକୁ ଯାଇ କ୍ଷମତା ଯେଉଁ ବିଭ୍ରାଟ ସୃଷ୍ଟି କରନ୍ତି ତାହାର ପ୍ରତିକୂଳ ସବୁସ୍ତରରେ ଅନୁଭୂତ ହୁଏ। ଅନ୍ତତଃ ସେଭଳି ମାନସିକତାରୁ କ୍ଷମତା ଦୂରେଇ ରହିବା ଭଲ।

## ଏସିଆ କପ ବିବାଦ

କ୍ରିକେଟ ଆମ ଦେଶର ଖେଳ ନ ହେଲେ ମଧ୍ୟ ତାହା ଏବେ ସବୁମହଲରେ ଆକର୍ଷଣର କେନ୍ଦ୍ରବିନ୍ଦୁ। ସଂପର୍କରେ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସିରିଜ ଆୟୋଜନ ବନ୍ଦ ରହିଛି। ଏସବୁ ସତ୍ତ୍ୱେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସ୍ତରରେ ଟୁର୍ଣ୍ଣାମେଣ୍ଟ ହେଉଛି ଓ ଆଗକୁ ହେବ। ଦ୍ୱିପାକ୍ଷିକ ସଂପର୍କରେ ଯେତେ ତିକ୍ତତା ସୃଷ୍ଟି ହେଲେ ମଧ୍ୟ ଦୁଇ ଦଳ ସେଥିରେ ଅଂଶଗ୍ରହଣ କରିବେ ଓ ପରସ୍ପର ସହ ମ୍ୟାଚ ଖେଳିବେ। ତେବେ ଗତ ଅପ୍ରେଲ ଓ ମେ' ରେ ପହଲଗାମ ନୃଶଂସ ଗଣହତ୍ୟା ଏବଂ ପରବର୍ତ୍ତୀ 'ଅପରେସନ ସିନ୍ଦୂର' ଘଟଣାକ୍ରମର ସ୍ଥିତିକୁ ବିଚାର କରି ପାକିସ୍ତାନ ସହ ମ୍ୟାଚ ନ ଖେଳିବା ସକାଶେ ଆମ ଦେଶରେ ଜନମତ ସୃଷ୍ଟି ହୋଇଥିଲା। ଏହି ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇରେ ଏସିଆ କପ ଆୟୋଜିତ କରାଯାଇଛି। ଏସବୁ ସତ୍ତ୍ୱେ ମ୍ୟାଚ ବିବାଦ ମୁକ୍ତ ହୋଇପାରିନାହିଁ। ଦୁଇଦଳର ଖେଳାଳି ପରସ୍ପର ସହ କରମର୍ଦ୍ଦନ କରି ନଥିବାର ପରିଲକ୍ଷିତ ହୋଇଛି। ଏକଥା ସତ ଯେ ଭାରତୀୟ ଦଳର ଅନାଗ୍ରହ ଯୋଗୁଁ ଏଭଳି ଏକ ଅଭାବନୀୟ ପରିସ୍ଥିତି ଉପୁଜି ଥିଲା।

ଏସିଆ କପର ପ୍ରାୟୋଜକ ଭାରତ। ବିଭିନ୍ନ ମହଲର ବାଦ ଓ ପ୍ରତିବାଦ ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନକୁ ବାଦଦେବା ଯେମିତି ସମ୍ଭବ ନୁହେଁ ସେମିତି ପରସ୍ପର ମଧ୍ୟରେ ମ୍ୟାଚକୁ ଏଡ଼ାଇ ଯିବା ଏତେ ସହଜ ନଥିଲା। କିନ୍ତୁ ଏକଥା ସତ ଯେ ଦୁବାଇରେ ଏହି ମ୍ୟାଚ ପ୍ରତି ସେଭଳି ଆକର୍ଷଣ ଥିବାର ପରିଲକ୍ଷିତ ହୋଇନାହିଁ। ଅବଶ୍ୟ ଭାରତର ୭ ଉଇକେଟରେ ଏହି ସହଜ ବିଜୟ କ୍ରିକେଟପ୍ରେମୀଙ୍କୁ ସନ୍ତୁଷ୍ଟ କରିଛି। ଟସ ପଡ଼ିବା ଏବଂ ତାହାର ପରବର୍ତ୍ତୀ ଘଟଣାରୁ ବିବାଦର ସୂତ୍ରପାତ ହୋଇଛି। ମ୍ୟାଚ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କ ଭୂମିକା ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ କେବଳ ଆପତ୍ତି ଉଠାଇନି, ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ନ ଦେଲେ ଦଳ ପରବର୍ତ୍ତୀ ମ୍ୟାଚ ନଖେଳିବାକୁ ନିଷ୍ପତ୍ତି ନେଇଛି। ଟସ୍ ପରେ ଦୁଇଦଳର ଅଧିନାୟକ ପରସ୍ପରର କରମର୍ଦ୍ଦନ କରିଥା'ନ୍ତି। କିନ୍ତୁ କରମର୍ଦ୍ଦନ ନ କରିବାକୁ ପାକିସ୍ତାନ ଦଳ ଅଧିନାକୟ ସଲମାନ ଆଘାଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ସେ ଭାରତୀୟ ଅଧିନାୟକଙ୍କ ସହ ଏସଂପର୍କରେ ଆଲୋଚନା କରିଥିଲେ, ଯାହାକି ଏମସିସି ନିୟମର ବିରୋଧାଚରଣ। ଏହି ଅଭିଯୋଗ କରିଛନ୍ତି ପିସିବି ମୁଖ୍ୟ ମହସିନ୍ ନକ୍‌ଭି। ମ୍ୟାଚ ପରେ ମଧ୍ୟ ଭାରତୀୟ ଖେଳାଳି କରମର୍ଦ୍ଦନ ନ କରି ଡ୍ରେସିଂରୁମକୁ ଫେରିଯିବା ସହ ଭିତରୁ କବାଟ ବନ୍ଦ କରିଥିଲେ। ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ ନିରୀହ ଲୋକଙ୍କ ମୃତ୍ୟୁର ଏହା ଥିଲା ସେମାନଙ୍କ ପ୍ରତିବାଦ ଏବଂ ମ୍ୟାଚ ବିଜୟକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଆସନ୍ତା ରବିବାର ସୁପର ଫୋର ମ୍ୟାଚରେ ଦୁଇ ଦଳ ପରସ୍ପରକୁ ପୁଣି ଭେଟିବେ।

ପ୍ରୟୋଜନ ଓ ଅର୍ଥ ଉପାର୍ଜନ ବଡ଼ କଥା ନୁହେଁ। ତା'ଠାରୁ ଉର୍ଦ୍ଧ୍ୱରେ ଦେଶବାସୀଙ୍କ ଭାବାବେଗ ଓ ଆତ୍ମସମ୍ମାନ ତଥା ଦେଶର ମର୍ଯ୍ୟାଦା। କ୍ରିକେଟ ଖେଳ ସହ ସଂଶ୍ଳିଷ୍ଟ ଥିବା ଶିଷ୍ଟାଚାର ଓ ସଦଭାବନାର ମଧ୍ୟ ଗୁରୁତ୍ୱ ରହିଛି। ଭଦ୍ରଲୋକଙ୍କ ଖେଳ ରୂପେ ସ୍ୱତନ୍ତ୍ର ମର୍ଯ୍ୟାଦା ଥିବା କ୍ରିକେଟରେ କରମର୍ଦ୍ଦନର ସୌଜନ୍ୟ ରକ୍ଷା ନ କରିବା ଅପେକ୍ଷା ମ୍ୟାଚ ନ ଖେଳିଥିଲେ ଭଲ ହୋଇଥା'ନ୍ତା। ମ୍ୟାଚ ପରବର୍ତ୍ତୀ ପରିସ୍ଥିତି ନେଇ ଆନ୍ତର୍ଜାତିକ ସ୍ତରରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେଥିପ୍ରତି କର୍ତ୍ତୃପକ୍ଷ ସଚେତନ ହେବା ଉଚିତ। ଆଇସିସି ପାକିସ୍ତାନର ଦାବିକୁ ଅଗ୍ରାହ୍ୟ କରି ବିବାଦର ଅବସାନ ଘଟାଇଛି। ପାଇକ୍ରଫ୍ଟ ମଧ୍ୟ ପୂର୍ବଭଳି ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ। ତେବେ ଏସିଆ କପରେ ସୃଷ୍ଟି ହୋଇଥିବା ଏହି ଖରାପ ପରମ୍ପରାକୁ କ୍ରିକେଟ ଇତିହାସରୁ ଲିଭାଇ ଦେଇ ହେବନି। ଉତ୍ତର ପିଢ଼ି ମଧ୍ୟ ଆମକୁ ଏନେଇ ପ୍ରଶ୍ନ କରିବ।

# ବିଶ୍ୱାସ-ସଙ୍କଟରେ ଚତୁର୍ଥସ୍ତମ୍ଭ

ଡ. ଏମ୍ ଜି ପ୍ରସାଦ

ନିକଟରେ ନେପାଳରେ ଶାସକ ବିରୋଧୀ ବିଦ୍ରୋହ ପଛରେ ସାମାଜିକ ଗଣମାଧ୍ୟମର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ପଡ଼ୋଶୀ ଭାରତ ସରକାର ସଜାଗ ଓ ସତର୍କ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ସମେତ ମୁଖ୍ୟସ୍ରୋତ ଗଣମାଧ୍ୟମରେ ମିଛ ଓ ବିଭ୍ରାନ୍ତିକର ଖବରକୁ ତନଖି କରିବା ଲାଗି ପ୍ରଚଳିତ ଆଇନ୍‌ରେ ସଂଶୋଧନ ଆଣି କଡ଼ା କଟକଣା ଲାଗୁ କରିବାକୁ ବିଚାରବିମର୍ଶ ଆରମ୍ଭ ହୋଇଛି। ସରକାରଙ୍କ ଏହି ଉଦ୍ୟମ ପଛରେ ଗଣମାଧ୍ୟମରେ ମିଥ୍ୟାଖବରର ନିୟନ୍ତ୍ରଣ ଲକ୍ଷ୍ୟ ତୁଳନାରେ ସରକାର ବିରୋଧୀ ଖବର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଲକ୍ଷ୍ୟ ଅଧିକ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହାକୁ ସମ୍ପୂର୍ଣ୍ଣ ନିରାଧାର ବୋଲି କୁହାଯାଇପାରିବ ନାହିଁ। କାରଣ ନେପାଳ ଘଟଣାରେ ସାମାଜିକ ଗଣମାଧ୍ୟମର ମିଛ ଖବର ନୁହେଁ, ବରଂ ସରକାରୀ ସ୍ତରରେ ପ୍ରିୟାପ୍ରୀତିତୋଷଣ ଓ ଭ୍ରଷ୍ଟାଚାରର ଖବର ପ୍ରସାରଣ ହିଁ ଜନତା, ବିଶେଷକରି ଛାତ୍ରସମାଜକୁ ବିଦ୍ରୋହୀ କରିଥିଲା। ତେବେ ସାମାଜିକ ଗଣମାଧ୍ୟମ ମଧ୍ୟ ମିଛ ଓ ଅତିରଞ୍ଜିତ ଖବର ପ୍ରଚାରରୁ ଅଭିଯୋଗମୁକ୍ତ ହୋଇପାରୁ ନ ଥିବାର ଭାରତ ସରକାରଙ୍କ କଡ଼ା କଟକଣା ନିଷ୍ପତ୍ତି ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। ଏହି ସାମଗ୍ରିକ କସରତରେ ଏକ 'କିନ୍ତୁ' ରହିଯାଉଛି, ଯାହା କଟକଣାର କାର୍ଯ୍ୟକାରିତା ଉପରେ କେତେକ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ଏବଂ ସାମାଜିକ ଗଣମାଧ୍ୟମର ବିଶ୍ୱସନୀୟତା/ଅବିଶ୍ୱସନୀୟତାକୁ ଦ୍ୱନ୍ଦ୍ୱର କୁହେଳି ଭିତରକୁ ଠେଲି ଦେଉଛି।

ଗଣମାଧ୍ୟମ ସହିତ ସ୍ୱାଧୀନ ମତ ପ୍ରକାଶର ଅଧିକାର ଓ ବ୍ୟକ୍ତି ସ୍ୱାଧୀନତା ପ୍ରସଙ୍ଗ ଅବିଚ୍ଛିନ୍ନ। ଆଜିର ପ୍ରଯୁକ୍ତି ବିଦ୍ୟା ବିକଶିତ ଯୁଗରେ ଗଣମାଧ୍ୟମର ପରିସର ଓ ଲକ୍ଷ୍ମଣରେଖା ନିର୍ଦ୍ଧାରଣ କରିବା କଷ୍ଟ। ଏହା ଅନସ୍ୱୀକାର୍ଯ୍ୟ ଯେ ଗଣମାଧ୍ୟମ ଆତ୍ମସଚେତନ ହେଲେ ଗଣତନ୍ତ୍ର ପ୍ରତି ଶୁଭଙ୍କର; ଉଚ୍ଛୃଙ୍ଖଳ ହେଲେ ସରକାର, ସମାଜ, ରାଷ୍ଟ୍ର ଓ ସର୍ବସାଧାରଣଙ୍କ ପାଇଁ ବିପଦ। ଡିଜିଟାଲ୍ ଗଣମାଧ୍ୟମ ନିମିଷକେ ବିଶ୍ୱର ପ୍ରତିଟି କୋଣରେ ଅବାଧରେ ପହଞ୍ଚିଯାଉଥିବାରୁ ବିଭ୍ରାନ୍ତିକର ତଥ୍ୟ, ସମ୍ବାଦ ଓ ମତ ପ୍ରସାରଣ ଜରିଆରେ ଜନମତକୁ ପ୍ରଭାବିତ କରି ରାଷ୍ଟ୍ରବିରୋଧୀ ବିକ୍ଷୋଭ, ଆନ୍ଦୋଳନ, ହିଂସା ସୃଷ୍ଟି କରିବା ସହଜ ହୋଇଯାଇଛି ଏବଂ ଏହାର ଅନେକ ଉଦାହରଣ ଏବେ ଭାରତ ସମେତ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ସାମ୍ନା କରି ଆସୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମକୁ ଜନସ୍ୱାର୍ଥ ଓ ରାଷ୍ଟ୍ରହିତ ପ୍ରତି ବିପଦର ଦ୍ୱାହି ଦେଇ ବିଶ୍ୱର ଅନେକ ପ୍ରଗତିଶୀଳ ରାଷ୍ଟ୍ର ନିୟନ୍ତ୍ରଣ କରିବାର ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମର ମୂଳ ସଂସ୍ଥାମାନ ଏହାକୁ ବାକ୍ ସ୍ୱାଧୀନତାର କଣ୍ଠରୋଧ ବୋଲି ଅଭିଯୋଗ କରୁଛନ୍ତି। ତେଣୁ ବ୍ୟକ୍ତି ସ୍ୱାଧୀନତା, ସ୍ୱାଧୀନ ମତ ପ୍ରକାଶର ଅଧିକାର, ବ୍ୟକ୍ତିଗତ ଗୋପନୀୟତା ଏବଂ ଅପରପକ୍ଷରେ ରାଷ୍ଟ୍ରର ସାର୍ବଭୌମତା, ଅଖଣ୍ଡତା, ଏକତା, ପ୍ରତିରକ୍ଷା ଆଦିର ବିରୋଧାଭାସ ଭିତରେ ଏକ ପ୍ରଭାବଶାଳୀ ଆଇନ୍ କାର୍ଯ୍ୟକାରୀ କରିବା ଦୁରୂହ ବ୍ୟାପାର।

ଉଚ୍ଛୃଙ୍ଖଳ ସାମାଜିକ ଗଣମାଧ୍ୟମକୁ ତା'ର ଲକ୍ଷ୍ମଣରେଖା ମଧ୍ୟରେ ରଖିବା ପାଇଁ ଭାରତରେ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଉଦ୍ଦିଷ୍ଟ। ଏହାର ସଂଶୋଧିତ ନିୟମ ଅନୁସାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ବେଆଇନ ବିଷୟବସ୍ତୁ ଓ ବାର୍ତ୍ତାକୁ ପ୍ରତ୍ୟାହାର କରିବାର ଅଧିକାର ମିଡିଆ ପ୍ଲାଟ୍‌ଫର୍ମର ରହିଛି। ସେହିଭଳି ୨୦୨୧ରେ ପ୍ରଣୀତ ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ ଯେଉଁ ପ୍ରଶ୍ନଟି ପ୍ରଭାବଶାଳୀ ଆଇନ ଓ କଟକଣାକୁ ନପୁଂସକ କରିଦେଉଛି ତାହା ହେଉଛି ଗୋଟିଏ ଖବର ବା ଫଟୋ ବା ଭିଡିଓ ସତ କି ମିଛ ତାହା ଯାଞ୍ଚ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କ'ଣ? ଆଜିକାଲି ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍, ଯାହା ଇଣ୍ଟରନେଟ୍ ଦ୍ୱାରା ସଂଯୁକ୍ତ। ଯଦି କେହି କିଛି ସେଥିରେ ଲେଖିଦିଏ, ଫଟୋ କିମ୍ବା ଭିଡିଓ ଅପଲୋଡ୍ କରିଦିଏ ତେବେ ତାହାକୁ ତନଖି କରିବ କିଏ ଏବଂ କେତେବେଳେ? ପୁଣି ସାମ୍ପ୍ରତିକ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିଜିଟାଲ୍ ଗଣମାଧ୍ୟମରେ ପ୍ରଘଟ କୌଣସି ଘଟଣାକୁ ସତ କି ମିଛ ଜାଣିବା କ୍ଷମତା କେବଳ ଏଆଇ ବ୍ୟତିରେକ କାହାରି ନାହିଁ। ତେଣୁ ତଥ୍ୟର ସତ୍ୟାସତ୍ୟ ଯାଞ୍ଚ ହେବା ବେଳକୁ ତାହା ଅବିଳମ୍ବେ ବିଶ୍ୱର ଚତୁର୍ଦ୍ଦିଗରେ ପହଞ୍ଚିସାରିଥିବ ଏବଂ ଯାଦୁକରୀ ପ୍ରଭାବ ବିସ୍ତାର କରିସାରିଥିବ। ଡିଜିଟାଲ୍ ଗଣମାଧ୍ୟମରେ ଏବେ ନିମିଷକେ ଲକ୍ଷଲକ୍ଷ ଅପ୍‌ଲୋଡ୍ ହେଉଛି। ସେଥିମଧ୍ୟରୁ ଠିକ୍ ଭୁଲ୍ ବାଛିବା ଏକପ୍ରକାର ଅସମ୍ଭବ ବ୍ୟାପାର ଏବଂ ସମ୍ପୃକ୍ତ ସଂସ୍ଥା ମଧ୍ୟ ନାଚାର।

ସାମ୍ପ୍ରତିକ ଡିଜିଟାଲ୍ ଯୁଗରେ ଅନ୍‌ଲାଇନ ସମ୍ବାଦ ସଂସ୍ଥାମାନଙ୍କୁ ବାଦ୍ ଦେଇ ଗଣମାଧ୍ୟମର ପରିକଳ୍ପନା କରାଯାଇପାରିବ ନାହିଁ। ଅଧିକନ୍ତୁ ପ୍ରସାରଣ ଓ ପ୍ରଭାବ ଦୃଷ୍ଟିରୁ ଡିଜିଟାଲ୍ ବା ସାମାଜିକ ଗଣମାଧ୍ୟମ ମୁଖ୍ୟସ୍ରୋତ ଗଣମାଧ୍ୟମ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ସାମାଜିକ ଗଣମାଧ୍ୟମ ମଧ୍ୟ ନିର୍ଭୀକ ଓ ମୁକ୍ତ ସାମ୍ବାଦିକତାର ଆଧାର ରୂପେ ଲୋକପ୍ରିୟ ଓ ଆଦୃତ ହେଉଛନ୍ତି। ଜଣେ ବ୍ୟକ୍ତି ମୁକ୍ତ ଭାବେ ନିଜର ବିଚାର ବ୍ୟକ୍ତ କରିପାରୁଛି। ତାହା ଠିକ୍ ହେଉ କି ଭୁଲ୍, ସକାରାତ୍ମକ ବା ନକାରାତ୍ମକ ତାହା ଭିନ୍ନ କଥା। ମୁକ୍ତ ମତ ପ୍ରକାଶର ଏହି ସୁଯୋଗ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ବିପୁଳ କ୍ଷମତା ଓ ପ୍ରଭାବର ଅଧିକାରୀ। ଏହାର ସୁଯୋଗ ନେଇ ବିକଶିତ ଉତ୍ତର ଗୋଲାର୍ଦ୍ଧ ବିକାଶଶୀଳ ଦକ୍ଷିଣ ଗୋଲାର୍ଦ୍ଧ ଉପରେ କର୍ତ୍ତୃତ୍ୱ ଜାହିର କରୁ ଆସୁଛି। ଆବଶ୍ୟକ ପଡ଼ିଲେ ଦକ୍ଷିଣ ଗୋଲାର୍ଦ୍ଧରେ ଅରାଜକତା ସୃଷ୍ଟି କରୁଛି ଏବଂ ନିର୍ବାଚନକୁ ନିୟନ୍ତ୍ରଣ କରି ରାଜନୈତିକ ପଟ୍ଟ ପରିବର୍ତ୍ତନ ମଧ୍ୟ କରିପାରୁଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଜନତାଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି, ଯାହାର ଉଦାହରଣ ବହୁଳ। ଏଭଳି ଅନେକ ଘଟଣାକୁ ନେଇ ଭାରତ ସମେତ ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟମାନେ ଉଦ୍‌ବେଗ ପ୍ରକାଶ କରି ସାମାଜିକ ଗଣମାଧ୍ୟମର ସ୍ୱାଧୀନତା ଉପରେ ନିୟନ୍ତ୍ରଣ ଆଣିବାକୁ ସମ୍ପୃକ୍ତ ରାଷ୍ଟ୍ରର ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି। କତିପୟ ଗଣମାଧ୍ୟମ ସଂସ୍ଥାର ଉଚ୍ଛୃଙ୍ଖଳତା ଦୃଷ୍ଟିରୁ ସ୍ୱାଭାବିକ ଭାବେ ସାମଗ୍ରିକ ଗଣମାଧ୍ୟମ ବିଶ୍ୱସନୀୟତାର ସଙ୍କଟରେ ପଡ଼ିଯାଇଛି।

ଏବେ ଏହାର ଅପରପାର୍ଶ୍ୱକୁ ଦେଖିବା। ଶାସନ ଓ ପ୍ରଶାସନ ଅନେକ ସମୟରେ ନିଜର ଅପାରଗତା ଘୋଡ଼ାଇବାକୁ ଗଣମାଧ୍ୟମ ଉପରେ ଚାପ ପକାଏ ଏବଂ ସୂଚନା ପ୍ରକାଶ ନ କରିବାକୁ କଟକଣା ଲଗାଇଥାଏ। ଏ କ୍ଷେତ୍ରରେ ଶାସକର ପ୍ରଥମ ଭୟ ହେଲା ତ୍ରୁଟି-ବିଚ୍ୟୁତି ପ୍ରକାଶ ପାଇଲେ ଶାସନ ଦଳ ନୈତିକତା ହରାଇ ଜନତାଙ୍କ ଦୃଷ୍ଟିରେ ନିନ୍ଦିତ ହେବ, କ୍ଷମତାରୁ ଅପସରି ଯିବ। ଅପ୍ରିୟ ସତ୍ୟ ହେଲା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ ଓ ଶାସନ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପରିବେଶରେ କିପରି କାମ କରୁଛି ତାହା ଜାଣିବାର ମୌଳିକ ଅଧିକାର ଲୋକଙ୍କର ରହିଛି। ଗଣମାଧ୍ୟମ ବ୍ୟତିରେକ ଜନତାଙ୍କ ଏହି ଆବଶ୍ୟକତା ଆଉ କେହି ପୂରଣ କରିପାରିବାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦୁର୍ନୀତିମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ଅପରିହାର୍ଯ୍ୟ। ଅପରପକ୍ଷରେ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ଅନ୍ୟକୁ ଅପମାନିତ ଓ ଅପଦସ୍ତ କରିବା, ରାଷ୍ଟ୍ରବିରୋଧୀ ତତ୍ତ୍ୱକୁ ପ୍ରଶ୍ରୟ ଦେବା କିମ୍ବା ଉତ୍ସାହିତ କରିବା ଅଗ୍ରହଣୀୟ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ଦାୟିତ୍ୱହୀନ ଓ ସଂଯମହୀନ ହେଲେ ବିଶ୍ୱାସନୀୟତା ହରାଏ ଏବଂ ଏହାର ମହତ୍ ଲକ୍ଷ୍ୟ ସାଧିତ ହୁଏ ନାହିଁ। ଗଣମାଧ୍ୟମ, ବିଶେଷକରି ସାମାଜିକ ଗଣମାଧ୍ୟମରେ ସ୍ୱାଧୀନତା ନାମରେ ମାତ୍ରାଧିକ ଉଚ୍ଛୃଙ୍ଖଳତା ଓ ଦାୟିତ୍ୱହୀନତା ଶାସନ, ପ୍ରଶାସନ ଓ ବିଧିବ୍ୟବସ୍ଥାର ପରିପନ୍ଥୀ। ସଚେତନତା ନାମରେ ଏହା ଅରାଜକତା ଓ ସ୍ୱେଚ୍ଛାଚାରିତା ସୃଷ୍ଟି କରିପାରେ। ସେହିଭଳି ସରକାର ନିଜର ସୁରକ୍ଷା ଏବଂ ବିଫଳତା ଲୁଚାଇବା ପାଇଁ ପ୍ରତିଶୋଧ ପରାୟଣ ହୋଇ ଗଣମାଧ୍ୟମ ଉପରେ କଠୋର ଆଇନ୍ ଲାଗୁ କରିବାରୁ ଦୂରେଇ ରହିବା ଆବଶ୍ୟକ। ସେଥିପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି। ଆଇନର ଶାସନ ଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମକୁ ତାହାର ସତର୍କପ୍ରହରୀ ଦାୟିତ୍ୱ ଯଥାର୍ଥ ଭାବେ ନିର୍ବାହ କରିବା ଲାଗି ସ୍ୱାଧୀନତାର ଅଧିକାର ହାସଲ କରିବା ପ୍ରଥମ ଓ ମୌଳିକ ଆବଶ୍ୟକତା। ସହଯୋଗ, ସୁସଂହତ, ସଂଯମ ଓ ସୌହାର୍ଦ୍ଦ୍ୟର ଲକ୍ଷ୍ମଣରେଖା ମଧ୍ୟରେ ଆତ୍ମନିୟନ୍ତ୍ରଣ ଜରିଆରେ ଉଭୟ ପକ୍ଷ ଦାୟିତ୍ୱସମ୍ପନ୍ନ ଭାବେ କାମ କଲେ ଦେଶର କଲ୍ୟାଣ ସାଧିତ ହେବ। ଏଥିପାଇଁ କିନ୍ତୁ ସରକାର ଉଦାର ଓ ସମାଲୋଚନା-ସହିଷ୍ଣୁ ହେବା ବିଧେୟ।

(ପ୍ରାକ୍ତନ ପ୍ରାଧ୍ୟାପକ)

# ହାତମୁଠାରେ ଜଙ୍ଗଲ

ଡ.ପ୍ରସନ୍ନ କୁମାର ଗନ୍ତାୟତ

ସାମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ମୁକାବିଲା ସହିତ ବ୍ୟାପକ ବନୀକରଣ ବା ସବୁଜ ବଳୟ ସୃଷ୍ଟି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ବିକାଶ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏଥିପାଇଁ ସବୁଜ ବଳୟ ବଳି ପଡୁଛି। ଅପରପକ୍ଷରେ ବନୀକରଣ ପାଇଁ ପର୍ଯ୍ୟାପ୍ତ ସ୍ଥାନର ଅଭାବ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ଏହି ପୃଷ୍ଠଭୂମିରେ ଜାପାନ୍‌ରୁ ଜନ୍ମିତ ଏବଂ ସମ୍ପ୍ରତି ଅନ୍ୟାନ୍ୟ ଦେଶରେ ଆଦୃତ 'ମିୟାୱାକି ବୃକ୍ଷରୋପଣ ପଦ୍ଧତି' ଏକ ଅଭିନବ ଓ ଶ୍ରେଷ୍ଠ ବିକଳ୍ପ। ଜାପାନ୍‌ର ଉଦ୍ଭିଦ ବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମରେ ନାମିତ ଏକ ପଦ୍ଧତି ଜୈବ ବିବିଧତା, ସ୍ୱଦେଶୀ ବୃକ୍ଷର ସୁରକ୍ଷା, ବାସସ୍ଥାନର ସୃଷ୍ଟି, ପରିବେଶର ଉନ୍ନତି, ଜଙ୍ଗଲ ଆବରଣରେ ବୃଦ୍ଧି ଇତ୍ୟାଦି ପାଇଁ ସର୍ବାଦୌ ଉପଯୋଗୀ। ଏକ ଛୋଟ ପରିମିତ ଅଞ୍ଚଳରେ, ଏପରିକି ୫୦ ବର୍ଗଫୁଟ୍ ଜମିରେ ଚାରାରୋପଣ କରି ସବୁଜ ଆବରଣକୁ ଘନ କରିବା ମୀୟାୱାକି ବୃକ୍ଷରୋପଣର ମୌଳିକ କୌଶଳ।

ଭାରତର ବିଭିନ୍ନ ଅଞ୍ଚଳରେ, ବିଶେଷକରି କେରଳରେ ମିୟାୱାକି ପଦ୍ଧତି ବେଶ୍ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ଏବଂ ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଉଛି। କମ୍ ଖର୍ଚ୍ଚରେ ଦକ୍ଷ ଓ ପରିବେଶ ଅନୁକୂଳ ଏହି ପଦ୍ଧତି ଦ୍ୱାରା ପ୍ରକୃତିର ସନ୍ତୁଳନ ରକ୍ଷା, ଜୈବ ବିବିଧତାର ପୁନରୁଦ୍ଧାର ଏବଂ ସର୍ବୋପରି ପରିବେଶଗତ ଅବକ୍ଷୟରୁ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରାଯାଇପାରୁଛି। ଭାରତର ପ୍ରଥମ ମିୟାୱାକି ସହରାଞ୍ଚଳ ଜଙ୍ଗଲ କେରଳର ତିରୁବନନ୍ତପୁରମରେ ଆରମ୍ଭ କରାଯାଇଥିଲା। ସବୁଠାରୁ ବଡ଼ ମିୟାୱାକି ଜଙ୍ଗଲ ଏବଂ ପରିବେଶଗତ ପୁନରୁଦ୍ଧାର ପ୍ରୟାସ ଗୁଜରାଟର କଚ୍ଛରେ ଅବସ୍ଥିତ। ସ୍ଥାନ ଅଭାବୀ ମୁମ୍ବାଇ ମଧ୍ୟ ସବୁଜ ଆବରଣ ପୁନଃସ୍ଥାପନ କରିବା ପାଇଁ ବିଭିନ୍ନ ଛୋଟ ଛୋଟ ଖାଲି ଜମିରେ ମିୟାୱାକି ଜଙ୍ଗଲ ପଦ୍ଧତି କାର୍ଯ୍ୟକାରୀ କରୁଛି।

କ୍ଷୟପ୍ରାପ୍ତ ଜମିରେ ଶୀଘ୍ର ଜଙ୍ଗଲ ଆଚ୍ଛାଦନ ସୃଷ୍ଟି କରିବା ପାଇଁ ସବୁଠାରୁ ପ୍ରଭାବଶାଳୀ ବୃକ୍ଷରୋପଣ ପଦ୍ଧତି ମଧ୍ୟରୁ ଏହା ସର୍ବୋତ୍ତମ ଭାବେ ଆଦୃତ ହେବାର ଅନେକ କାରଣ ପଛରେ ରହିଛି ଏହା ପ୍ରାକୃତିକ ପୁନଃବନୀକରଣ ନୀତି ଉପରେ ଆଧାରିତ। ଅର୍ଥାତ୍ ସ୍ଥାନୀୟ ଚାରାରୋପଣ ଓ କୃଷି ପଦ୍ଧତି ବ୍ୟବହାର କରି ପରିବେଶ ଅନୁକୂଳ ଜଙ୍ଗଲର ଘନତ୍ୱ ସୃଷ୍ଟି କରେ। ପ୍ରଦୂଷଣ, ବନ୍ୟା ଓ ଭୂସ୍ଖଳନକୁ ଯଥାସମ୍ଭବ ପ୍ରତିରୋଧ କରିପାରେ। ଯେକୌଣସି ସହରରେ ମିୟାୱାକି ବନ ପ୍ରକଳ୍ପଗୁଡ଼ିକ ପରିବେଶଗତ ସ୍ଥିରତା ଏବଂ ପୁନରୁଦ୍ଧାର ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ। ଏହି ଜାପାନୀୟ ପଦ୍ଧତିରେ ଉଦ୍ଭିଦଟି ୧୦ଗୁଣ ଦ୍ରୁତଗତିରେ ବୃଦ୍ଧି ପାଏ ଏବଂ ଘନତ୍ୱ ସାଧାରଣ ଅପେକ୍ଷା ୩୦ଗୁଣ ଅଧିକ ହୁଏ। ଚେନ୍ନାଇ, ପୁନେ, ବେଙ୍ଗାଲୁରୁ ଏବଂ ଓଡ଼ିଶାରେ ମଧ୍ୟ ଏହି ପଦ୍ଧତିକୁ କେତେକ ସ୍ଥାନରେ ଆପଣାଇବା ଦେଖାଦେଇଛି।

ଏହି ପଦ୍ଧତିରେ ପ୍ରଥମେ ଜମିରୁ ଅନାବନା ଲତା, ଗୁଳ୍ମ,ଗଛ ଆଦି ସଫା କରାଯାଏ। ଏଥିପାଇଁ ହାତ ଉପକରଣ କିମ୍ବା ଷ୍ଟମ୍ପ୍ ଗ୍ରାଇଣ୍ଡର କିମ୍ବା ଏକ୍ସକାଭେଟର ଭଳି ଯାନ୍ତ୍ରିକ ଉପକରଣ ବ୍ୟବହାର କରାଯାଇପାରେ। ନିମ୍ବ, ତେନ୍ତୁଳି, ଆମ୍ବ, ସପେଟା, ଭାରତୀୟ କଳା ବେରି ଆଦି ଦେଶୀ କିସମର ଚାରାଗୁଡ଼ିକୁ ଗ୍ରୋବ୍ୟାଗ ସହ ସଂଗ୍ରହ କରାଯାଏ। ତା'ପରେ ଚାରାଗୁଡ଼ିକୁ ସୀମାବଦ୍ଧ ଜଙ୍ଗଲ ଜମିରେ ରୋପଣ କରାଯାଏ। ସେଗୁଡ଼ିକ ପ୍ରତିରୋପଣ ଯୋଗ୍ୟ ହେବା ବେଳେ ମାଟି ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ ହୁଏ। ପ୍ରଥମେ ରୋପଣ ସ୍ଥାନ ଜମିକୁ ଏକ ମିଟର ଗଭୀର ପର୍ଯ୍ୟନ୍ତ ଖଳିବାକୁ ହୁଏ ଏବଂ ଅଧ ମିଟର ଗଭୀରତା ପର୍ଯ୍ୟନ୍ତ ମାଟି କାଢ଼ିବାକୁ ହୁଏ। ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ ଶୁଖିଲା ଗୋବର, କୋକପିଟ, ବାଦାମ କୋଷ, ଲାଭ ଦାୟକ ସୂକ୍ଷ୍ମ ଜୀବ ଏବଂ କଟା ପତ୍ର ଆଦି ଭର୍ତ୍ତି କରାଯାଏ। ଏହା ଚାରାର ମୂଳକୁ ସହଜରେ ମାଟିର ଗଭୀରକୁ ଯିବାକୁ ଦିଏ। ଏହି ସମସ୍ତ ପୋଷଣ ସାମଗ୍ରୀ ଏବଂ ଜଳ ସଂରକ୍ଷଣକାରୀ ତତ୍ତ୍ୱ ସହିତ ମାଟି ମିଶିଗଲା ପରେ ଚାରାଗୁଡ଼ିକୁ ଗାତରେ ରଖାଯାଏ। ମାଟିର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ସୂର୍ଯ୍ୟ କିରଣରୁ ସୁରକ୍ଷା ଦିଆଯାଏ ଏବଂ ମାଟିର ଆର୍ଦ୍ରତା ହ୍ରାସ ନ ହେବା ପାଇଁ ପତ୍ରର କମ୍ବଳସ୍ତର ସୃଷ୍ଟି କରାଯାଏ। ଚାରାଗୁଡ଼ିକୁ କଠିନ କାଠ ବାଡ଼ି ପୋତି ସେଥିରେ ବନ୍ଧାଯାଏ, ଯ'ଦ୍ୱାରା ଚାରାଗୁଡ଼ିକ ସହାୟତା ପାଇ ସିଧା ବଢ଼ିଥାଏ। ଶେଷରେ ଚାରାଗୁଡ଼ିକୁ ନିୟମିତ ଯାଞ୍ଚ କରାଯାଇ ଜଳସେଚନ ପ୍ରଣାଳୀ ପ୍ରତି ଧ୍ୟାନ ଦିଆଯାଏ। ଯଦି ତୃଣକ ଥାଏ, ସେସବୁକୁ ଚିହ୍ନଟ କରି ଅପସାରଣ କରାଯାଏ ଏବଂ ଚାରା ମଧ୍ୟରେ କୌଣସି ସଂକ୍ରମଣକୁ ଚିହ୍ନଟ କରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଏ। ଯଦ୍ଵାରା ସମସ୍ତ ଚାରା ବଞ୍ଚିବାର ସମ୍ଭାବନାକୁ ବୃଦ୍ଧି ପାଏ। ଜଙ୍ଗଲ ଶୀଘ୍ର ପ୍ରତିଷ୍ଠିତ ହୁଏ ଏବଂ ଆତ୍ମନିର୍ଭରଶୀଳ ହୋଇଥାଏ। ଯାହା ପ୍ରଥମ ତିନି ବର୍ଷ ପରେ ରକ୍ଷଣାବେକ୍ଷଣ ମୁକ୍ତ ହୋଇଥାଏ।

ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ପୁନଃବନୀକରଣ ପ୍ରୟାସ ପାଇଁ ମିୟାୱାକି ପଦ୍ଧତି ଏକ ଉତ୍କୃଷ୍ଟ ପସନ୍ଦ। ଏଥିରେ ଏକ ଅନୁର୍ବର ଜମିକୁ ଅଧିକ ଜୈବିକ ବିବିଧ ଜଙ୍ଗଲରେ ପରିଣତ କରାଯାଇପାରେ। ଚାରାଗୁଡ଼ିକୁ ପରସ୍ପର ନିକଟରେ ଲଗାଯାଇଥାଏ, ଯାହାଦ୍ୱାରା ସେଗୁଡ଼ିକ ଉପରୁ ସୂର୍ଯ୍ୟକିରଣ ପାଇଥାଏ ଏବଂ ଆଉ ପାର୍ଶ୍ୱଆଡ଼କୁ ନ ବଢ଼ି କେବଳ ଉପରକୁ ବଢ଼ି ଘନ ଛାଇ ସ୍ତର ସୃଷ୍ଟି କରେ। ଏକ ସୀମିତ ଅଞ୍ଚଳରେ କମ୍ ସମୟ ମଧ୍ୟରେ ଅଧିକ ସବୁଜିମା ସୃଷ୍ଟି କରିବାରେ ମିୟାୱାକି ପଦ୍ଧତିକୁ ଏବେ ସ୍ଥାନୀୟ ଭାବେ ହାତମୁଠାରେ ଜଙ୍ଗଲ କୁହାଗଲାଣି ଏବଂ ଆଦୃତ ହେଲାଣି।

ଅଧ୍ୟକ୍ଷ(ସେବା ନିବୃତ୍ତ)
ରାୟଗଡ଼ା, ମୋ: ୮୨୪୯୪୨୫୫୫୧

# କାରୁଣ୍ୟ ବିଗଳିତ କାଳିନ୍ଦୀ ଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଓଡ଼ିଶା ଗଡ଼ଜାତର ନିବିଡ଼ ଅରଣ୍ୟାନୀ ମଧ୍ୟରେ ନିରୀହ ସରଳ ଅବୋଧ କୃଷ୍ଣସାର ମୃଗଶିଶୁଟିଏ ମାତୃସ୍ତନରୁ ଅମୃତପାନ କରୁଛି ନିଧଡ଼କ ଭାବରେ। ଏପରି ମମତାପ୍ଲୁତ ମୁହୂର୍ତ୍ତ କେଉଁ ବନ୍ଧୁକଧାରୀ ନିର୍ମମ ରାକ୍ଷସର ପ୍ରଚଣ୍ଡ ଗୁଳି ବିସ୍ଫୋରଣରେ ହୋଇଗଲା ବିପର୍ଯ୍ୟସ୍ତ, ନିସ୍ତବ୍ଧ? କ୍ଷୀରଦାନରେ ପରିତୃପ୍ତ ହରିଣୀର ଶରୀର ହୋଇଗଲା ରକ୍ତ ଜର୍ଜର? କ୍ଷଣିକ ମଧ୍ୟରେ ଟଳିପଡ଼ିଲା ନିସ୍ପନ୍ଦ ଶରୀରଟି ତା'ର। କି ଦୋଷ କରିଥିଲା ସ୍ନେହମୟୀ ମୃଗାବତାର ମାତୃ ପ୍ରତମାଟି? କ'ଣ ଯେ ଘଟିଗଲା, ତାହା ବୁଝିପାରିବାର ସାମାନ୍ୟ ଶକ୍ତି ସଂଚାର ହୋଇ ନଥିବା ତା'ର ଟିକି ଶିଶୁ କନ୍ୟାଟି କେଉଁ ଜନ୍ମରେ କି ଅପରାଧ କରିଥିଲା? ଏପରି ନିଷ୍ଠୁର ଭାବରେ ନିରୀହ ପ୍ରାଣୀ ଉପରେ ଗୁଳି ନିକ୍ଷେପ କରିବାର ଅଧିକାର କିଏ ବା କାହାକୁ ଦେଲା? ଏହି ଚିତ୍ର ଯେତେବେଳେ ପ୍ରାଣବନ୍ତ ହୋଇ ଉଠିଛି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ' ଗଳ୍ପରେ, ସେତେବେଳେ ଯତ୍‌ସାମାନ୍ୟ କୋମଳତାର ଅଧିକାରୀ ପାଠକର ଆପାଦମସ୍ତକ କାର୍ତ୍ତିକ ମାସର ଶୀତାର୍ତ୍ତ ରାତି ପରି ଥରି ଉଠେ।

ଯେଉଁ ଜମିଦାରଙ୍କ ଦ୍ୱାରା ଧୂଳିସାତ ହୋଇଗଲା ନିଜର ନିଷ୍ପାପ ଶୈଶବ, ସେହି ଘାତକକୁ ଆକୁଳ ନୟନରେ ଚାହିଁଲା ମୃଗଶିଶୁଟି। ପାଠକ ଶୁଣିଲା ତାଙ୍କ ହୃଦୟରେ ଯେତେବେଳେ ଉଚ୍ଚାରିତ ହେଲା -'ଆହାଃ।' କିନ୍ତୁ ଏଇଠି ଅଟକି ଯାଇନି କାରୁଣ୍ୟ-ବିଗଳିତ କାଳିନ୍ଦୀଚରଣଙ୍କ କଲମ। ମୃଗଶିଶୁଟିକୁ ପାଳିତା କନ୍ୟା ପରି ନିଜ ଉଆସରେ ଆଶ୍ରୟ ଦେଇଥିବା ଜମିଦାର ଯେ ପୁଣି ଘନିଷ୍ଠ ବନ୍ଧୁ ଇଂରେଜ ସାହେବଙ୍କ ପାଇଁ ନୃଶଂସ ହୋଇପାରନ୍ତି ତାହା ଭାବିବା ବେଳେ ଶରୀରରେ ଶିହରଣ ଖେଳିଯାଏ। ଆଉ ପାଠକର ମାନସିକତା କେଉଁ ସ୍ତରକୁ ଯାଇଥିବ ତାହା କଳ୍ପନାତୀତ। 'ମାଂସର ବିଳାପ' ଗଳ୍ପ ପାଠ କରିବା ପରେ କେତେ ପାଠକ, ଛାତ୍ରଛାତ୍ରୀ ହୋଇଯାଇଛନ୍ତି ଶାକାହାରୀ ଏହାର ହିସାବ ରଖିବା ହୁଏତ ସମ୍ଭବ ହେବ ନାହିଁ। କିନ୍ତୁ ଯାହା ଭିତରେ ସାମାନ୍ୟ ବି ରହିଛି ସ୍ନେହ, ମମତା ସେମାନେ ମୁକ୍ତ ହୋଇଛନ୍ତି ଏହି ଦୁଷ୍କର୍ମରୁ। ଆଜିର ମାତୃପ୍ରତିମ, ଭଗିନୀ ସଦୃଶା, କନ୍ୟା ପ୍ରତି. ଶିଶୁ କନ୍ୟା ଅର୍ଥାତ ମାତୃଜାତି ପ୍ରତି ଆସୁରିକ ଅତ୍ୟାଚାରର ଏକ ପ୍ରତୀକାତ୍ମକ ପ୍ରତିବାଦ ହେଉଛି 'ମାଂସର ବିଳାପ'।

କାଳଜୟୀ ସାହିତ୍ୟ ସ୍ରଷ୍ଟା କାଳିନ୍ଦୀ ଚରଣଙ୍କ ରଚିତ 'ପଙ୍ଗୁ', 'ବିଟଘର ଓ ରେଳଗାଡ଼ି' ସେହିପରି ମାନବିକ ଆବେଦନରେ ମର୍ମଦାହୀ। 'ମାଟିର ମଣିଷ' ପରି ଗାନ୍ଧୀ ବିଚାରଧାରା ସମୃଦ୍ଧ ଉପନ୍ୟାସ ସେ ହିଁ ସୃଷ୍ଟି କରି ପାରନ୍ତି। ଉପନ୍ୟାସର ନାୟକ ବରଜୁ ସାନଭାଇ ଛକଡ଼ି ନିମନ୍ତେ ଯେଉଁ ତ୍ୟାଗ ସ୍ୱୀକାର କରିଛି ତାହା କି ବିରଳ! ଅହିଂସା ଆଜିର ଯୁଗରେ ଅଚଳ ବୋଲି କହିବା ଏକ ଫ୍ୟାସନ ହୋଇଗଲାଣି ବୋଲି ଗାନ୍ଧିଜୀ ତାଙ୍କ ସମୟରେ ଯାହା କହିଥିଲେ। ଆଜି ସେହି ଫ୍ୟାସନ ଅଧିକ ଉଗ୍ର ରୂପ ନେଲାଣି। ଯେଉଁ ଆଦର୍ଶ, ପାରିବାରିକ ଶାନ୍ତି ବଜାୟ ରଖିପାରେ ତାହା ସମାଜ କିମ୍ବା ଦେଶ ପାଇଁ କ'ଣ ଅନୁସରଣୀୟ ନୁହେଁ?

ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କାଳିନ୍ଦୀ ଚରଣଙ୍କ ପ୍ରତିଭାର ଅଭ୍ୟୁଦୟ। 'ସବୁଜ ଗୋଷ୍ଠୀ'ର ସାହିତ୍ୟିକ ପରିମଣ୍ଡଳ ଓଡ଼ିଆ ସାହିତ୍ୟର ଏକ ସ୍ମରଣୀୟ ଅଧ୍ୟାୟ। ଏହାପରେ କାଳିନ୍ଦୀ ଚରଣ କବିତା ସହିତ ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ ଲେଖିଛନ୍ତି। 'ଅଙ୍ଗେ ଯାହା ନିଭାଇଛି'ପରି ଉଚ୍ଚକୋଟୀର ଆତ୍ମଜୀବନୀର ସ୍ରଷ୍ଟା ସେ। ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା, ମନେନାହିଁ ମହାଦୀପ, ସାଗରିକା ଆଦି କେତେ ପୁସ୍ତକ ତାଙ୍କର ଓଡ଼ିଆ ସାହିତ୍ୟକୁ କରିଛି ସମୃଦ୍ଧିଶାଳୀ। ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ଗଳ୍ପମାଳା ବି ଅନୁବାଦ କରିଛନ୍ତି ସେ। କେଉଁ ଦିଗରେ ବା ତାଙ୍କ ପ୍ରତିଭା ରଶ୍ମି ବିକିରିତ ହୋଇନାହିଁ! ତେବେ ପ୍ରତିଭା-ପାତ୍ର ଯାହା ଘେନି ପରିପୂର୍ଣ୍ଣତା ଲାଭକରେ ସେହି ମାନବୀୟ ବେଦନା ଓ ସମ୍ବେଦନା ହେଉଛି କାଳିନ୍ଦୀ ଚରଣଙ୍କ ସାହିତ୍ୟର ସର୍ବୋତ୍ତମ ଐଶ୍ୱର୍ଯ୍ୟ। ଯେଉଁଠି କାରୁଣ୍ୟର ହୃଦୟସ୍ପର୍ଶୀ ବ୍ୟଞ୍ଜନା, ତାହା ହିଁ ହୋଇପାରେ କାଳଜୟୀ। କାଳିନ୍ଦୀ ଚରଣ ସବୁଜ ଧାରାର ସ୍ରଷ୍ଟା। ପୁଣି ପ୍ରଗତିବାଦୀ ସାହିତ୍ୟର ଶିଳ୍ପୀ ଭାବରେ 'ଆଗାମୀ'ପୃଥିବୀର ସ୍ୱପ୍ନ ସେ ଦେଖିପାରନ୍ତି, ଯେଉଁଠି ପ୍ରତିଟି ମଣିଷର ବଞ୍ଚି ରହିବାର ଅଧିକାର ହେଉଛି ଶ୍ରେଷ୍ଠ ଆହ୍ୱାନ। 'ପୁରୀ ମନ୍ଦିର'କବିତା ଯାହାଙ୍କ ମାନବବାଦୀ ଚେତନାର ପରିଚାୟକ ସେ ଭାରତୀୟ ସାହିତ୍ୟ ଜଗତର ଯେ ଏକ ସ୍ୱର୍ଣ୍ଣିମ କିରଣ - ଏହା କିଏ ଅବା ଅନୁଭବ କରିବା ରହିଯାଇଛି ବାକି? ଯେଉଁମାନଙ୍କ ସକାଶେ ଅଛି ବାକି, ସେମାନଙ୍କ ପାଇଁ ରହିଛି କାଳିନ୍ଦୀ ଚରଣ ଗ୍ରନ୍ଥାବଳୀ ଜୀବନ୍ତ ସାକ୍ଷୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରଙ୍କୁ ଘେରିବାକୁ କଂଗ୍ରେସ ପ୍ରସ୍ତୁତ

# ଅନାସ୍ଥା ଅସ୍ତ୍ର ଧରି ଗୃହ ପ୍ରବେଶ କରିବ ଦଳ

ଭୁବନେଶ୍ୱର,୧୭।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ବଡ଼ ରଣନୀତି ପ୍ରସ୍ତୁତ କରିଛି। ହାତରେ ଲମ୍ବାତାଲିକା ସହ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭଳି ବଡ଼ ଅସ୍ତ୍ର ପ୍ରୟୋଗ କରିବାକୁ ମଧ୍ୟ ଦଳ ନିଷ୍ପତ୍ତି ନେଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ବୁଧବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିଥିବା ବେଳେ ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଉପସ୍ଥିତ ରହି ଏହି ରଣନୀତି ପ୍ରସ୍ତୁତ କରିଛନ୍ତି। ବୈଠକ ପରେ ବିଧାୟକ ଦଳ ନେତା କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ହିଂସାଠାରୁ ଆରମ୍ଭ କରି ଚାଷୀମାନେ ସାର ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ରାଜ୍ୟରେ ଏ ସରକାରର ରହିବାର ନୈତିକ ଅଧିକାର ନାହିଁ। ତେଣୁ କଂଗ୍ରେସ ଦଳ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛି। ଏହାସହିତ ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଦଳ ପାଖରେ ରହିଛି। ବର୍ତ୍ତମାନ ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ହୋଇଛି। ନିଯୁକ୍ତି ଓ ରୋଜଗାର ପାଇଁ ଯୁବକମାନେ ବାହାର ରାଜ୍ୟକୁ ପଳାୟନ କରିବାକୁ

- ସାର ପ୍ରସଙ୍ଗରେ ଦଳ କରିବ ଶାଣିତ ଆକ୍ରମଣ
- ମହିଳା ହିଂସା, ଛାତ୍ର ନିର୍ବାଚନ ଭଳି ପ୍ରସଙ୍ଗ ବି ଉଠାଇବ

ବାଧ ହେଉଛନ୍ତି। ଏହାସହିତ ରାଜ୍ୟରେ ସରକାରକୁ ଆସିଲେ ଛାତ୍ର ନିର୍ବାଚନ ହେବ ବୋଲି ସରକାର କହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଆରମ୍ଭ କରି ନାହାନ୍ତି। କେଉଁଥିପାଇଁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇ ରହିଛି ବୋଲି ସରକାରଙ୍କ ଦଳ ଜବାବ ମାଗିବ ବୋଲି ଶ୍ରୀ କାଡାମ୍ କହିଛନ୍ତି।

ଏହା ବ୍ୟତୀତ ନିକଟରେ ରାଜ୍ୟରେ ଏସ୍‌ସି-ଏସ୍‌ଟି ମାମଲାରେ ଏସ୍‌ଆଇ ମାନଙ୍କୁ ତଦନ୍ତ ଭାର



ଦିଆଯିବା ନିଷ୍ପତ୍ତି ବିରୋଧରେ ମଧ୍ୟ ଦଳ ସ୍ୱର ଶାଣିତ କରିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଏସ୍‌ସି-ଏସ୍‌ଟି ମାନଙ୍କ ଉପରେ ଅତ୍ୟାଚର ବଢ଼ିବ ବୋଲି ସେ କହିଛନ୍ତି। ସେହିପରି ମହିଳା ସୁରକ୍ଷା ମଧ୍ୟ ନିମ୍ନଗାମୀ ହେଉଛି। ରାଜଧାନୀ ଛାତି ଉପରୁ ମହିଳା କନଷ୍ଟେବଳଙ୍କୁ ନେଇ ହତ୍ୟା କରାଯାଉଛି, ସରକାର କିପରି ଚେଇଁ ଶୋଇଛନ୍ତି ତାହାର ଜବାବ ମଗାଯିବ ବୋଲି ସେ କହିଛନ୍ତି। ସାର ଅଭାବରେ ରାଜ୍ୟର ଚାଷୀମାନେ କ୍ଷେତ ବଦଳରେ ରାଜରାସ୍ତାରେ ଲଢ଼େଇ କରୁଛନ୍ତି, କାହିଁକି ରାଜ୍ୟର ଚାଷୀଙ୍କୁ ସାର ଉପଲବ୍ଧ କରାଯାଇ ପାରୁନାହିଁ ତାହାର ମଧ୍ୟ ସରକାର ଜବାବ ଦେବେ ବୋଲି ଶ୍ରୀ କାଡାମ୍ କହିଛନ୍ତି। ଏଭଳି ପ୍ରସଙ୍ଗକୁ ନେଇ କଂଗ୍ରେସର ସମସ୍ତ ବିଧାୟକ ସରକାରଙ୍କୁ ଶାଣିତ ଆକ୍ରମଣ କରିବା ସହ ଦଳ ଉତ୍ତର ଦାବି କରିବ ବୋଲି ଶ୍ରୀ କାଡାମ କହିଛନ୍ତି। ଆଜିର ଏହି ବୈଠକରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହି ଏକ ହୋଇ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

# ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

**ଆଇକାର୍ଡ ଓ ୟୁନିଫର୍ମ ବାଧ୍ୟତାମୂଳକ**

ଭୁବନେଶ୍ୱର, ୧୭।୯(ସମିସ): ସ୍କୁଲ୍ ପିଲାଙ୍କ ପାଇଁ ବସ୍ ସେବା ମାଗଣା ହେବ। ବିଦ୍ୟାଳୟକୁ ସରକାରୀ ବସ୍‌ରେ ମାଗଣା ଯିବାଆସିବା କରିପାରିବେ। ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନା ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ପ୍ରଦାନ କରାଯିବ। ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସ୍କୁଲ୍ ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ପଢ଼ା ଜାରି ରଖିପାରିବେ।

## ବାର୍ କାଉନ୍‌ସିଲ୍‌ର ନିଷ୍ପତ୍ତି

# ଆଇନଜୀବୀ ପେସାରୁ ଅର୍ଚ୍ଚନା ନାଗ ନିଲମ୍ବିତ

କଟକ, ୧୭।୯(ସମିସ): ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ) ପକ୍ଷରୁ ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ଓକିଲାତି ଲାଇସେନ୍ସ ସସପେଣ୍ଡ କରାଯାଇଛି। ଫଳରେ ଅର୍ଚ୍ଚନା ବିଧିବଦ୍ଧ ଭାବେ ଆଇନଜୀବୀ ପେସାରୁ ନିଲମ୍ବିତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ ଅର୍ଚ୍ଚନା ନାଗ ତାଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଗୋପନ ରଖି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ। ସେହି ଆଧାରରେ ନିଜକୁ ଆଇନଜୀବୀ ହିସାବରେ ପଞ୍ଜୀକରଣ କରାଇଥିଲେ। ତାଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ନାହିଁ କିମ୍ବା ସେ କୌଣସି ବ୍ୟବସାୟ ବୃତ୍ତିରେ ସଂପୃକ୍ତ ନାହାନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ବାସ୍ତବରେ ତାଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରୀ ମାମଲା ରୁଜୁ ହୋଇ ବିଚାରାଧୀନ ଥିବା ଜଣାପଡିଥିଲା। ସେ ଦୁଇଟି କମ୍ପାନୀର ନିର୍ଦ୍ଦେଶକ ମଧ୍ୟ ଅଛନ୍ତି। ମିଥ୍ୟା ତଥ୍ୟ ପ୍ରଦାନ କରିଥିବାରୁ ଭାରତୀୟ ଅଧିବକ୍ତା ନିୟମ ୧୯୬୧ର ଏହା ବିରୁଦ୍ଧାଚରଣ କରିଛି। ସମସ୍ତ ବିଷୟକୁ ଗୁରୁତର ସହିତ ଗ୍ରହଣ କରି ଅର୍ଚ୍ଚନା ନାଗଙ୍କୁ ଆଇନଜୀବୀ ପେସାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଫଇସଲା ପର୍ଯ୍ୟନ୍ତ ନିଲମ୍ବନ କରାଯିବା ପାଇଁ ବାର କାଉନସିଲ ସାଧାରଣ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି।

## ଅବଶିଷ୍ଟାଂଶ

### ନାରୀ-ସାର...

କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ଗୃହର ଦିବଙ୍ଗତ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବେ । ଗତ ଅଧିବେଶନ ଶେଷ ଓ ଚଳିତ ଅଧିବେଶନ ମଧ୍ୟରେ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ସମେତ ୫ ଜଣ ପୂର୍ବତନ ସଦସ୍ୟ ଓ ନୂଆପଡାର ଆସୀନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ଦେହାନ୍ତ ହୋଇଛି। ଏହି ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହେବା ପରେ ଗୃହରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ଏହାପରେ ବାଚସ୍ପତି ଗୃହକୁ ଶୁକ୍ରବାର ଯାଏଁ ମୁଲତବୀ ରଖିବେ ବୋଲି ସ୍ଥିରୀକୃତ ହୋଇଛି।

### କଠୋର ଆଭିମୁଖ୍ୟ...

ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳଜଳ ହୋଇ ଦିଶୁଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର ଜନିତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପ୍ରତିଦିନ ବଢି ଚାଲିଛି। ଏ ରାଜ୍ୟରେ ଏବେ କେହି ନିରାପଦ ନୁହନ୍ତି ବୋଲି ନବୀନ କହିଥିଲେ। ସେହିପରି ସାର ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମାନବକୃତ ସଙ୍କଟ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି । ପଞ୍ଚାୟତି ରାଜ ବ୍ୟବସ୍ଥାରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ଼ ବିରୋଧ କରାଯିବ। ଏତଦ୍ ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବୀ କରାଯିବ ବୋଲି ସେ କହିଥିଲେ। ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ନେତାଙ୍କ ପରାମର୍ଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବାପା-ମା'ଙ୍କ ଜନ୍ମ...

ତେବେ ୧୯୮୭ ପରେ ଜନ୍ମ ଗ୍ରହଣ କରିଥିବା ଭୋଟରମାନଙ୍କୁ ସେମାନଙ୍କ ପିତାମାତାଙ୍କର ଜନ୍ମ/ସ୍ଥାନ ପ୍ରମାଣପତ୍ର ଦେବାକୁ ପଡ଼ିବ। କମିସନଙ୍କର ଜେଣ ଅଧିକାରୀ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ଗତଥର ଅଲଗା ଅଲଗା ସମୟରେ ଏସ୍‌ଆଇଆର ହୋଇଥିଲା। ଅଧିକାଂଶ ରାଜ୍ୟରେ ଏହି ପ୍ରକ୍ରିୟା ୨୦୦୨ରୁ ୨୦୦୪ ଭିତରେ ହୋଇଥିଲା। ଯେଉଁ ଲୋକଙ୍କ ନାମ ସେ ସମୟରେ ଭୋଟର ତାଲିକାରେ ଥିଲା, ସେମାନଙ୍କୁ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବନାହିଁ। ଉଦାହରଣ ସ୍ୱରୂପ ବିହାରରେ ୨୦୦୩ରେ ଏସଆଇଆର ହୋଇଥିଲା। ଏଠାକାର ପ୍ରାୟ ୫ କୋଟି ଭୋଟର ପୂର୍ବରୁ ଏହି ତାଲିକାରେ ଅଛନ୍ତି। ତେଣୁ ଏମାନଙ୍କୁ କୌଣସି ଅତିରିକ୍ତ ପ୍ରମାଣପତ୍ର ଦେବାକୁ ପଡ଼ିବନାହିଁ। ଆଉ ୩ କୋଟି ନୂଆ ଭୋଟରଙ୍କୁ ନିର୍ଦ୍ଧାରିତ ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏ ଦେବାକୁ ହେବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ମଧ୍ୟ ପ୍ରମାଣପତ୍ର ଭାବେ ଧରାଯାଇଛି। ନୂଆ ବ୍ୟବସ୍ଥାରେ ଯେଉଁ ଲୋକ ନୂଆ ଭୋଟର ହେବାକୁ ଚାହୁଁଛନ୍ତି କିମ୍ବା ଅନ୍ୟ ରାଜ୍ୟରୁ ଆସିଛନ୍ତି ତାଙ୍କୁ ଘୋଷଣାପତ୍ର ଦେବାକୁ ହେବ। ଭାରତରେ କେବେ ଜନ୍ମ ହୋଇଥିଲେ ବୋଲି ପ୍ରମାଣ ଦେବାକୁ ହେବ।

୧୯୮୭ ଜୁଲାଇ ୧ ପୂର୍ବରୁ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ନିଜର ପ୍ରମାଣପତ୍ର ଏବଂ ୧୯୮୭ ଜୁଲାଇ ୧ରୁ ୨୦୦୪ ଡିସେମ୍ବର ୨ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ମାତାପିତାଙ୍କ ଜନ୍ମତାରିଖ କିମ୍ବା ଜନ୍ମସ୍ଥାନ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ୨୦୦୪ ଡିସେମ୍ବର ୨ ପରେ ଜନ୍ମିତ ବ୍ୟକ୍ତିଙ୍କ ଲାଗି ଏହି ସର୍ତ୍ତ କଡ଼ାକଡ଼ି କରିଦିଆଯାଇଛି। ମାତାପିତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ବୋଲି ତାଙ୍କୁ ପ୍ରମାଣିତ କରିବାକୁ ପଡ଼ିବ। ବେଆଇନ ପ୍ରବାସୀ ହୋଇ ନ ଥିବା ମଧ୍ୟ ସ୍ପଷ୍ଟ କରିବେ।

### ଇଭିଏମ୍‌ରେ ରହିବ...

୪୯ବି ଅଧୀନରେ ଇଭିଏମ ବାଲାଟ ପେପରର ଡିଜାଇନ ଏବଂ ପ୍ରିଣ୍ଟିଂ ସମ୍ବନ୍ଧିତ ଥିବା ମାର୍ଗଦର୍ଶିକାରେ ସଂଶୋଧନ କରାଯାଇଛି। ସ୍ୱଚ୍ଛତା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କମିସନ ଏଥିରେ ଚାରୋଟି ବଡ଼ ପରିବର୍ତ୍ତନ କରିଛନ୍ତି। ପ୍ରାର୍ଥୀଙ୍କ ମୁହଁ ଫଟୋର ତିନି ଚତୁର୍ଥାଂଶରେ ରହିବ। ପ୍ରାର୍ଥୀ/ ନୋଟାର କ୍ରମିକ ସଂଖ୍ୟାର ଫଣ୍ଟ ଅନ୍ତର୍ଜାତୀୟ ଶୈଳୀରେ ରହିବ। ଫଣ୍ଟର ଆକାର ୩୦ ହେବ ଏବଂ ଏହା ବୋଲ୍ଡ ତଥା ଗାଢ଼ ରଖାଯିବ। ଇସିଙ୍କ ସୂଚନା ଅନୁଯାୟୀ ଇଭିଏମର ବାଲଟ ପେପର ୭୦ ଜିଏସଏମ ପେପରରେ ଛପାଯିବ। ବିଧାନସଭା ନିର୍ବାଚନ ପାଇଁ ସ୍ୱତନ୍ତ୍ର ଆରଜିବି ଥିବା ଗୋଲାପୀ ରଙ୍ଗରେ କାଗଜ ବ୍ୟବହାର କରାଯିବ।

### ରିଆତି ଜରିମାନାରେ...

ସମାଧାନ ଯୋଜନା' ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡୁଛି ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ 'ଏକକାଳୀନ ସମାଧାନ ଯୋଜନା' ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ ଏବେ ସୁଦ୍ଧା ୩୧ ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବର ପ୍ଲେଟ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂ ଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

ଏ ଅଭିଯୋଗଗୁଡ଼ିକର ସଂଖ୍ୟାକୁ ଦେଖି ରାଜ୍ୟ ସରକାର ଏକକାଳୀନ ସମାଧାନ ବାଟ ବାହାର କରିଛନ୍ତି। ଯାହାକୁ କେନ୍ଦ୍ର କରି ରାଜ୍ୟ ବାଣିଜ୍ୟ ବିଭାଗ ଆଜି ଏହି ଓଟିଏସ୍ ବିଜ୍ଞପ୍ତି ଜାରି କରିଛି। ଏଥିରେ ୧୭ ପ୍ରକାରର ନିୟମ ଉଲ୍ଲଂଘନ ପାଇଁ ରିହାତି ଘୋଷଣା କରାଯାଇଛି। ସାଧାରଣ ଉଲ୍ଲଂଘନ, ଡ୍ରାଇଭିଂ ନିୟମ ଭଙ୍ଗ, ବିନା ଟିକଟରେ ଯାତ୍ରା, ଅଧିକାରୀଙ୍କ ଆଦେଶକୁ ପାଳନ ନକରିବା ସୂଚନା ଦେବାକୁ ମନା କରିବା ଆଦି ଉଲ୍ଲଂଘନ ପାଇଁ ୫୦୦ରୁ ୨୦୦୦ ଟଙ୍କା ଯାଏ ଜରିମାନା ବ୍ୟବସ୍ଥା ଥିଲା ସେଥିରେ ୫୦ ପ୍ରତିଶତ ହ୍ରାସ କରାଯାଇଛି। ସେହିପରି ମାନସିକ ଓ ଶାରିରୀକ ସୁସ୍ଥତା ନଥାଇ ଗାଡ଼ି ଚଳାଇବା ଏବଂ ଶବ୍ଦ ଓ ବାୟୁ ପ୍ରଦୂଷଣ କରୁଥିବା ଗାଡ଼ି ଗୁଡ଼ିକ ପାଇଁ ଏକକାଳୀନ ଦେୟ ପଇଠରେ ୫୦ ପ୍ରତିଶତ ହ୍ରାସ ଘୋଷଣା କରାଯାଇଛି। ବିନା ପଞ୍ଜିକରଣରେ ଗାଡ଼ି ଚଳାଇବା ଆଦି ନିୟମ ଉଲ୍ଲଂଘନ ଲାଗି ୨୦୦୦ରୁ ୫୦୦୦ ଟଙ୍କା ଜରିମାନା ଥିଲା। ଏବେ ଏହାକୁ ୨୦୦୦ ଟଙ୍କା ଦେଇ ମାମଲା ବନ୍ଦ କରିହେବ ବୋଲି କୁହାଯାଇଛି। ସେହିପରି ଓଭରସାଇଜ ଗାଡି ପାଇଁ ୫ ହଜାର ଟଙ୍କା ସର୍ବାଧିକ ଜରିମାନା ସ୍ଥିର କରାଯାଇଥିବା ବେଳେ ଅନ୍ୟ ସବୁ ମାମଲାରେ ୧୦୦ ଟଙ୍କା ଜରିମାନା ନିର୍ଦ୍ଧାରଣ କରାଯାଇଛି।

### ପ୍ରତ୍ୟାହାର ହେବ...

ବିରୋଧରେ ଇ-ଚାଲାଣ ହୋଇଛି। ଏହାକୁ ଆରଟିଓ ଓ ପୁଲିସ କର୍ତ୍ତୃପକ୍ଷଙ୍କଠାରେ ସମାଧାନ କରାଯାଇ ନ ପାରିବାରୁ ମାମଲା କୋର୍ଟକୁ ଯାଇଛି। ହେଲେ ବର୍ଷ ବର୍ଷ ଧରି ଏଭଳି ମାମଲାର ବିଚାର ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଅଦାଲତ ଉପରୁ ଚାପ ହ୍ରାସ କରିବା ସହିତ କିଭଳି ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଜୋରିମାନା ବାବଦ ଅର୍ଥ ଆଦାୟ କରାଯାଇ ପାରିବ ସେନେଇ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏଥିରେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଯେତେସବୁ ମାମଲା ରହିଛି ସେଗୁଡିକୁ ପ୍ରତ୍ୟାହାର କରାଯିବ ଓ ସେ ସଂକ୍ରାନ୍ତରେ ଆଇନଗତ ଦିଗ ଉପରେ ଆଲୋଚନା କରି ଏହି କମିଟି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବାକୁ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ପୁଲିସ ପଞ୍ଝାରେ...

ବନ୍ଧୁକ ଆଣି ଓଡ଼ିଶା ଆସିଥିଲା। ଏଠାରେ ଡିଲ୍ ଚାଲିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାବୁଡ଼ରେ ପଡ଼ିଥିଲେ। ଟିପୁ କେବଳ ବୁଲୁ ଓ ସକାବତକୁ ବନ୍ଧୁକ ଦେବାକୁ ଆସି ନ ଥିଲା; ବରଂ ଆହୁରି ଅନେକ ଅପରାଧୀ ମଧ୍ୟ ବନ୍ଧୁକ ପାଇଁ ବଇନା ଦେଇଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ହ୍ୱାଟ୍ସଆପ ଚାଟ୍ ଓ କଲ୍ ଡିଟେଲ ରିପୋର୍ଟ (ସିଡିଆର) ଯାଞ୍ଚରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସ ହାତରେ ଲାଗିଛି। ସେମାନଙ୍କୁ ମଧ୍ୟ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସେପଟେ ଝାଡ଼ଖଣ୍ଡୀ ମହେଶ ୯ଟି ବିବାହ କରିଥିବା ପୁଲିସ ଜାଣିବାକୁ ପାଇଛି। ଏକାଧିକ ବିବାହ ପଛରେ ବନ୍ଧୁକ ବେପାର ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଭିନ୍ନ ସ୍ଥାନରେ ବନ୍ଧୁକ ବେପାରକୁ ବଢ଼ାଇବା ପାଇଁ ସେ ଗୋଟିଏ ପରେ ଗୋଟିଏ ବିବାହ କରିଥିବା ଜଣାପଡ଼ିଛି। ଏନେଇ ସ୍ୱତନ୍ତ୍ର ଅପରାଧିକ ଶାଖା ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ରାଜଧାନୀରେ ମାରିଲା...

ପୁଲିସ କହୁଥିବାବେଳେ ଶୁଭମିତ୍ରାଙ୍କୁ ହତ୍ୟା କରି ୧ କୋଟି ବୀମା ହାସଲ ପାଇଁ ଦୀପକ ଷଡ଼ଯନ୍ତ୍ର କରିଥିବା ସାଧାରଣରେ ସନ୍ଦେହପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲ୍ଲା ପିତୁକୁଳିର ଶୁଭମିତ୍ରା ପୁଲିସ କମିସନର (ସିପି) ଅଫିସରେ ଥିବା ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କନଷ୍ଟେବଳ ଭାବରେ କାମ କରୁଥିଲେ। ସେହିପରି କନେଷ୍ଟବଳ ଦୀପକ ରାଉତ କମିଶନରେଟ ପୁଲିସରେ ଆକାଉଣ୍ଟ ସେକ୍ସନରେ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ। ଦୀପକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁପରେ ଶୁଭମିତ୍ରାଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା ଓ ଗତବର୍ଷ ଜୁଲାଇ ମାସରେ ଉଭୟ ଖଣ୍ଡଗିରି ସବରେଜିଷ୍ଟ୍ରାରଙ୍କ ନିକଟରେ କୋର୍ଟ ମ୍ୟାରେଜ୍ କରିଥିଲେ। ସୂର୍ଯ୍ୟନଗରରେ ରହୁଥିବା ଶୁଭମିତ୍ରା ଗତ ୬ ତାରିଖ ଦିନ ଡ୍ୟୁଟିକୁ ଯାଇ ସନ୍ଧ୍ୟା ଘରକୁ ଫେରିନଥିଲେ। ତା' ପରଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ଶୁଭମିତ୍ରାଙ୍କ ସହିତ ଯୋଗାଯୋଗ ହୋଇନପାରିବାରୁ ତାଙ୍କ ମାଆ ସୁକାନ୍ତି ସାହୁ ୭ ତାରିଖ ଦିନ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଶୁଭମିତ୍ରାଙ୍କ କଲ୍ ଡିଟେଲ୍‌ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ଦୀପକ ଉପରେ ସନ୍ଦେହ ହୋଇଥିଲା। ଗତ ଶୁକ୍ରବାର ଦୀପକକୁ ଜେରା କରାଯାଇଥିଲା । ରବିବାର ପୁଲିସ ଦୀପକକୁ ପଚରାଉଚରା କରିବା ପରେ ସୋମବାର ତା'ର ମିଛଧରା ପରୀକ୍ଷା କରାଯାଇଥିଲା। ସେ ଶୁଭମିତ୍ରାଙ୍କୁ ୟୁନିଟ୍ ୬ ଅଞ୍ଚଳରେ ହତ୍ୟାକରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିବା ସ୍ୱୀକାର କରିଥିଲା। ବୁଧବାର କମିସନରେଟ ପୁଲିସର ଏକ ଟିମ୍ ଦୀପକକୁ ଧରି ୟୁନିଟ୍ ୬ ସ୍ଥିତ ହତ୍ୟାକାଣ୍ଡ ସ୍ଥଳ ଓ ସେଠାରୁ ଅଭିଯୁକ୍ତକୁ ନେଇ ଘଟଗାଁ ଅଭିମୁଖେ ଯାଇଥିଲା। ଘଟଗାଁ ଥାନା ପୁଲିସ ସହାୟତାରେ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ଶୁଭମିତ୍ରାଙ୍କ ମୃତଦେହ ଜବତ କରିଥିଲା।

ପୁଲିସ କମିଶନର ଦେବଦତ୍ତ ସିଂହଙ୍କ ସୂଚନା ଅନୁସାରେ ଦୀପକ କିଛିମାସ ପୂର୍ବରୁ ଶୁଭମିତ୍ରାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲା। ଏହି ଟଙ୍କା ନେଣଦେଣକୁ ନେଇ ହୋଇଥିବା ବଚସାରୁ ହିଁ ଦୀପକ ତାଙ୍କୁ ହତ୍ୟା କରିଥିବା ପୁଲିସ କମିସନର ଶ୍ରୀ ସିଂ କହିଛନ୍ତି। ଅନ୍ୟପକ୍ଷରେ ଶୁଭମିତ୍ରାଙ୍କୁ ହତ୍ୟା କରି ତାଙ୍କ ମୃତ୍ୟୁ ପରେ ବୀମା କମ୍ପାନୀରୁ ମିଳିବାକୁଥିବା କୋଟିଏ ଟଙ୍କା ହାତେଇବାକୁ ଦୀପକ ଏହି ଯୋଜନା କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ଦୀପକ ପୂର୍ବରୁ ମଧ୍ୟ ବିବାହ କରିଥିଲେ ଓ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିଲା। ପତ୍ନୀ ସରକାରୀ କର୍ମଚାରୀ ଥିବାରୁ ବ୍ୟବସ୍ଥାନୁସାରେ ଦୀପକଙ୍କୁ କୋଟିଏ ଟଙ୍କା ବୀମାରାଶି ମିଳିଥିଲା। ପୁଲିସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ କୋଟିଏ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ଶୁଭମିତ୍ରାଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହା ସହ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ନାନା ପ୍ରଶ୍ନ ଉଠିଛି। ବୀମା ଟଙ୍କା ପାଇଁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

### ଗୃହ ବିଭାଗର...

ତାରିଖ ଦିନ ପୁଲିସରେ ବିଧିବଦ୍ଧ ଅଭିଯୋଗ କରିଥିଲେ। ହେଲେ ଆଜି ଘଟଗାଁରେ ତାଙ୍କର ଶବ ମାଟିତଳୁ ମିଳିଛି । ଏହି ଘଟଣା ଗୃହ ବିଭାଗ ଓ ରାଜ୍ୟ ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ପୁଲିସ ବିଭାଗ ତାଙ୍କ ନିଜର ଜଣେ ମହିଳା କର୍ମଚାରୀଙ୍କୁ ୧୦ ଦିନ ଧରି ଖୋଜି ପାଉନାହିଁ ତେବେ ସାଧାରଣ ନାଗରିକଙ୍କ ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ। ଶୁଭମିତ୍ରାଙ୍କ ବାପା ଅଭିଯୁକ୍ତଙ୍କ ବିଷୟରେ ପୂର୍ବରୁ ପୁଲିସକୁ ଅବଗତ କରାଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ହୋଇଛି। ଏହା ସତ୍ତ୍ୱେ ତଦନ୍ତ ବାଟବଣା ହେଲା। ଶେଷରେ ମହିଳା କନେଷ୍ଟବଳ ଆଖି ବୁଜିଲେ। ମହିଳାଙ୍କ ସୁରକ୍ଷା ନେଇ ଗୃହ ବିଭାଗ ଓ ପୁଲିସ ଯଦି ତାଙ୍କ କାର୍ଯ୍ୟଶୈଳୀରେ ତୁରନ୍ତ କୌଣସି ପରିବର୍ତ୍ତନ ନ ଆଣନ୍ତି ତେବେ ଆଗକୁ ଆହୁରି ଅନେକ ଶୁଭମିତ୍ରାଙ୍କୁ ପରିବାର ଲୋକେ ହରାଇବେ ବୋଲି ନବୀନ କହିଛନ୍ତି। ପୂର୍ବରୁ ଗୋପାଳପୁର ଓ ବାଲିହରଚଣ୍ଡୀ ଭଳି ପର୍ଯ୍ୟଟନ ସ୍ଥଳୀରେ ଗଣଦୁଷ୍କର୍ମ ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଏବେ ପୁଲିସ ବିଭାଗର ଜଣେ ମହିଳା କନେଷ୍ଟବଳ ନିଖୋଜ ହେବାର ୧୦ ଦିନ ପରେ ତାଙ୍କ ମୃତ ଦେହ ମିଳିଛି। ତେଣୁ ଗୃହ ବିଭାଗ ତୁରନ୍ତ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ନିତ୍ୟାନ୍ତ ଆବଶ୍ୟକ ବୋଲି ନବୀନ କହିଛନ୍ତି।


**WALK-IN INTERVIEW**

**NAVODITYA HIGHER SECONDARY SCHOOL, KHARIAR ROAD**
**NAVODITYA PUBLIC SCHOOL, NUAPADA**

REQUIRES:- TGT's in English, SST, COMPSC, SCIENCE, MATHEMATICS, Odia, Hindi, PGT's in English, MATH, IT, HISTORY, GEOGRAPHY, COMMERCE, Phy. Education
QUALIFICATION:- M.A/M.Sc/M.Tech/B.Tech/B.A/ B.Sc with B.Ed having 60% Aggregate
EXPERIENCE:- 3-5 YEARS, PROFICIENCY IN ENGLISH
PLACE OF POSTING: - KHARIAR ROAD, NUAPADA
SALARY: - TGT:-20000/- PGT: - 30000/-

Interested candidates may attend a walk-in interview with their application CV and certificates on the date and time mentioned below.

| DATE | PLACE | TIME |
|---|---|---|
| 22/09/2025 | Bhubaneswar – Hotel Seetal,Vani Vihar Square | 10:00 AM – 4:00 PM |
| 24/09/2025 | Khariar Road – Navoditya Campus - A | 10:00 AM – 4:00 PM |

They may send their updated resume to WhatsApp @ 7327977582 in advance. No. TA / DA will be given for attending the interview.

Contact : Mr. Abhisek Singh – 9556309956

**TPCODL**
TP CENTRAL ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/09**

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000005943 | SITC of DC Switches under TPCODL |
| 2 | TPCODL/CCG/2025-26/1000005945 | SITC of 2 Socket CPU Servers for TPSODL & TPNODL |
| 3 | TPCODL/P&S/2025-26/1000005988 | Management of Customer Care at TPCODL for 2 Years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details.

**AFFIDAVIT**
I, Ashok Modi S/o Sagarmal Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4377,dtd 09.12.2024 that now onwards I shall be known as **ASHOK KUMAR MODI** for all future purposes.

**AFFIDAVIT**
I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.-Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VANKATA RAMANA** for all Future purposes.

**AFFIDAVIT (For Minor)**
By virtue of an affidavit before the Executive Magistrate, Badasahi, Mayurbhanj. I Satyaranjan kalia , At/Po-Singhtia, Ps-Badasahi, Dist-Mayurbhanj, Pin- 757026, Odisha. declare by this affidavit no 293/ 07.08.2025. I have changed my daughter's name from Jasnarani Kalia to Jyotsnarani Kalia. Henceforth, She shall be known as Jyotsnarani Kalia for all future purposes.
**Sd/- Satyaranjan kalia**

**AFFIDAVIT**
By virtue of an affidavit Sl. No. 2405, dtd. 17-09-2025 in the Court of the Executive Magistrate, Phulbani, Dist.-Kandhamal, I, Tiphan Digal, have changed my name from Tofan Digal to Tiphan Digal. Henceforth I shall be known as Tiphan Digal for all purposes.
**Sd/- Tiphan Digal**

**AFFIDAVIT**
By virtue of an affidavit Sl. No. 1263, dtd. 29.04.2023 in the court of the Executive Magistrate (K), Phulbani, I, Sumitra Bishoi, have changed my minor daughter's name from Paree Mahalik to Archita Mahalik. Henceforth she will be known as Archita Mahalik for all purposes.
**Sd/- Sumitra Bishoi**

**NOTICE (For Minor)**
By virtue of an affidavit sworn before Executive Magistrate, Mohana Dated 03.09.2025, I Suchitra Behera, address : Upar Sahi, Kattama, PO- Kattama, VTC- Kattama, Sub- Dist- Adva, Dist- Gajapati, Odisha- 761217, declare that I have changed the name of my Daughter old name is Apsani Batra to New Name Sweety Batra. Henceforth, She shall be known as New Name Sweety Batra for all purposes.
**Sd/- Suchitra Behera**

**NOTICE**
By virtue of an affidavit sworn before Notary Public, Bhubaneswar dated 16.9.2025 I, Anupama Pradhan, W/o-Lokanath Pradhan resident of Village- Kusuma, Po.-Barttana, Ps.- Khaira, Dist.-Balasore- 756115 declare that, I have changed the name of my daughter from **PARINITA PRADHAN** to **PARNITA PRADHAN**. Henceforth, she will be known as **PARNITA PRADHAN** for all purposes.
Anupama Pradhan

**AFFIDAVIT**
I, Bhagyashree Sahoo, aged about 25 years, W/o-Parsuram Sahu, resident of At- Sulia, PO- Kalan, Ps-Kuakhia, Dist- Jajpur, PIN-755008, Odisha declared by this affidavit,sworn before Executive Magistrate, Bhubaneswar, vide CF No. 2, dtd- 16/09/2025, that now onwards I shall be known as **BHAGYASHREE SAHOO** instead of Bhagyashree Sahu for all future purposes.

**AFFIDAVIT**
I, Bana Sahu, S/o- Pallaru Sahu resident of Village-Turcha, Po.- Kathaumal, Ps.- Gaisilet, Dist.- Bargarh, Odisha- 768037, declare by this affidavit dtd. 15.09.2025 that, I have changed my minor daughter's name from **Rasgola Sahu** to **Purnima Sahu**. now onwards she shall be known as **Purnima Sahu** for all future purposes.

**AFFIDAVIT**
I, Sabita Behera, aged about 50 years, W/o-Pramod Kumar Behera, resident of At-HIG S/25, Maitree Vihar, Phase-ii, Near Tech Mahindra, Lemon Tree Hotel, Chandrasekharpur, Bhubaneswar, Pin-751023, Odisha declare by this affidavit No. 1928, dtd-17.09.2025, that now onwards I shall be known as **SABITA PRADHAN** for all future purposes.

**ହଜିଛି**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମ୍ପୃକ୍ତଭାବେ ଅବଗତ କରାଇ ଦିଆଯାଉଛି କି, **ମୁଁ, ସୁଧା ଅଗ୍ରୱାଲ,** ବୟସ-୪୬ ବର୍ଷ, ସ୍ୱାମୀ: ରାଜେଶ କୁମାର ଅଗ୍ରୱାଲ, ଫ୍ଲାଟ୍ ନଂ.: ୪୦୫, କ୍ରିଏଟିଭ୍ ଏନକ୍ଲେଭ୍, ଶାସ୍ତ୍ରୀନଗର, ଭୁବନେଶ୍ୱର - ୭୫୧୦୦୧ କ୍ରୟ କରିଥିବା ଜମି ଯାହାର ପ୍ଲଟ୍ ନଂ.: ୧୧୧୭/୩୦୪୬, ଖାତା ନଂ.: ୫୪୪/୭୫୮, ମୌଜା: ଭୀମପୁର, ୟୁନିଟ୍-୨୨, ଭୁବନେଶ୍ୱରର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୯୨୦/୨୦୦୬ କେଉଁଠାରେ ହଜିଯାଇଛି। ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳିପାରୁ ନାହିଁ
ଯୋଗାଯୋଗ ନଂ.: ୮୬୩୭୨୯୨୦୪୭

**AFFIDAVIT**
By virtue of an Affidavit No-6210 before the Executive Magistrate, Chandbali dtd: 16-09-2025, **Laxmi Priya Nayak,** 54 yrs, W/o- Ex-Army, Saroja Kanta Nayak, resident of At/Po- Gopalpur, PS- Chandbali, Dist-Bhadrak, Odisha, declare that **Laxmi Priya Nayak** (Actual Name as per Aadhaar No. 4636 8912 4508) and **Laxmi Priya Devi** as per the Army Document (ECHS), W/o- Ex-Army **Saroja Kanta Nayak,** is one and same person. Henceforth, I will be known as **Laxmi Priya Nayak** for all purposes.

**AFFIDAVIT**
I RADHASHYAM AGARWAL S/O PREMCHAND AGARWAL FLAT NO- 308, BHAGABAN TOWER, PO- BUDHESWARI COLONY, PS- LAXMI SAGAR, BHUBANESWAR - 751006, ODISHA DECLARE BY THIS AFFIDAVIT NO- 31698, DATE-15.09.2025, THAT NOW ONWORDS, I SHALL BE KNOWN AS **RADHESHYAM AGARWAL** FORALL FUTURE PURPOSES.

**AFFIDAVIT**
ତାରିଖ- ୦୮/୦୯/୨୦୨୫ରେ ଭୁବନେଶ୍ୱରର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସିଏଫ୍ ନଂ.୧୯) ଆଧାରରେ । ମୁଁ, ମହମ୍ମଦ ନିଜାମୁଦ୍ଦିନ୍ ଅହମଦ, ବୟସ ପ୍ରାୟ ୫୩ ବର୍ଷ, ପୁଅ ସ୍ୱର୍ଗତ ଅବଦୁସତାର ଖାନ, ପ୍ଲଟ୍ ନମ୍ବର ୪୬୮୯/୫୨୭୫,ଆଦିମାତା କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୧୭, ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟେ । ମୁଁ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ନାମ ଏମ୍‌ଡ଼ି ନିଜାମୁଦ୍ଦିନ୍ ଅହମଦରୁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦକୁ ପରିବର୍ତ୍ତନ କରିଛି । ଏଣିକି, ମୁଁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦ ଭାବରେ ପରିଚିତ ହେବି । ମହମ୍ମଦ ନିଜାମୁଦ୍ଦିନ୍ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ଗ୍ରହଣୀୟ ହେବ ।

**AFFIDAVIT**
I, Ranju Kumari Modi W/o Ashok Kumar Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4378,dtd 09.12.2024 that now onwards I shall be known as **RANJU MODI** for all future purposes.

# ଜିଲ୍ଲାସ୍ତରୀୟ 'ଅଙ୍ଗୀକାର-୨୦୨୫' ଶିବିର ଉଦ୍‌ଘାଟିତ




ରାୟଗଡ଼ା,୧୭।୯(ସମିସ):

ଜିଲ୍ଲାସ୍ତରୀୟ 'ଅଙ୍ଗୀକାର ୨୦୨୫' ସଚେତନତା ଶିବିରର ଉଦଘାଟନ ସମାରୋହ ରାୟଗଡ଼ା ପୌର ପରିଷଦ ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଯାଇଛି। ଏହି ସଚେତନତା ଶିବିର ସେପ୍ଟେମ୍ବର ୧୭ ତାରିଖ ରୁ ଆରମ୍ଭ ହୋଇ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କୁହାଯାଇଛି। ଅଙ୍ଗୀକାର ୨୦୨୫ ଶିବିରର ସଠିକ ପରିଚାଳନା ତଥା ତଦାରଖ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ରାୟଗଡ଼ଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯାଇଛି। ଆଜିର ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟନାୟକ ଯୋଗଦାନ କରିଥିଲେ। ଏଥିସହିତ ରାୟଗଡ଼ ବ୍ୟାଙ୍କ୍ ଗୁଡ଼ିକର ପ୍ରମୁଖ ଜିଲ୍ଲା ପରିଚାଳକ ଏବଂ ବିଭିନ୍ନ ସରକାରୀ ତଥା ପ୍ରାଇଭେଟ୍ ବ୍ୟାଙ୍କ ଅଧିକାରୀ, ଟାଟା ପାୱାର ସାଉଥର୍ନ ଡିଭିଜନ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଟିମ୍ ଲିଡ ଡୁଡା, ସିଏଲଟିସି, ଗୁଣୁପୁର ଏବଂ ଗୁଡ଼ାରୀ ପୌର ପରିଷଦର କର୍ମକର୍ତ୍ତା, ଗୋଷ୍ଠୀ ସଂଗଠିକା, ଏମ୍ଆଇଏସ ସିପି, ପରିଷଦର ସମସ୍ତ କର୍ମକର୍ତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧୀକାରୀ ଉପସ୍ଥିତ ଥିଲେ। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏହି ସଭାକୁ ପରିଚାଳନା କରିଥିଲେ।

## ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣା

# ନିରଞ୍ଜନ ହତ୍ୟାକାଣ୍ଡର ପର୍ଦ୍ଦାଫାଂସ, ୫ ଗିରଫ

ମାଥିଲି,୧୭।୯(ସମିସ): ଗତ ୧୦ ତାରିଖରେ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ କୁରୁମ୍ ପାଲ୍ଲୀରେ ଗୁଣିଗାରେଡି ସନ୍ଦେହରେ ନିରଞ୍ଜନ ଠାକୁରଙ୍କୁ ଅତି ନିର୍ମମ ଭାବେ ଟାଙ୍ଗିଆରେ ହାଣି ହତ୍ୟା ଘଟଣାରେ ମାଥିଲି ପୁଲିସକୁ ମିଳିଛି ସଫଳତା। ମାଥିଲି ପୁଲିସ ମାତ୍ର ୮ ଦିନ ଭିତରେ ତଦନ୍ତ କରି ହତ୍ୟାରେ ସମ୍ପୃକ୍ତ ସମସ୍ତ ୫ ଜଣ ଅଭିଯୁକ୍ତ କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ମାନେ ହତ୍ୟା କରିବା ପୂର୍ବରୁ ବହୁବାର ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସଫଳ ହୋଇ ପାରି ନଥିଲେ। କିନ୍ତୁ ହତ୍ୟାକାରୀ ୫ଜଣ ଶେଷରେ ହତ୍ୟା କରିବାରେ ସଫଳ ହୋଇଥିଲେ। ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ



ଯୋଜନାବଦ୍ଧ ଭାବେ କୌଣସି ସୁରାକ ମଧ ଛାଡ଼ି ନଥିଲେ। କିନ୍ତୁ ପୋଲିସ ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ସହାୟତା ମଧ ନେଇଥିଲା ମାଥିଲି ପୋଲିସ। କିନ୍ତୁ ବର୍ଷା ଯୋଗୁଁ ସନ୍ଧାନୀ କୁକୁର ମଧ ଫେଲ୍ ମାରିଥିଲା ଅଭିଯୁକ୍ତଙ୍କୁ ଧରିବାରେ। ପୋଲିସ୍‌କୁ ନାକେଦମ୍ କଲାପରେ ପୋଲିସ୍‌କୁ ଲାଗିଥିଲା ଆଉ ଏକ ସୁରାକ। ବିଦ୍ୟୁତ କାଟି ହତ୍ୟା କରିଥିବାରୁ ପୁଲିସ ଆସାମୀ ପାଖରେ ପହଞ୍ଚିବାକୁ ସହଜ ହୋଇଥିଲା। ଜଣକୁ ଗିରଫ କରି ତଦନ୍ତ କଲାପରେ ଗୋଟେ ପରେ ଗୋଟେ ଆସାମୀକୁ ଧରିବାରେ ସଫଳ ହେଲା ପୁଲିସ। ଏ ଘଟଣାର ମୁଖ୍ୟ ଆସାମୀ ପ୍ରତାପ ପୂଜାରୀ (୨୭), ମାଷ୍ଟର ମାଇଣ୍ଡ ଦିନେଶ ନାୟକ (୨୨), ଜଗନ୍ନାଥ ନାୟକ (୨୭), ମିଥୁନ ନାୟକ (୧୯), ବିନୋଦ ନାୟକ (୨୦) ସମସ୍ତ ୫ ଜଣକୁ ଗିରଫ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଟାଙ୍ଗିଆକୁ ଗ୍ରାମର ନିକଟରେ ଥିବା ଏକ ପୋଖରୀରୁ ଜବତ କରିଛି ପୋଲିସ। ୫ ଜଣ ହତ୍ୟାକାରୀଙ୍କ ବିରୋଧରେ ମାଥିଲି ଥାନା କେଶ ନମ୍ବର ୧୯୨/୦୨୫ରେ ହତ୍ୟା ମାମଲା ରୁଜୁ କରି ବିଏନ୍‌ଏସ ୩୩୧(୪) ଏବଂ ୧୦୩(୧) ଧାରାରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିବ ବୋଲି ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


# ନଦୀରେ ଭାସିଯାଇ ଜଣେ ମୃତ

ମାଥିଲି, ୧୭।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନାୟକଗୁଡା ପଞ୍ଚାୟତ ଅନ୍ତର୍ଗତ ମାଳିଗୁଡା ନିକଟରେ ଥିବା ଗାରିଆ ନଦୀରେ ନଦୀ ପାର ହେବା ସମୟରେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଜଣେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଖଇରପୁଟ ବ୍ଲକ ପୋଡ଼ଘାଟ ପଞ୍ଚାୟତ ଅନ୍ତର୍ଗତ ଶୂକ୍ରାଗୁଡା ଗ୍ରାମର ହାତୀ ଗୁରୁତେଳି (୫୦) ଆଜି ନାୟକ ଗୁଡା ସାପ୍ତାହିକ ହାଟକୁ ହାଟ କରିବାକୁ ଆସିଘରକୁ ଫେରିବା ସମୟରେ ମାଳିଗୁଡା ନିକଟରେ ଗାରିଆନଦୀ ପାର ହେବା ସମୟରେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି କିଛି ମହିଳା ଦେଖି ଚିତ୍କାର କରିଥିଲେ। କିଛି ଯୁବକ ପହଞ୍ଚି ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ମାଥିଲି ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ମାଲକାନଗିରି ପୁଲିସ ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

## ■ ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କଲେ ଉପାଧ୍ୟକ୍ଷା

ରାୟଗଡ଼ା,୧୭।୯(ସମିସ): ଚଳିତ ମାସ ଗତ ୧୨ ତାରିଖରେ ରାୟଗଡ଼ା ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ପରିଷଦର ୧୯ଜଣ କାଉନ୍‌ସିଲରଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଅନାସ୍ଥା ପ୍ରସ୍ତାବ ଦିଆଯାଇଛି। ଏହା ଉପରେ ହସ୍ତକ୍ଷେପ ପାଇଁ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି ପୌର ଉପାଧ୍ୟକ୍ଷା ଶ୍ରୀମତି ପଣ୍ଡା। ଜିଲ୍ଲାପାଳ ଆବେଦନପତ୍ର ଗ୍ରହଣ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିବା ଶ୍ରୀମତି ପଣ୍ଡା ସୂଚନା ଦେଇଛନ୍ତି। ଉପାଧ୍ୟକ୍ଷା ଜିଲ୍ଲାପାଳଙ୍କୁ ଦେଇଥିବା ଆବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରାୟଗଡ଼ା ପୌର ପରିଷଦର କାଉନସିଲରଙ୍କ ଏକ ଗୋଷ୍ଠୀ ଦ୍ୱାରା ତାଙ୍କ ପଦବୀ ବିରୁଦ୍ଧରେ ଆଗତ ଏକ ଅନୈତିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଜରୁରୀ। ସେ ପୌର ପାଳିକାରେ ନିରନ୍ତର ଭାବେ ଅତ୍ୟନ୍ତ ଆନ୍ତରିକତାର ସହିତ ତାଙ୍କର କର୍ତବ୍ୟ ପାଳନ କରିଆସିଛନ୍ତି। ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ସମାଧନ ସୁନିଶ୍ଚିତ କରିଛନ୍ତି। ତାଙ୍କ ବିରୁଦ୍ଧରେ ଦାଖଲ ହୋଇଥିବା ଅନାସ୍ଥା ପ୍ରସ୍ତାବ ସଂପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ କୌଣସି ନୈତିକ କିମ୍ବା ତଥ୍ୟଗତ ଆଧାର ନ ଥିବା ସେ ଉଲ୍ଲେଖ କରିଛନ୍ତି। ଏହି ଅନାସ୍ଥା ପ୍ରସ୍ତାବ ପଛରେ ଥିବା ପ୍ରକୃତ ତଥ୍ୟର ତଦନ୍ତ କରିବା ପାଇଁ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଶ୍ରୀମତି ପଣ୍ଡା ଅନୁରୋଧ କରିଥିବା ପ୍ରକାଶ କରିଥିବା ବେଳେ ଏ ନେଇ ପୌର ପାଳିକା ଅଧ୍ୟକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



# ସୂକ୍ଷ୍ମ, କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗ କ୍ରୟ ଅଗ୍ରାଧିକାର ନୀତି କର୍ମଶାଳା

ମାଲକାନଗିରି,୧୭।୯(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସୂକ୍ଷ୍ମ ଏବଂ କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗ ପାଇଁ ଓଡ଼ିଶା କ୍ରୟ ଅଗ୍ରାଧିକାର ନୀତି-୨୦୨୫ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାରେ ସୂକ୍ଷ୍ମ ଏବଂ କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗକୁ ଆଗକୁ ନେବା ପାଇଁ ଓ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏହା କିପରି ସହାୟକ ହେବ ସେନେଇ ଏହି ବୈଠକରେ ଆଲୋଚନା କରଯାଇଥିଲା। ଅଧିକରୁ ଅଧିକ ଲୋକଙ୍କୁ ବିଭିନ୍ନ ଉତ୍ପାଦନ କ୍ଷେତ୍ରରେ ଯୋଡି ଜିଲ୍ଲାକୁ ଶିଳ୍ପଭିତ୍ତିକ ଜିଲ୍ଲା ଭାବେ ଗଠନ ଲକ୍ଷ୍ୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

# ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ନନ୍ଦପୁର,୧୭।୯(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସ୍ଥିତ କୁଲାବିର ଗ୍ରାମ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆରେ ଆଜି ନନ୍ଦପୁର, କୁଲାରସିଂ, ଥୁବା ଓ ପାଡୁଆ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡ଼ା ସମାରୋହ ଆସନ୍ତା ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ କ୍ରୀଡାବିତ୍ ମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ଶିକ୍ଷକ ଲୋକେଶ୍ୱର କାଟକମଙ୍କ ପରିଚାଳନାରେ ହୋଇଥିଲା। ଆଜିର ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମମତା ଗମାଙ୍ଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୌରୀମଣି ଦାସ, ବ୍ଲକ୍ କ୍ରୀଡ଼ା ସେକ୍ରେଟାରୀ ଦାନେସ୍ୱର ବାଗ ଓ ସମସ୍ତ ବିଦ୍ୟାଳୟର ପିଇଟି ଶିକ୍ଷକ ଉପସ୍ଥିତ ରହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା କ୍ରୀଡାବିତ୍ ମାନଙ୍କ ଖାଦ୍ୟପେୟ ତଥା ସୁରକ୍ଷା ବ୍ୟବସ୍ଥାରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ଥିଲେ। ଖେଳ ପଡ଼ିଆରେ କ୍ରୀଡାବିତ୍ ମାନଙ୍କ ସୁରକ୍ଷା ଲାଗି ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପକ ଯନ୍ତ୍ର ଭଳି ସବୁ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା







**ନନ୍ଦପୁର,** ୧୭।୯(ସମିସ): ନନ୍ଦପୁର ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ରଚୟିତା ବିଶ୍ୱକର୍ମାଙ୍କ ପୂଜା ଧାର୍ମିକ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା ମଙ୍ଗଳା ଫେବ୍ରି କେସନ୍ କାରଖାନା, ନନ୍ଦପୁର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟଳୟ ସମେତ ଗାଡି ଗ୍ୟାରେଜ୍ ଓ ଶିଳ୍ପ ସଂସ୍ଥାଗୁଡିକରେ କର୍ମଚାରୀମାନେ ବଡ଼ ଆନନ୍ଦ ଉତ୍ସାହରେ ପୂଜା କରିଛନ୍ତି। ଏହି ଅବସରରେ ଅଗ୍ନିଶମ, ଜନସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବିଭାଗ, ଗ୍ୟାରେଜ୍‌ରେ ନିୟୋଜିତ କାରିଗର, ଯାନଚାଳକ ଓ କର୍ମଚାରୀମାନେ ନିଜ କାର୍ଯ୍ୟାଳୟ ଓ ଉପକରଣଗୁଡିକୁ ପୂଜା କରି ଶୁଭ କାମନା କରିଥିଲେ। ସମଗ୍ର ନନ୍ଦପୁରରେ ଶାନ୍ତିପୂର୍ଣ୍ଣ ଓ ଶ୍ରଦ୍ଧାଭରିତ ପରିବେଶରେ ବିଶ୍ୱକର୍ମା ପୂଜା ସମ୍ପନ୍ନ ହୋଇଛି।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳନ ହୋଇଛି। ବିଦ୍ୟୁତ୍ କାର୍ଯ୍ୟାଳୟ, ବିଭିନ୍ନ ଗ୍ୟାରେଜ୍, ୱର୍କସପ୍, ୱେଲ୍ଡିଂ ସପ୍, କାରଖାନାରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପୂଜା ମଣ୍ଡପରେ ଭିଡ଼ ଜମି ଥିଲା। ଏଥିପାଇଁ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେଇଛି।

**ଉମରକୋଟ:** ଉମରକୋଟ ସହରରେ ମାଁ ପେଣ୍ଡ୍ରାଣୀ ରାଜମିସ୍ତ୍ରୀ ସଂଘ ପକ୍ଷରୁ ପାରମ୍ପରିକ ରୀତିରେ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉମରକୋଟ ଡିଏନ୍‌କେ ଗୋପବନ୍ଧୁ ଛକଠାରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି କିରଣ ଖୁରା ସଂଗଠନ ସମ୍ପାଦକ ସୁବାଷ ସୁରଜ, ଯୁଗ୍ମ ସମ୍ପାଦକ ତାରାଚାନ୍ଦ କଲାରା, ସହସଂପାଦକ ତାରାଚାନ୍ଦ କଲାର ଉପ ସଭାପତି ଗୋବିନ୍ଦ ହରଜନ, କୋଷାଧ୍ୟକ୍ଷ ମୁକୁନ୍ଦ ମଣ୍ଡଲ, ଜଗଦୀଶ ମଣ୍ଡଲ, ଦୟା ପନକା, ଗୁବାରୁ ଗୈଡ, ସୁବାଷ ଗୈଡ୍ଡ, ମାନସିଂ ଗୈଡ, ବିକାଶ ମଜୁମଦାର, ଅର୍ଜୁନ ପାଣ୍ଡେ, ସୀମାଞ୍ଚଳ ପାଣ୍ଡେ, ସୁଦୁ ଗଣ୍ଡ, ମଙ୍ଗଡୁ ପୂଜାରୀ ଦେବଭତ୍ରା, ମକର ଭତ୍ରା, ବଳଦେବ ନାଗଙ୍କ ସମେତ ଅନେକ ସଭ୍ୟମାନେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ। ଏହି ଅବସରରେ ବହୁ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା।

**ବୈପାରୀଗୁଡା :** ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସହକାରୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବାବଧାନରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ବ୍ଲକର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ ବିଭଗ, ବିଦ୍ୟୁତ୍ ବିଭାଗ, ଘରୋଇ ଗାଡ଼ି ମାଲିକ ସଂଘ, ଡ୍ରାଇଭର ସଂଘ, ମିସ୍ତ୍ରୀ ସଂଘ ପକ୍ଷରୁ ପ୍ରଭୁ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ହେଉଥିବା ବେଳେ ବିଭିନ୍ନ ଗ୍ୟାରେଜ ଓ ସମସ୍ତ ଶିଳ୍ପାନୁଷ୍ଠାନରେ ମଧ ପୂଜା ଅନୁଷ୍ଠିତ ହେଉଛି।

**ଦାମନଯୋଡ଼ି :** ପବିତ୍ର କନ୍ୟା ସଂକ୍ରାନ୍ତିରେ ବୁଧବାର ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋର ପଞ୍ଚପଟମାଳି ବକ୍ସାଇଟ ଖଣି ଓ ବିଶୋଧନାଗାରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ପୂଜା ଭକ୍ତି ଓ ନିଷ୍ଠାର ସହିତ ଅନୁଷ୍ଠିତ ହୋଇଥିଲା। ସେହିପରି ସେକ୍ଟର ୩ ସ୍ଥିତ ଶ୍ରୀବିଶ୍ୱକର୍ମାଙ୍କ ମନ୍ଦିରରେ ଦେବଶିଳ୍ପୀଙ୍କ ଜୟନ୍ତୀ ପାଇଁ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା। ସେକ୍ଟର ୧ ପଡ଼ିଆରେ ନାଲ୍‌କୋର ଏସପିପି, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଅପରେସନ ବିଭାଗ ପକ୍ଷରୁ ପୃଥକ ପୃଥକ ପୂଜା ମଣ୍ଡପ ସ୍ଥାପିତ ହୋଇଛି। ସେକ୍ଟର ୧ ପଡ଼ିଆରେ ଆୟୋଜିତ ପୂଜାରେ ଗୁରୁବାର ସନ୍ଧ୍ୟାରେ ଓପନ ଏୟାର ପେଣ୍ଡାଲ ଠାରେ ଭୁବନେଶ୍ୱରର ଓଁ ଶ୍ରୀ ଭଜନ ସନ୍ଧ୍ୟା ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଶୁକ୍ରବାର ଓଡି ୦୧ ପପ୍ ବ୍ୟାଣ୍ଡ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବା ବ୍ୟବସ୍ଥା ହୋଇଛି। ସେହିପରି ସେକ୍ଟର ୨ ସିଭିଲ ମେଣ୍ଟେନାନସ ଓ ଇଲେକ୍ଟ୍ରିକାଲ ମେଣ୍ଟେନାନସ ପକ୍ଷରୁ ପୃଥକ ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା ଚାଲିଛି। ଭାରତୀୟ ମଜଦୂର ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ଠାରେ ଦେବଶିଳ୍ପୀଙ୍କ ପୂଜା ହେଉଛି। ନାଲ୍‌କୋର ବିଭିନ୍ନ ଠିକା ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ ଓ ସଂଗଠନଙ୍କ ପକ୍ଷରୁ ଦେବଶିଳ୍ପୀଙ୍କ ପୂଜା ଚାଲିଛି। ବିଭିନ୍ନ ପୂଜା ମଣ୍ଡପ ମାନଙ୍କରେ ଦେବଶିଳ୍ପୀଙ୍କ ଦର୍ଶନ ସହିତ ଆକର୍ଷଣୀୟ ତୋରଣ, ସୁନ୍ଦର ଆଲୋକ ସଜ୍ଜା, ଚିତ୍ତାକର୍ଷକ ପୂଜା ମଣ୍ଡପ, ପାଶ୍ୱର୍ ଦେବାଦେବୀ ଓ ସଚେତନଧର୍ମୀ ପ୍ରଦର୍ଶନ ଆଦି ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା। କନ୍ୟା ସଂକ୍ରାନ୍ତି ପାଇଁ ଦାମନଯୋଡିର ଆରାଧ୍ୟା ଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୀଠ ସହିତ ଅନ୍ୟ ଦେବଦେବୀଙ୍କ ମନ୍ଦିର ମାନଙ୍କରେ ମଧ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା।

**ଡାବୁଗାଁ :** ଡାବୁଗାଁ ସଦର ମହକୁମା ସ୍ଥିତ ବିଦ୍ୟୁତ୍ ବିଭାଗ, ବ୍ଲକ କାର୍ଯ୍ୟାଳୟ, ଓଡିଶା ବିହନ ନିଗମ ପ୍ଲାଣ୍ଟ ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପ୍ରଭୁ ବିଶ୍ୱକର୍ମାଙ୍କ ମୂର୍ତି ସ୍ଥାପନ କରି ବହୁ ଧୁମ୍‌ଧାମ୍‌ରେ ପୂଜା ପାଳନ ହୋଇଥିଲା। ବିଦ୍ୟୁତ ବିଭାଗ ଲାଇନ୍‌ମ୍ୟାନ ପ୍ରବୀଣ କୁମାର ସାହୁ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାମଣ୍ଡପ ଗୁଡିକ ରଙ୍ଗବେରଙ୍ଗ ଆଲୋକ ମାଳାରେ ଝଲସି ଉଠିଥିଲା। ସନ୍ଧ୍ୟାରେ ବିଶ୍ୱକର୍ମାଙ୍କୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ସାଉଥ୍‌କୋ କାର୍ଯ୍ୟାଳୟରେ ହୋଇଥିବା ମୂର୍ତ୍ତୀ, ସାଜସଜ୍ଜା ବହୁତ ଆକର୍ଷଣୀୟ ହୋଇଥିଲା। ଏଥିରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ଲାଇନ୍‌ମ୍ୟାନ ଉତ୍ତମ ଦାସ ଓ ଅନ୍ୟମାନେ ପରିଚାଳନା କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ କର୍ତ୍ତା ଭାବେ କନିଷ୍ଠ ଯନ୍ତ୍ରୀ ଦିଲୀପ ଦୀପକ ମିଶ୍ର ପୂଜାର୍ଚ୍ଚନା କରିଥିବା ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଅଭିନାଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

**କୋଷାଗୁମୁଡ଼ା :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସଦରସ୍ଥିତ ବିଦ୍ୟୁତ ବିଭାଗ, ଉଠା ଜଳସେଚନ ବିଭାଗ, ଗ୍ରାମ୍ୟଜଳ ଯୋଗାଣ ବିଭାଗ ଏବଂ ସ୍ଥାନୀୟ ମିସ୍ତ୍ରୀ ୟୁନିୟନ ତରଫରୁ ୪ଟି ସ୍ଥାନରେ ଆଜି ଦେବମିସ୍ତ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି। ଅତି ସୁନ୍ଦର ଆଲୋକର ମେଢ଼ ସାଙ୍ଗକୁ ଲିଚୁ ଲାଇଟ୍‌ର ବିଭିନ୍ନ ପ୍ରକାରର ତୋରଣରେ ପୂଜା ମଣ୍ଡପରେ ଦେବମିସ୍ତ୍ରୀ ଶ୍ରୀ ବିଶ୍ୱକର୍ମା ପୂଜାର୍ଚ୍ଚନା ଚାଲିଛି। ଆସନ୍ତା କାଲି ତଥା ଗୁରୁବାର ରାତିରେ ଆଦିବାସୀ ନାଟକ, ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଦସ୍ୟ କହିଛନ୍ତି। କୋଷାଗୁମୁଡ଼ା ସଦରର ୪ଟି ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ହେଉଛି। କୋଡ଼ିଙ୍ଗା, କଟାଗାଁ, ଟେମ୍ରା ଭଳି ସ୍ଥାନୀୟ ଅଞ୍ଚଳରେ ମଧ ପୂଜା ହେଉଛି।


**ଗୁଡ଼ାରୀ :** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଗୁଡାରୀ ବିଦ୍ୟୁତ୍ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବରେ ବିଦ୍ୟୁତ୍ ବିଭାଗର ଜେଇ ବଳଭଦ୍ର ମିଶ୍ର ପୂଜାରେ ବସିଥିବାବେଳେ ବିଦ୍ୟୁତ୍ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହା ବ୍ୟତିତ ଗୁଡାରୀ ସହରରେ ବଢେଇ, ଇଲେକ୍ଟ୍ରିକ୍ ସପ୍, ରାଜମିସ୍ତ୍ରୀ ମାନେ ମିଳିମିଶି ବିଶ୍ୱକର୍ମାଙ୍କ ସ୍ଥାପନ ପୂଜା କରିଥିବା ଦେଖିବାକୁ ମିଳିଛି।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଜଗମଣ୍ଡା ପାହାଡ଼ ଉପରେ ଅବସ୍ଥିତ ବିଶ୍ୱକର୍ମାଙ୍କ ମନ୍ଦିର ଠାରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ବିଶ୍ୱକର୍ମାଙ୍କ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜାରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଓ ବୃନ୍ଦାବନ ଧାମର ସାଧୁସନ୍ଥମାନେ ସମାଗମ ଦେଖିବାକୁ ମିଳିଥିଲା। ଏହି ପୂଜାକୁ ରାଜମିସ୍ତ୍ରୀ ସଂଘର ସଭାପତି ଲବକୃଷ୍ଣ ସାହୁ, ଉପଦେଷ୍ଟା ରାଧାକୃଷ୍ଣ ମହାରଣା ଓ ସାହେବ ମହାରଣା, କାର୍ଯ୍ୟକାରୀ ସଭାପତି ଦଧି ସାହୁ, ସଂପାଦକ ରାମଚନ୍ଦ୍ର ପାଣିଗ୍ରାହୀ, ସହ ସଂପାଦକ ରଘୁନାଥ ସାହୁ, କୋଷାଧ୍ୟକ୍ଷ ସୋମନାଥ ଓ ତ୍ରିଲୋଚନ ସାହୁ ଓ ମନ୍ଦିର ପରିଚାଳନା କମିଟି ଓ ବିଶ୍ୱକର୍ମା ରାଜମିସ୍ତ୍ରୀ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅଷ୍ଟପ୍ରହରୀ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିପରି ପଦ୍ମପୁର ବିଦ୍ୟୁତ ବିଭାଗ ତରଫରୁ ପାୱାର ହାଉସ୍ ଠାରେ ଓ ବସନ୍ତ ଦେବୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ତରଫରୁ ମହାଆଡମ୍ବର ସହକାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି।

**ଦୁର୍ଗୀ :** ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ସଦର ଦୁର୍ଗୀ ସ୍ଥିତ ପାଇକସାହି ଓ ରାଜଦଣ୍ଡ ସାହିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ରାଜମିସ୍ତ୍ରୀମାନେ ପାଳନ କରିଛନ୍ତ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ତିନି ଦିନ ଧରି ଆୟୋଜିତ ହେବ। ବିଶ୍ୱକର୍ମା ମଣ୍ଡପକୁ ସୁନ୍ଦର ଆଲୋକମାଳା ସହ ତୋରଣ କରାଯାଇ ସୁସଜ୍ଜିତ କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ମଣ୍ଡପରେ ଭଜନ, କୀର୍ତ୍ତନ ଏବଂ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଶାନ୍ତିଶୃଙ୍ଖଳା ସହିତ ପୂଜାର୍ଚ୍ଚନା ପରିଚାଳନା ପାଇଁ ମିସ୍ତ୍ରୀ କମିଟିର ସଭାପତି ଜଳନ୍ଧର ଦଳପତି, ଉପସଭାପତି ସିମାଦ୍ରୀ କାଡ୍ରାକା, ଲାକୁ ହିକକା, ରାଜୁ ହିକକା, ଦିୱାନା ସାରକା, ଭିକାରି କଣ୍ଡାଗିରି, ଅଙ୍ଗଦ କଲକା, ରଘୁ କାଡ୍ରାକା, ବନ ଉର୍ଲାକା, ତମନା କାଡ୍ରାକା, ସାଇନା ପ୍ରାସ୍କା, ଅଜିତ କୁଣ୍ଡିକା, ସୁଧୀର ମାଣ୍ଡଙ୍ଗି ଗଙ୍ଗା ପ୍ରମୁଖ ସହଯୋଗ କରିଛନ୍ତି। ଦେବଶିଳ୍ପୀଙ୍କୁ ଦର୍ଶନ କରିବା ପାଇଁ ପୂଜା ମଣ୍ଡପରେ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ସଦରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ବିଷମ କଟକ ସହରର ବିଦ୍ୟୁତ୍ ବିଭାଗ, ଡ୍ରାଇଭର ମହାସଂଘ, ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ୱେଲ୍‌ଡିଂ ସପ୍ ମାନଙ୍କରେ ବିଶ୍ୱର୍କମାଙ୍କ ମୃଣୟ ପ୍ରତିମା ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଛି। ଭକ୍ତଙ୍କୁ ଆକର୍ଷିତ କରିବା ପାଇଁ ପୂଜା ମଣ୍ଡପକୁ ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପୂଜା ପାଇଁ ବିଷମ କଟକ ତଥା ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ସନ୍ଧ୍ୟା ସମୟରେ ବିଶ୍ୱକର୍ମା ପୂଜା ଦେଖିବା ପାଇଁ ପୂଜା ମଣ୍ଡପ ଗୁଡିକରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି।











# ବିଜୁ ମହିଳା ଜନତା ଦଳ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ଦାବିପତ୍ର ପ୍ରଦାନ




ମାଲକାନଗିରି, ୧୭।୯(ସମିସ): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ତରଫରୁ ଜିଲ୍ଲା ବିଜୁ ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ଓଡିଶା ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପ୍ରତି ରାଜ୍ୟରେ ଘଟୁଥିବା ମହିଳା ବିରୋଧ ଲୋମହର୍ଷଣକାରୀ ଘଟଣାଗୁଡିକ ତର୍ଜମା କଲେ ଜଣାଯାଉଛି ଓଡ଼ିଶାର ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତା ଓଡ଼ିଶାରେ ଦେଖାଦେଇଛି। ଓଡ଼ିଶାର ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର, ଯେପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା, ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି, ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ୍ୟ ପ୍ରକାଶ କରୁଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା, ମାଲକାନଗିରି ଜିଲ୍ଲାରେ ଗୋଟିଏ ଦିନରେ ତିନୋଟି ସ୍ଥାନରେ ନାବାଳିକାଙ୍କୁ ନିର୍ଯ୍ୟାତନା ହୋଇଥିଲା ଯାହାକି ଲୋକ ଲୋଚନକୁ ଆସିଛି। ବିଶେଷ କରି ମାଲକାନଗିରି ଜିଲ୍ଲା ଏମ୍.ଭି. ୭୯ ଥାନା ଅନ୍ତର୍ଗତ ଏମ୍.ଭି. ୭୨ ଗ୍ରାମରେ ସପ୍ତମ ଶ୍ରେଣୀର ଦୁଇଜଣ ଛାତ୍ରୀଙ୍କ ମୃତଦେହ ଗଛରେ ଝୁଲୁଥିବା ଘଟଣାରେ ତାଙ୍କୁ ଗଣ ଦୁଷ୍କର୍ମ କରା ଯାଇଥିବା ସ୍ପଷ୍ଟ ପ୍ରମାଣ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନାହିଁ। ଏହି ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ମାଲକାନଗିରି ଜିଲ୍ଲାରେ ମଧ୍ୟ ନାରୀ ନିର୍ଯ୍ୟାତନା କିପରି ବଢି ଚାଲିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଆଇନ ସମ୍ମତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ଅନୁରୋଧ କରିବା ସହ ରାଜ୍ୟରେ ମହିଳା ସୁରକ୍ଷା ଏବଂ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ଦଳ ଅନୁରୋଧ କରିଛି। ଏହି ଅବସରରେ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ, ଉପାଧ୍ୟକ୍ଷା କବିତା ମୋହନ୍ତ, ସଦର ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ପରିଷଦ ସଭ୍ୟ ହୀରଣ୍ୟ ମୁଦୁଲି, ମୁକା ମାଡକାମୀ, ବଳି ମାଝୀ ପ୍ରମୁଖଙ୍କ ସହ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ରାୟଗଡ଼ା,୧୭।୯(ସମିସ): ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ପ୍ରତିବାଦରେ ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଆଜି ରାୟଗଡ଼ା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଓଡିଶା ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ସମ୍ପ୍ରତି ଘଟୁଥିବା ଅପରାଧ,ଅସମ୍ମାନ ଓ ଅପମାନ ଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ଏବଂ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିବେଦନ କରାଯାଇଛି। ଓଡିଶାରେ ସାମ୍ପ୍ରତିକ ମାମଲାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ,ମହିଳାଙ୍କ ବିରୁଦ୍ଧରେ ଅତ୍ୟାଚାର ମଧ୍ୟରେ ଦୁଷ୍କର୍ମ ,ଗଣଦୁର୍ଷ୍କମ,ଯୌନ ଉତ୍ପିଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା,ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି ଯାହା ନ୍ୟାୟ ପ୍ରଦାନରେ ବ୍ୟବସ୍ଥାଗତ ବିଫଳତାକୁ ମଧ୍ୟ ପ୍ରକାଶ କରୁଛି ବୋଲି ଉଲ୍ଲେଖ ରହିଛି। ସ୍ମାରକପତ୍ର ଗ୍ରହଣ କରି ଜିଲ୍ଲାରେ ମହିଳାଙ୍କ ସୁରକ୍ଷା ଏବଂ ରାୟଗଡ଼ାର ସୁରକ୍ଷାକୁ ଜିଲ୍ଲା ପୁଲିସ ଅଧିକ ଫୋକସ କରିଆସୁଛି ଏବଂ ସମସ୍ତ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ସବୁବେଳେ ତତ୍ପରତା ପ୍ରକାଶ କରୁଛି ବୋଲି ଏସପି ସୁଶ୍ରୀ ସ୍ୱାତୀ ଏସ. କୁମାର ପ୍ରକାଶ କରିଛନ୍ତି। ଆଜିର ଏହି ସ୍ମାରକପତ୍ର ପ୍ରଦାନ ବେଳେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ପ୍ରାର୍ଥିନୀ ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ପୂର୍ବତନ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବରିଷ୍ଠ ନେତା ଜଗଦୀଶ ପାତ୍ର, ରାୟଗଡ଼ା ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ପି.ଗୌରୀ ଶଙ୍କର ରାଓ, ବ୍ରଜସୁନ୍ଦର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁ, ଯୁବନେତା ଦେବାଶିଷ ଖାଡଙ୍ଗା,ସନ୍ତୋଷ ପାତ୍ର, ଅଶୋକ ପଣ୍ଡା, ରାୟଗଡ଼ା ବ୍ଲକ୍ ସଭାନେତ୍ରୀ ଶ୍ରୀମତି ଅମ୍ବିକା ବିଡିକା, ନାରୀନେତ୍ରୀ କୁମାରୀ ପାଲକା, ଶ୍ରୀମତି ସୁଜାତା ସାହୁକାର, କୋଲନରା ବ୍ଲକ୍ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକାଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଓ ମହିଳା କର୍ମୀମାନେ ଉପସ୍ଥିତ ଥିଲେ।

## ଯବାନଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୧୭।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ଧରଣର ଗୁଳି ବିନିମୟ ବେଳେ ୨ ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ମନକେଲି ଅଞ୍ଚଳରେ ଡିଆରଜିର ଯବାନ ମାନେ ମାଓ ଦମନ ନିମନ୍ତେ ଅପରେସନ କରୁଥିବା ବେଳେ ହଠାତ୍ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇ ଗୁଳି ବିନିମୟ ଘଟିଥିଲା। ଏହି ଗୁଳି ବିନିମୟରେ ଯବାନ ମାନଙ୍କ ସାମ୍ନା କରିନପାରି ମାଓବାଦୀ ମାନେ ସେଠାରୁ ଛତ୍ର ଭଙ୍ଗ ଦେଇଥିବା ବେଳେ ଅଞ୍ଚଳରୁ ଯବାନ ମାନେ ଦୁଇଜଣ ମାଓବାଦୀଙ୍କ ମରଶରୀର, ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିବା ଜଣାପଡିଛି। ଅଞ୍ଚଳରେ ଯବାନଙ୍କ ପକ୍ଷରୁ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନ ଜାରି ରହିଛି।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ



ପଡିଆ,୧୭।୯(ସମିସ): ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଜାତୀୟ କଂଗ୍ରେସ ଦଳର ବରିଷ୍ଠ ନେତା ଗଗନ କବାସୀ (୭୫) ଙ୍କର ଆଜି ଦେହାନ୍ତ ହୋଇଛି। ଗଗନ ୧୯୮୨ମସିହା ଠାରୁ ୯୦ମସିହା ପର୍ଯ୍ୟନ୍ତ ବାପନପଲ୍ଲୀ ପଞ୍ଚାୟତର ସରପଞ୍ଚ ଦାଇତ୍ୱ ତୁଲାଇ ଥିଲେ। ପରେ ପଡିଆ ଲ୍ୟାମ୍ପସରେ ତିନି ଥର ସଭାପତି ଭାବେ ଦାୟୀତ୍ୱ ତୁଲାଇଛନ୍ତି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମାଲକାନଗିରି ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଲିମେଲା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ମାଳା ମାଡ଼ି, ଜାତୀୟ କଂଗ୍ରେସ ଦଳର ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର, ପଡ଼ିଆ ବ୍ଲକ ସାଂସଦ ପ୍ରତିନିଧି ପି ଭେଙ୍କେଟସ୍ୱର ରାଓ, ପ୍ରମୋଦ କୁମାର ସେଠୀ, ନାଗୁଲୁ ଜାବଦାଇ,ବାସୁ ମାଡକାମୀ, ଦେବେନ୍ଦ୍ର ମାଡକାମୀ, ପଦ୍ମ ମାଡକାମୀ ପ୍ରମୁଖ ଦଳୀୟ କର୍ମୀମାନେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

● ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଝଗଡ଼ା

## ସ୍କୁଲ୍‌ରେ ପାଠପଢ଼ା ବାଧାପ୍ରାପ୍ତ



ମୁନିଗୁଡ଼ା,୧୭।୯(ସମିସ) ବିଦ୍ୟାଳୟର ଦୁଇ ଶିକ୍ଷୟତ୍ରୀଙ୍କ ମଧ୍ୟରେ କଳହ ଯୋଗୁଁ ପିଲାଙ୍କ ପାଠ ପଢା ଉପରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ବାଘଡଙ୍ଗରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଅଛନ୍ତି ୧୪୫ଜଣ ଛାତ୍ରଛାତ୍ରୀ। ବିଦ୍ୟାଳୟରେ ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ଯୋଗୁଁ ପାଠପଢ଼ା ଠପ୍ ହୋଇଯାଇଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଖବରପାଇ ଆଜି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀ, ଅଭିଭାବକ ଓ ଦୁଇ ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରିଥିଲେ। ଉଭୟେ ଶିକ୍ଷୟିତ୍ରୀ ଛୁଟିରେ ରୁହନ୍ତୁ ବୋଲି ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି।

## କୁମୁଟିମୁଣ୍ଡା ନାଳରେ ଜଳପଉନ ବୃଦ୍ଧି, ଲୋକେ ଭୟଭୀତ



କଲ୍ୟାଣସିଂହପୁର,୧୭।୯(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମହାକୁମା ପଞ୍ଚାୟତ କୁମୁଟିମୁଣ୍ଡା ନାଳରେ ବନ୍ୟା ପାଣି ଆସିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ପାହାଡିଆ ପାଣି ଆସି ବନ୍ୟା ସୃଷ୍ଟି ହୋଇଥିଲା। ଉକ୍ତ ନାଳଦେଇ ବହି ଯାଉଥିବା ବନ୍ୟା ପାଣିରେ କୁମ୍ଭାର ସାହି, ନୂଆସାହି, ଦାନୁ ସାହିକୁ ଭୟ ରହିଥିବା ସାହିବାସୀ ପ୍ରକାଶ କରିଛନ୍ତି। ଗତ ୧୭ ମସିହାରେ ନାଗାବଳି ଓ କଲ୍ୟାଣୀ ନଦୀର ବନ୍ୟା ଆଜିବି ଲୋକଙ୍କ ମନରୁ ଲିଭିନଥିବା ବେଳେ ପୁଣି ଏହି ନାଳର ବନ୍ୟା ପାଣି ସାହି ଭିତରେ ପଶିବା ଆଶଙ୍କା ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ନାଳର ଦୁଇ ପାଶ୍ୱର୍ରେ ପଥର ସ୍ୱହର କରିବା ସହ ଦନୁସାହିକୁ ସୁରକ୍ଷା କାନ୍ଥ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ସାହି ବାସିନ୍ଦା। ଅବଶ୍ୟ ବର୍ଷା କମିଗଲେ ପାଣି କମିଯିବାର ସମ୍ଭାବନା ରହିଛି।

## ବିରାଟକାୟ କିଙ୍ଗ୍ କୋବ୍ରା ଉଦ୍ଧାର



କାଲିମେଲା, ୧୭।୯(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ଏମପିଭି -୪୭ ଗ୍ରାମରେ ଥିବା ଏକ ନିମ୍ବ ଗଛରୁ ଏକ ବିରାଟକାୟ କିଙ୍ଗ କୋବ୍ରା ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଏହି ସାପଟି ଗତ କିଛିଦିନ ଧରି ଅଞ୍ଚଳରେ ବୁଲୁଥିବା ବେଳେ ଲୋକେ ସାପଟିକୁ ଦେଖି ଭୟଭୀତ ହୋଇଥିଲେ। ଆଜି ସକାଳୁ ସାପଟି ଗ୍ରାମରେ ଥିବା ଏକ ନିମ୍ବ ଗଛ ଉପରେ ଥିବା ଦେଖି ଲୋକେ ଭୟଭୀତ ହୋଇ ତୁରନ୍ତ ଏମଭି ୭୯ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ସାପ ଧରାଳି ସହାୟତାରେ ସାପଟିକୁ ଧରିବାରେ ସଫଳ ହୋଇଥିଲେ। ସାପଟିର ଲମ୍ବା ପ୍ରାୟ ୧୫ ଫୁଟ୍ ହୋଇଥିବା ବେଳେ ଏହା ଅଞ୍ଚଳରେ ଏକ ବିରଳ ସାପ ହୋଇଥିବାରୁ ଲୋକେ ଏହାକୁ ଦେଖିବା ପାଇଁ ଭିଡ ଜମାଇଥିଲେ। ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସାପକାମୁଡ଼ାରେ ଆହତ ମହିଳାଙ୍କୁ ମେଡିକାଲରେ ପହଞ୍ଚାଇଲେ ସମାଜସେବୀ

ପଦ୍ମପୁର,୧୭।୯(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବଲ୍ଲଭପୁର ଗ୍ରାମର ଚନ୍ଦ୍ରମା କାଡ୍ରାକା ନିଜ କ୍ଷେତରୁ କାମ ସାରି ଘରକୁ ଯିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଆଖପାଖର ଲୋକେ ଘରୋଇ ଉପଚାର କରିବା ପାଇଁ ସ୍ଥିର କରିଥିଲେ । କିନ୍ତୁ ସେହି ସମୟରେ ଗ୍ରାମର କର୍ଣ୍ଣ ଶବର ଓ ଏଟିଏଚରୋକ ଅନୁଷ୍ଠାନ ପରିବାରର ରାଜ୍ୟ ଉପ ସଭାପତି ଆଦିତ୍ୟ ନାରାୟଣ ମିଶ୍ର ତାଙ୍କୁ ବୁଝାସୁଝା କରି ପଦ୍ମପୁର ଗୋଷ୍ଠୀ କେନ୍ଦ୍ରକୁ ଆଣିଥିଲେ । ସେଠାରୁ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ କିଛି ଆର୍ଥିକ ସହାୟତା ଦିଆଯାଇଛି। ଠିକ୍ ସମୟରେ ମେଡିକାଲ ଚିକିତ୍ସା ପାଇଁ ପରାମର୍ଶ ଓ ସାହାଯ୍ୟ କରିଥିବାରୁ ପରିବାର ଲୋକେ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ପ୍ରତିନିଧିଙ୍କ ବଣ୍ଡାଘାଟୀ ଗସ୍ତ



ଖଇରପୁଟ, ୧୭।୯(ସମିସ): ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଧନୁର୍ଜୟ ଖରା ଆଜି ବଣ୍ଡାଘାଟୀ ଅଞ୍ଚଳର ଅଣ୍ଡରାହାଲ ପଞ୍ଚାୟତକୁ ଗସ୍ତ କରିଥିଲେ। ଏହି ଗସ୍ତରେ ସେଙ୍କ ସହିତ ବଣ୍ଡା ଉନ୍ନୟନ ବିଭାଗର ଯନ୍ତ୍ରୀ ଫଗୁରାମ ମୁରୁମୁ, ବଣ୍ଡା ଉନ୍ନୟନ ସଂସ୍ଥାର ସ୍ୱାତିକା ପାଣିଗ୍ରାହୀ, ପ୍ରଧାନଶିକ୍ଷକ ଦୟାଶଙ୍କର ଶାହୁ ଓ ଅନ୍ୟାନ୍ୟ ସ୍ଥାନୀୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଗସ୍ତ ସମୟରେ ବିଧାୟକ ପ୍ରତିନିଧି ସ୍କୁଲକୁ ପହଞ୍ଚି ଶିକ୍ଷାର ପରିସ୍ଥିତି, ଛାତ୍ରଛାତ୍ରୀଙ୍କର ପଢ଼ାଶୁଣା, ଏବଂ ସ୍କୁଲର ସୁବିଧାଅସୁବିଧା ବିଷୟରେ ପଚାରିବା ସହିତ ସବୁଦିନିକାଳୀନ ସମସ୍ୟାରେ ଅବଗତ ହେଲେ। ସେ "ଏକ ପେଡ୍ ମାକେ ନାମ' ଆହ୍ୱାନରେ ସମସ୍ତଙ୍କ ସହିତ ଗଛ ଲଗାଇ ପରିବେଶ ସୁରକ୍ଷା ପାଇଁ ସନ୍ଦେଶ ଦେଲେ। ଏହା ସହିତ ବଣ୍ଡା ଭାଇଭଉଣୀଙ୍କୁ ସେ ସାକ୍ଷାତ କରି, ସେମାନଙ୍କର ଦୁଃଖସୁଖ ବୁଝିଥିଲେ ଏବଂ ନିଜେ ସେମାନଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟମାନେ ବିଧାୟକ ପ୍ରତିନିଧିଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରି, ବଣ୍ଡାଘାଟୀ ଅଞ୍ଚଳର ଉନ୍ନୟନ ପାଇଁ ଏହାକୁ ସକାରାତ୍ମକ ପଦକ୍ଷେପ ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ମୋଟର ଚାଳକ ଦିବସ




ଗୁଣପୁର, ୧୭।୯(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଠାରେ ପାଳିତ ହେଲା ରାଷ୍ଟ୍ରୀୟ ଚାଳକ ଦିବସ। ଏହି ଅବସରରେ ଗୁଣପୁର ଶାଖା ଓଡ଼ିଶା ମୋଟର ଚାଳକ ସଂଘର ସମସ୍ତ ସଦସ୍ୟ ଏକ ପଦଯାତ୍ରା ବାହାରି ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଡ଼କ ସୁରକ୍ଷା, ଜୀବନ ରକ୍ଷା ନିମନ୍ତେ ଏକ ଶାନ୍ତି ପୂର୍ଣ୍ଣ ବୈଠକ ଗୁଣପୁର ଶେଫାଳି ପାହାଡ଼ ତଳେ ଥିବା ଗଣେଶ ମନ୍ଦିର ଠାରେ ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ଜ୍ୟୋତିର୍ମୟୀ ମହାଙ୍କୁଡ, ଉପ ସଭାପତି ଜୟଚନ୍ଦ୍ର ବିର, ସେକ୍ରେଟାରୀ ରାମକୃଷ୍ଣ ପାଇକ , କୋଷାଧ୍ୟକ୍ଷ ଅଞ୍ଜନ ପାଣିଗ୍ରହୀ, ପ୍ରଦୀପ ମିଶ୍ର ଓ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ମା' ଓ ଶିଶୁ ଗୁରୁତର




କଲ୍ୟାଣସିଂହପୁର,୧୭।୯(ସମିସ): ମହୁମାଛି ଆକ୍ରମଣରେ ଗର୍ଭବତୀ ମହିଳାଙ୍କ ସହ ୩ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛି। ଉଭୟଙ୍କୁ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହିଭଳି ଘଟଣା ଘଟିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣ ପୁର ପଞ୍ଚାୟତ ଦୂଲଦୁଲଗୁଡା ଗାଁ ନିକଟରେ। ଗର୍ଭବତୀ ମା ମଞ୍ଜୁଳା ହିଆଲ ତିନି ବର୍ଷର ଝିଅ ସହ ଦୂଲଦୁଲି ଗୁଡା ଛକ ନିକଟକୁ ଯାଉଥିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ନିକଟସ୍ଥ ଚାଷଜମିରେ କାମ କରୁଥିବା କିଛି ଯୁବକ ସେମାନଙ୍କୁ ଉଦ୍ଧାର କରି ସେହି ରାସ୍ତା ଦେଇ ଆସୁଥିବା ବିଦ୍ୟୁତ ବିଭାଗ ର ଗାଡ଼ି ସାହାଯ୍ୟରେ କଲ୍ୟାଣସିଂହପର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଗର୍ଭବତୀ ମହିଳାଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ଜବତ: ୩ ଗିରଫ

ମୁନିଗୁଡା,୧୭।୯(ସମିସ): ଅମ୍ବାଦଳା ପୁଲିସର ପାଟ୍ରୋଲିଂ ବେଳେ ୨୪ କିଲୋ ୬୧୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅମ୍ବାଦଳା ପୋଲିସ। ଗତ ୧୬ ତାରିଖ ସନ୍ଧ୍ୟା ସମୟରେ ଅମ୍ବାଦଳା ପୁଲିସର ପାଟ୍ରୋଲିଂ ବେଳେ ଅମ୍ବାଦଳା ରେଲୱେ ଷ୍ଟେସନ ନିକଟରେ ତିନଜଣ ବ୍ୟକ୍ତି ତିନୋଟି ବସ୍ତା କାନ୍ଧରେ ଭାର କରି ନେଉଥିବା ବେଳେ ପୋଲିସର ସନ୍ଦେହ ହେବାରୁ ଉକ୍ତ ତିନି ଜଣଙ୍କୁ ପୋଲିସ ଅଟକାଇବା ସହ ପଚରା ଉଚରା କରିବା ପରେ ତାଙ୍କ ନିକଟରୁ ଗଞ୍ଜେଇ ଥିବା ଜଣା ପଡିବା ପରେ ସେମାନଙ୍କୁ ପୋଲିସ ଥାନାକୁ ନେଇ ଅଧିକ ତଦନ୍ତ କରିଥିଲା। ବସ୍ତାରୁ ୨୪କିଲୋ ୬୧୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଚାଲାଣ କାରୀଙ୍କ ମଧ୍ୟରେ ଦୁଇ ଜଣ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ପାଲାସ ଗ୍ରାମର ବସିଷ୍ଟ ମେହେର ଓ ଥବିର ମେହେର ହୋଇଥିବା ବେଳେ ଅନ୍ୟ ଜଣେ ବୁଢି ପଦର ଗ୍ରାମର ହରିହର ମେହେର ବୋଲି ପୋଲିସ ପ୍ରକାଶ କରିଛି। ଗଞ୍ଜେଇ ଚାଲାଣ ଘଟଣାରେ ଉକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅମ୍ବାଦଳା ପୋଲିସ। ଏସାଇ ମନୋଜ କୁମାର ମାଝୀଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂରେ ଅମ୍ବାଦଳା ଥାନାର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଅନ୍ଧାର କୋଠରୀରେ ବିତିଲାଣି ୧୭ ବର୍ଷ

**ଚିକିତ୍ସା ପାଇଁ ଆକୁଳ ନିବେଦନ**



ମୁନିଗୁଡା,୧୭।୯(ସମିସ): ଗୋଟିଏ ଘରେ ରହିବା, ଖାଇବା ସହ ସେହିଠାରେ ଶୌଚ। ଫ୍ୟାନ୍ ବୁଲିବା ତ ଦୂରର କଥା, ଲାଇଟ୍ ମଧ୍ୟ ଲାଗିନି। ଏମିତି ୧୭ ବର୍ଷ ହେଲା ଅନ୍ଧାର କୋଠରୀରେ ରହି ଆସୁଛନ୍ତି ଟଙ୍କଧର ରାଉତ। ଟଙ୍କଧରଙ୍କ ଘର ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅଧୀନ ଅମ୍ଲାଭଟା ପଞ୍ଚାୟତ ହାଟପଦା ସାହିରେ। ୨୦୦୮ରେ ଟଙ୍କ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପଙ୍ଗୁ ହୋଇ ଯାଇଥିଲେ। ଟଙ୍କଙ୍କ ସମ୍ପର୍କୀୟ ମାନେ କେହି ତାଙ୍କର ଦାୟତ୍ୱ ନେଇ ନଥିବା ବେଳେ ଟଙ୍କ ୧୭ ବର୍ଷ ହେଲା ଏକୁଟିଆ ଗୋଟିଏ ଅନ୍ଧାର କୋଠରୀରେ ରହି ଆସୁଛନ୍ତି। ପକ୍ଷାଘାତ ରୋଗରେ ଆକ୍ରାନ୍ତ ପରେ ଟଙ୍କ ଚଲା ବୁଲା କରି ପାରୁ ନଥିବା ବେଳେ ଘୁସୁଡ଼ି ଘୁସୁଡି ଚାଖଣ୍ଡ ହେବ ଘର ଭିତରେ ରହୁଛନ୍ତି। ସ୍ଥାନୀୟ ଲୋକେ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ବାହାରକୁ ନେଇ ବଡ ଡାକ୍ତରଖାନାରେ ଚିକିତ୍ସା କରାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ଆସିନଥିଲା। ପଡୋଶୀ ମହାପାତ୍ର ପରିବାର ଟଙ୍କଙ୍କ ଖାଇବା ପିଇବା କଥା ବୁଝନ୍ତି ବୋଲି ସାହି ବାସିନ୍ଦା ଜଣାଇଛନ୍ତି। ଟଙ୍କଙ୍କୁ ସରକାରୀ ସହାୟତା କହିଲେ ଦିବ୍ୟାଙ୍ଗ ଭତ୍ତା ମିଳୁଥିବା ବେଳେ ୧୭ ବର୍ଷ ପରେ ଆବାସ ଯୋଜନାରେ ଘରଟିଏ ମିଳିଥିବା ଜଣାପଡିଛି। ଟଙ୍କ ଅନ୍ଧାର ଘର ଭିତରେ ଏକ ପ୍ରକାର ଜମ ଯନ୍ତ୍ରଣା ଭୋଗୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ରାଇ ସାଇକେଲଟିଏ ମିଳିନି। କିଛି ବର୍ଷ ପୂର୍ବରୁ ଅମ୍ବାଦଳା ଅଞ୍ଚଳର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହି ନିଜସ୍ୱ ଖର୍ଚ୍ଚରେ ଟଙ୍କଙ୍କୁ ଏକ ଟ୍ରାଇ ସାଇକେଲ ଟିଏ ଦେଇଥିଲେ। ଦୀର୍ଘ ଦିନ ହେଲା ତାହା ଭାଙ୍ଗି ରୁଜି ଅଚଳ ଅବସ୍ଥାରେ ରହିଛି। ଟଙ୍କ ଏମିତି ଏକ ଦୟନୀୟ ସ୍ଥିତିରେ ଜୀବନ ବିତାଉ ଥିବା ବେଳେ ନିଜର ଚିକିତ୍ସା ପାଇଁ ସହାୟତା ଲାଗି ପ୍ରଶାସନକୁ ନିବେଦନ କରିଛନ୍ତି।

**ବ୍ୟାକ୍‌ଫୁଟରେ ମାଓ ସଂଗଠନ**

# ମାଓନେତା ଦେଲେ ଅସ୍ତ୍ରବିରତି, ଶାନ୍ତିବାର୍ତ୍ତାର ପ୍ରସ୍ତାବ




ମାଲକାନଗିରି, ୧୭।୯(ସମିସ): ଦିନକୁ ଦିନ ବଡ଼ ବଡ଼ ମାଓ ନେତା ପୁଲିସ ଗୁଳିରେ ନିହତ ହେବା ସହ ଶତାଧିକ ମାଓବାଦୀ ସଂଗଠନ ଛାଡି ଥିବାରୁ ମାଓ ସଂଗଠନ ଏକ ପ୍ରକାର ଭାଙ୍ଗି ପଡିଛି। ନେତୃତ୍ୱ ବିହୀନ ଏହି ସଂଗଠନର ନେତୃତ୍ୱ ଯଦିଓ କିଛି ମାଓ ନେତା ନେଇଛନ୍ତି, କିନ୍ତୁ ସଂଗଠନ ବ୍ୟାକ୍‌ଫୁଟରେ ଥିବା ବର୍ତ୍ତମାନ ଅସ୍ତ୍ରବିରତି ଓ ଶାନ୍ତିବାର୍ତ୍ତାର ପ୍ରସ୍ତାବ ଦେଇଥିବା ସଂଗଠନର ପ୍ରବକ୍ତା ଅଭୟଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ପୂର୍ବରୁ ମଧ୍ୟ ସଂଗଠନ ପକ୍ଷରୁ ଅନେକ ଥର ଶାନ୍ତି ବାର୍ତ୍ତା ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ବର୍ତ୍ତମାନ ପୁଣି ଶାନ୍ତି ବାର୍ତ୍ତା ପାଇଁ ନିବେଦନ କରାଯାଇଥିବା ନେଇ ସଂଗଠନ ପକ୍ଷରୁ ଜାରି ହୋଇଥିବା ଏକ ଚିଠିରୁ ସ୍ପଷ୍ଟ ହୋଇଛି। ସଂଗଠନର କେନ୍ଦ୍ରୀୟ ପ୍ରବକ୍ତା ଅଭୟ ଏହି ଚିଠି ଜାରି କରି ଏକ ମାସର ସମୟ ମାଗିଥିବା ଜଣାପଡିଛି। ୨୦୨୫ ମାର୍ଚ୍ଚ ଶେଷ ସପ୍ତାହରୁ ମାଓ ସଂଗଠନ ପକ୍ଷରୁ ସରକାରଙ୍କ ସହିତ ଶାନ୍ତି ଆଲୋଚନା କରିବା ପାଇଁ ପ୍ରୟାସ ହେଉଥିବା ବେଳେ ସରକାର କିନ୍ତୁ ଏହାକୁ ଅଣଦେଖା କରି ମାଓବାଦକୁ ନିପାତ ପାଇଁ ମାଓ ଦମନ ଅଭିଯାନକୁ ଆହୁରି ତୀବ୍ର କରିଥିଲେ। ବିଗତ ଦିନରେ ଏହି ମାଓ ଦମନ ଅଭିଯାନରେ ସଂଗଠନର ସାଧାରଣ ସମ୍ପାଦକ ବାସଭାରାଜୁଙ୍କ ସହ ୨୮ଜଣ କେନ୍ଦ୍ରୀୟ କମିଟି ମାଓ ସଦସ୍ୟ ନିହତ ହୋଇଥିଲେ। ତେବେ ପୁନର୍ବାର ଶାନ୍ତି ବାର୍ତ୍ତା ମାଧ୍ୟମରେ ମାଓସଂଗଠନ ଅନୁରୋଧ କରିଛି ଯେ, ସଂଗଠନରେ କାର୍ଯ୍ୟରତ ମାଓବାଦୀ, ଜେଲରେ ଥିବା ମାଓ ନେତା ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା ପାଇଁ ଏକ ମାସର ସମୟ ଦରକାର। ତେଣୁ ଏହି ଏକ ମାସ ମଧ୍ୟରେ କୌଣସି ଅପରେସନ ନକରିବାକୁ ନିବେଦନ କରାଯାଇଛି। ଏହା ସହ ଏକ ମେଲ୍ ଆଇଡି ଓ ଏକ ଫେସ୍‌ବୁକ ଆଇଡି ଜାରି କରି ଏହା ମାଧ୍ୟମରେ ସରକାରଙ୍କ ସହ ଯୋଗାଯୋଗ କରାଯିବ ଏବଂ ସରକାର ରାଜି ହେଲେ ଆଲୋଚନା ବଢ଼ିବ। କେବଳ ସରକାର ନୁହନ୍ତି ବରଂ ଦେଶର କୋଣଅନୁକୋଣରେ ଥିବା ସଂଗଠନର ସଦସ୍ୟ ମାନେ, ଜେଲରେ ଥିବା ମାଓ ନେତା, କେନ୍ଦ୍ରୀୟ କମିଟି ଓ ରାଜ୍ୟ କମିଟିର ସଦସ୍ୟ ମଧ୍ୟ ଏହି ମାଧ୍ୟମରେ ନିଜ ମତାମତ ଦେଇପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## କେରଳରେ ୧୯ ଜୀବନ ନେଲାଣି ମସ୍ତିଷ୍କ ଖିଆ ଆମିବା

ତିରୁଅନନ୍ତପୁରମ, ୧୭।୯ (ଏଜେନ୍ସି): କେରଳରେ ମସ୍ତିଷ୍କ ସଂକ୍ରମଣ ଜନିତ ରୋଗ ପ୍ରାଇମେରି ଆମିଓବିକ ମେନିଙ୍ଗୋଏନ୍‌ସେଫାଲାଇଟ୍ସ (ପିଏମଏ) ଆତଙ୍କ ସୃଷ୍ଟି କରିଛି। ଏହା ସାଧାରଣତଃ 'ନାଇଗ୍ଲେରିଆ ଫାଓଲେରି ତଥା ମସ୍ତିଷ୍କ ଖିଆ ଆମିବା' ଭାବେ ପରିଚିତ। ରାଜ୍ୟରେ ଏହି ବିପଜ୍ଜନକ ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହି ସଂକ୍ରମଣରେ ମୃତ୍ୟୁହାର ଅଧିକ । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଏଥିରେ ସଂକ୍ରମିତ ହୋଇଥିବା ୬୧ ରୋଗୀଙ୍କୁ ଚିହ୍ନଟ କରାଗଲାଣି। ଏମାନଙ୍କୁ ମଧ୍ୟରୁ ୧୯ ଜଣ ପ୍ରାଣ ହରାଇଲେଣି। ଗତ କିଛି ସପ୍ତାହ ମଧ୍ୟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ କୋଝିକୋଡ ଏବଂ ମାଲାପୁରମରୁ ଏହି ସଂକ୍ରମଣ ମାମଲା ସାମ୍‌ନାକୁ ଆସିଥିଲା। ଏବେ ଏହା ସାରା ରାଜ୍ୟକୁ ବ୍ୟାପିଗଲାଣି। ଏହି ରୋଗରେ ତିନି ମାସର ଶିଶୁଠାରୁ ନେଇ ୯୧ ବର୍ଷୀୟ ବୃଦ୍ଧ ବି ସଂକ୍ରମିତ ହେଉଛନ୍ତି। ଚଳିତ ବର୍ଷ କୌଣସି ଜଳଉତ୍ସରୁ ଏହି ସଂକ୍ରମଣ ଆରମ୍ଭ ହୋଇଥିବା ଜଣାପଡ଼ି ନାହିଁ। ଏହା ଏକ ଅଲଗା ମାମଲା। ଏହା ମହାମାରୀ ବିଜ୍ଞାନ ସମ୍ବନ୍ଧିତ ଯାଞ୍ଚକୁ ଅଧିକ ଜଟିଳ କରିଦେଇଛି।

## ନାଗପୁରରେ ବାଲ୍‌କୋନୀ ଦେଇ ଯାଇଛି ଫ୍ଲାଏଓଭର

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ୯୯୮ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଫ୍ଲାଏଓଭର ଏବେ ବିବାଦରେ। ଗ୍ରେଟ୍ ନାଗ୍ ରୋଡ ସ୍ଥିତ ଆଶୋକ ସର୍କଲ ନିକଟରେ ନିର୍ମିତ ଏହି ଫ୍ଲାଏ ଓଭରର ବିମ୍ ଏକ ଘରର ବାଲ୍‌କୋନୀ ଉପର ଦେଇ ଯାଇଛି। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ନଗର ନିଗମର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଫ୍ଲାଏଓଭର ନାଗପୁରର ଇନ୍ଦୋରା ଓ ଦୋଧୋରୀ ଅଞ୍ଚଳକୁ ଯୋଡୁଛି। କିନ୍ତୁ ଫ୍ଲାଏ ଓଭର ଠିକ୍ ଭାବେ ନିର୍ମାଣ କରାଯାଇଛି ଓ ଏଥିରେ କୌଣସି ସମସ୍ୟା ନାହିଁ ବୋଲି ଏନ୍‌ଏଚ୍‌ଏଆଇ ତରଫରୁ କୁହାଯାଇଛି। ନିର୍ମାଣ ବେଳେ ଘର ଓ ଫ୍ଲାଏଓଭର ମଧ୍ୟରେ ଦେଢ଼ ମିଟରର ବ୍ୟବଧାନ ଥିଲା। କିନ୍ତୁ ଏହି ବାଲ୍‌କୋନୀକୁ ପରେ ତିଆରି କରାଯାଇଛି ବୋଲି ଏନ୍‌ଏଚ୍‌ଏଆଇ କହିଛି। ଅନ୍ୟପଟେ ପ୍ରୋଜେକ୍ଟ ରିପୋର୍ଟ ତିଆରି କଲା ବେଳେ ଆମଠାରୁ ପରାମର୍ଶ ନିଆଯାଇ ନଥିଲା ବୋଲି ନଗର ନିଗମ କହିଛି। ଏପର୍ଯ୍ୟନ୍ତ ଏହି ଘର ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା ଘୋଷଣା କରାଯାଇନାହିଁ। ତେଣୁ ଏହି ଘରକୁ ତୁରନ୍ତ ଭାଙ୍ଗିବା ମଧ୍ୟ ସମ୍ଭବ ନୁହେଁ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ଇଞ୍ଜେକସନ୍ ନେଇ ସୁନ୍ଦରୀ ହେଉଛନ୍ତି ଆଫଗାନ ମହିଳା

କାବୁଲ, ୧୭।୯ (ଏଜେନ୍ସି): ଆଫଗାନିସ୍ତାନରେ ତାଲିବାନ ମହିଳାଙ୍କୁ ଉପରେ କଠୋର କଟକଣା ଲଗାଇଛି। ଏହା ସତ୍ତ୍ୱେ ସୁନ୍ଦରୀ ହେବାର ନିଶାକୁ ମହିଳା ଛାଡି ପାରୁନାହାନ୍ତି। ମହିଳାମାନଙ୍କ ମଧ୍ୟରେ କସ୍‌ମେଟିକ ସର୍ଜରୀ ଲୋକପ୍ରିୟ ହେବାରେ ଲାଗିଛି। ଏଥିପାଇଁ ଏହି ଦେଶରେ ବିଭିନ୍ନ ପ୍ରକାରର ସୁବିଧା ଉପଲବ୍ଧ ହେଉଛି। ଏଗୁଡିକ ମଧ୍ୟରେ ବୋଟୋକ୍ସ (ଇଞ୍ଜେକ୍‌ସନ ମାଧ୍ୟମରେ ଚର୍ମର ଲୋଚାପଣ), ଫେସ୍‌ଲିଫ୍ଟ (ଢିଲା ଚର୍ମକୁ ଟାଇଟ୍ କରିବା) ଓ ହେଆର ଟ୍ରାନ୍ସପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ସାମିଲ ରହିଛି। ମହିଳାମାନେ ସାଧାରଣତଃ ବୁର୍ଖାରେ ରହୁଥିଲେ ମଧ୍ୟ ଫେସ୍‌ଲିଫ୍ଟ ଓ ଅନ୍ୟ ଅସ୍ତ୍ରୋପଚାର କରାଉଛନ୍ତି। ରାଜଧାନୀ କାବୁଲରେ ପ୍ରତିବନ୍ଧ ସତ୍ତ୍ୱେ ପାଖାପାଖି ୨୦ଟି କସ୍‌ମେଟିକ ସର୍ଜରୀ କ୍ଲିନିକ୍ ଚାଲୁ ରହିଛି। ଆଫଗାନିସ୍ତାନର ମହିଳାଙ୍କ ମଧ୍ୟରେ ବୋଟାକ୍ସର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ସାମାଜିକ ଗଣମାଧ୍ୟମରେ 'ବୋଟାକ୍ସ ଅଣ୍ଡର ବୁର୍ଖା' ଟ୍ରେଣ୍ଡ କରୁଛି। ୨୦୨୩ରେ ତାଲିବାନ ବିୟୁଟି ପାର୍ଲର ଉପରେ କଟକଣା ଲଗାଇ ଥିଲା। ଏବେ ମେଡିକାଲ ଚିକିତ୍ସା ଶୈଳୀରେ ଏହି ଅସ୍ତ୍ରୋପଚାର କରାଯାଉଛି। ଏଥିପାଇଁ ତୁର୍କୀରୁ ଡାକ୍ତର କାବୁଲକୁ ଆସି ଟ୍ରେନିଂ ଦେଉଛନ୍ତି।

## ଜର୍ଜିଆ ସୀମାରେ ୫୬ ଭାରତୀୟଙ୍କୁ ଅମାନବୀୟ ବ୍ୟବହାର

### ଖାଦ୍ୟ ନାହିଁ କି ଟଏଲଟ୍ ବି ନାହିଁ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ୟୁରୋପୀୟ ଦେଶ ଜର୍ଜିଆରେ ୫୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଅମାନବୀୟ ବ୍ୟବହାର କରାଯାଉଛି। ଏ ନେଇ ଜଣେ ଭାରତୀୟ ମହିଳା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହା ଭାଇରାଲ ହୋଇଛି। ପଡୋଶୀ ଆର୍ମେନିଆରୁ ଯିବା ବେଳେ ଜର୍ଜିଆ କର୍ତ୍ତୃପକ୍ଷ ଏହି ଭାରତୀୟ ନାଗରିକଙ୍କୁ ଅମାନବୀୟ ବ୍ୟବହାର କରୁଛନ୍ତି ବୋଲି ମହିଳା ପର୍ଯ୍ୟଟକ ଧ୍ରୁବି ପଟେଲ ତାଙ୍କ ପୋଷ୍ଟରେ



କହିଛନ୍ତି। ଭାରତୀୟଙ୍କ ପାଖରେ ଉପଯୁକ୍ତ ଇ- ଭିସା, କାଗଜପତ୍ର ଥିବା ସତ୍ତ୍ୱେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ଆର୍ମେନିଆରୁ ସଦଖଲୋ ସୀମା ଦେଇ ଭାରତୀୟମାନେ ଜର୍ଜିଆ ଯିବା ବେଳେ ଏହି ଘଟଣା ଘଟିଛି। ବରଫ ଭଳି ଭୀଷଣ ଥଣ୍ଡାରେ ଖାଦ୍ୟ ଖାଇବା ଓ ଟଏଲେଟ ଯିବାର କୌଣସି ସୁଯୋଗ ଦିଆଯାଇନଥିଲା। ଏଭଳି ଅବସ୍ଥାରେ ୫ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପଶୁଙ୍କ ଭଳି ଫୁଟପାଥରେ ବସିବାକୁ ବାଧ୍ୟ କରାଯାଇଥିଲା। ଅପରାଧୀଙ୍କ ଭଳି ବ୍ୟବହାର କରାଯାଇଥିଲା। କାଗଜପତ୍ରକୁ ଯାଞ୍ଚ ନ କରି ଏହି ଭିସା ଭୁଲ୍ ବୋଲି ଜର୍ଜିଆ କର୍ତ୍ତୃପକ୍ଷ କହିଥିଲେ। ଏ ଭଳି ବ୍ୟବହାର ଗ୍ରହଣ ଯୋଗ୍ୟ ନୁହଁ। ଏହା ନିହାତି ଲଜ୍ଜାଜନକ ବୋଲି ଧ୍ରୁବି ପ୍ରଧାନମନ୍ତ୍ରୀ ମୋଦୀ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଟ୍ୟାଗ କରି କହିଛନ୍ତି। ଏହା ବିରୋଧରେ ଭାରତ କଡ଼ା ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

## ଦିଲ୍ଲୀ-ଏନ୍‌ସିଆର୍ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

## ପାଳ ପୋଡୁଥିବା ଚାଷୀଙ୍କୁ ଗିରଫ କରୁନ କାହିଁକି

### ଚାଷୀ ଅନ୍ନଦାତା; ପରିବେଶର ସୁରକ୍ଷା ବି ଜରୁରି

### ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ଏବଂ ପାଳ ଜଳାଇବା ସମ୍ବନ୍ଧିତ ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ପାଳ ଜଳାଉ ଥିବା ଚାଷୀଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ପଞ୍ଜାବ, ହରିୟାଣା ଭଳି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଚାଷୀ ଆମର ଅନ୍ନଦାତା, କିନ୍ତୁ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। ପାଳ ଜଳାଉଥିବା ଲୋକଙ୍କ ବିରୋଧରେ ପଞ୍ଜାବ ସରକାର କାହିଁକି କଡ଼ା କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି? ପାଳ ଜଳାଇ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଥିବା ଚାଷୀଙ୍କୁ କାହିଁକି ଗିରଫ କରାଯାଉ ନାହିଁ? ଖାଲି ଜୋରିମାନା ଲଗାଇବା ଯଥେଷ୍ଟ ନୁହେଁ। ଏଥିପାଇଁ ଚାଷୀଙ୍କୁ ଦାୟୀ କରାଯିବା ମଧ୍ୟ ଆବଶ୍ୟକ। ଯଦି ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବେନି ତେବେ କୋର୍ଟ ନିର୍ଦ୍ଦେଶ ଦେବେ। ପାଳ ଜଳାଇବା ବନ୍ଦ କରିବା ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି। ଏହାକୁ ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୂର୍ବରୁ ମଧ୍ୟ ଚାଷୀଙ୍କୁ ଗିରଫ କରାଯାଇଥିଲା। ଅଧିକାଂଶ କ୍ଷୁଦ୍ର ଚାଷୀ ଥିବାରୁ ଜେଲ୍ ପଠାଇଲେ ତାଙ୍କ ପରିବାର ଉପରେ ଖରାପ ପ୍ରଭାବ ପଡୁଛି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ କିଛି ଲୋକଙ୍କୁ ଜେଲ୍ ପଠାଇଲେ ପାଳ ଜଳାଇବା ବନ୍ଦ ହୋଇପାରେ। ଏହି ବାର୍ତ୍ତା ଅନ୍ୟମାନଙ୍କୁ ଦେବାର ଆବଶ୍ୟକତା ରହିଛି।

ଏହା ସହିତ ପ୍ରଦୂଷଣର ମୁକାବିଲା ଶୀତ ଦିନ ଆରମ୍ଭ ହେବାର ତିନି ସପ୍ତାହ ମଧ୍ୟରେ ପୂର୍ବରୁ ବିଭିନ୍ନ ଉପାୟ ବିଷୟରେ ସୂଚନା ଦେବା ପାଇଁ ଦେଶର ପ୍ରଦୂଷଣ ନିୟନ୍ତ୍ରଣ ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ), ସେଣ୍ଟ୍ରାଲ



ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ଶୀତଦିନେ ପ୍ରଦୂଷଣ ବିପଜ୍ଜନକ ସ୍ତରରେ ପହଞ୍ଚି ଯାଉଛି। ତେଣୁ ସମୟ ପୂର୍ବରୁ ପଦକ୍ଷେପ ନେବା ଜରୁରି। ସିଜେଆଇ କହିଥିଲେ ଯେ ଚାଷୀ ଦେଶର ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିନା କଟକଣାରେ ପାଳ ଜଳାଇବାକୁ ଅନୁମତି ଦିଆଯାଇପାରିବ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜଳାଉଥିବା ଚାଷୀଙ୍କୁ ଏମଏସ୍‌ପିରୁ ବାଦ୍ ଦିଆଯିବା ଉଚିତ। କାରଣ ଚାଷୀ ନିୟମ ଭାଙ୍ଗି ପାଳ ଜଳାଉଛି। ତେଣୁ ଚାଷୀକୁ ଆର୍ଥିକ ଦଣ୍ଡ ଦେବା ଉଚିତ। କେବଳ ଜୋରିମାନା କିମ୍ବା ଚେତାବନୀ ଯଥେଷ୍ଟ ନୁହେଁ। ପାଳ ପରିଚାଳନା ପାଇଁ ଚାଷୀଙ୍କୁ ଉପକରଣ ଦେବାକୁ ରାଜ୍ୟ ସରକାରମାନେ ସୁନିଶ୍ଚିତ କରାନ୍ତୁ। ସେହିପରି ଅନ୍ୟ ଉତ୍ତମ ବିକଳ୍ପ ଦେଲେ ଚାଷୀ ପାଳ ଜଳାଇବାରୁ ବିରତ ରହିବେ। ଏହା ସହିତ ଚାଷୀଙ୍କୁ କେବଳ ଖଳନାୟକ ଭଳି ଉପସ୍ଥାପନ କରିବା ଭୁଲ୍ ବୋଲି ଖଣ୍ଡପୀଠ କହିଛନ୍ତି। ତାଙ୍କ ପକ୍ଷ ମଧ୍ୟ ଶୁଣିବା ଉଚିତ। ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଭଳି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ରାଜ୍ୟଗୁଡିକର ପ୍ରଦୂଷଣ ବୋର୍ଡରେ ଖାଲି ପଡ଼ିଥିବା ପଦବୀକୁ ତିନି ମାସ ମଧ୍ୟରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଏକ୍ୟୁଏମ ଏବଂ ସିପିସିବିଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦେଇଛନ୍ତି।

## ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛାର ସୁଅ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ୭୫ତମ ଜନ୍ମଦିବସ ପାଳନ କରିଛନ୍ତି। ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ବରିଷ୍ଠ କଂଗ୍ରେସ ନେତା ତଥା ରାୟବରେଲି ସାଂସଦ ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୋଦୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ବିଜେପି ମଧ୍ୟ ଏହି ଅବସରରେ ମୋଦୀଙ୍କ କାହାଣୀକୁ ନେଇ ଏକ ସର୍ଟ ଭିଡ଼ିଓ ସେୟାର କରିଛି।



ଏହାକୁ 'ମୋଦୀ ଷ୍ଟୋରୀ'ର ନାମ ଦିଆଯାଇଛି। ଭିଡିଓରେ ଚା ଗ୍ଲାସ ଓ ମୋଦୀ ଷ୍ଟୋରୀ ବୋଲି ଉଲ୍ଲେଖ କରାଯାଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଜେପି ନଡ୍ଡା ଓ ଅମିତ ଶାହାଙ୍କ ସମେତ ବିଜେପିର କେତେକ ବରିଷ୍ଠ ମନ୍ତ୍ରୀ ଓ ନେତା ପ୍ରଧାନମନ୍ତ୍ରୀଙ୍କ ସହ ଜଡିତ ବିଭିନ୍ନ କଥା ଶୁଣାଇଛନ୍ତି। ଦୁଇ ସପ୍ତାହ ହେବ ବିଜେପି ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ଦେଶରେ କିଛି ରାଜ୍ୟରେ 'ନମୋ ଯୁବା ରନ୍' ଓ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ସେହିପରି ବିହାର ବିଜେପି ୫୦ ହଜାର ସ୍ଥାନରେ ମୋଦୀଙ୍କ ଉପରେ ସର୍ଟ ଫିଲ୍ମ ଦେଖାଇବ।

ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ମଧ୍ୟ ଜନ୍ମଦିନ ପାଇଁ ମୋଦୀଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ଆର୍ଜେଣ୍ଟିନା ଦଳର ଜର୍ସି ଉପରେ ସ୍ୱାକ୍ଷର କରି ତାହାକୁ ମୋଦୀଙ୍କ ନିକଟକୁ ପଠାଇଛନ୍ତି। ୨୦୨୨ ଫିଫା ବିଶ୍ୱକପ୍‌ରେ ମେସି ଓ ଆର୍ଜେଣ୍ଟିନା ଖେଳାଳି ଏହି ଜର୍ସି ପରିଧାନ କରିଥିଲେ। ମେସି ଡିସେମ୍ବରରେ ଭାରତ ଆସି ମୋଦୀଙ୍କୁ ଭେଟିବାର ସମ୍ଭାବନା ରହିଛି। କଂଗ୍ରେସ ନେତା ଶଶୀ ଥରୁର, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନବ ନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ଅଜୟ ଦେବଗନ, ଅଭିନେତା ଧର୍ମେନ୍ଦ୍ର, ରଜନୀକାନ୍ତ, ଆଲିଆ ଭଟ୍ଟ, ଆମୀର ଖାନ୍, ଶାହାରୁଖ ଖାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ, ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ବିଜେପୀ ନେତ୍ରୀ ସ୍ମୃତୀ ଇରାନୀ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା, ମିଆଁମାର ରାଷ୍ଟ୍ରପତି ମିନ ଅଙ୍ଗ୍ ହଲାଇଙ୍ଗ, ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଧନୀ ବ୍ୟକ୍ତ ବିଲ୍ ଗେଟ୍ସ ଓ ବିଭନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସୂର୍ଯ୍ୟ କୁମାର ଯାଦବଙ୍କୁ ଆପ୍ ନେତାଙ୍କ ଚ୍ୟାଲେଞ୍ଜ

## ଟ୍ରଫି ନୁହେଁ; ପହଲ୍‌ଗାମ୍ ସହିଦଙ୍କ ପତ୍ନୀମାନଙ୍କୁ ମ୍ୟାଚ୍ ଟଙ୍କା ଦିଅ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଚଳିତ ଏସିଆକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲ୍ଟେଜ ମ୍ୟାଚ୍‌କୁ ନେଇ ଏବେ ବିବାଦ ବଢ଼ିବା ସହ ରାଜନୀତି ଆରମ୍ଭ ହୋଇଛି। ଏବେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏହି ବିବାଦରେ ମୁଣ୍ଡ ପୂରାଇବା ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ କଟାକ୍ଷ କରି ନୂଆ ଆହ୍ୱାନ ଦେଇଛନ୍ତି। ସେ ସୂର୍ଯ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୁ ସମାଲୋଚନା କରିଛନ୍ତି।

ପାକିସ୍ତାନକୁ ପରାସ୍ତ କରିବା ପରେ ସୂର୍ଯ୍ୟ ଭାରତର ଏହି ବିଜୟକୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ମୃତକଙ୍କୁ ଉତ୍ସର୍ଗ କରିଥିଲେ। କିନ୍ତୁ ସୌରଭ ଏହାକୁ ନାଟକ ବୋଲି କହିଛନ୍ତି। 'ସୂର୍ଯ୍ୟ ଯଦି ତୁମର, ବିସିସିଆଇ ଓ ଆଇସିସିର ଔକାତ ଅଛି, ତେବେ ପ୍ରସାରଣ ଅଧିକାର ଓ ବିଜ୍ଞାପନରୁ ଉପାର୍ଜନ କରିଥିବା ଅର୍ଥକୁ ସହିଦଙ୍କ ୨୬ ଜଣ ବିଧବା ମହିଳାଙ୍କୁ ଦେଇଦିଅ। ଏପରି କଲେ ଯାଇ ପ୍ରକୃତରେ ଏହି ବିଜୟ କୁମୃତକଙ୍କୁ ଉତ୍ସର୍ଗ କରାଯାଇଥିବା ମାନିବୁ' ବୋଲି ସୌରଭ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯଦି ସତରେ ସହିଦଙ୍କ ପ୍ରତି ଖେଳାଳିମାନଙ୍କର ସମର୍ପଣ ଭାବ ରହିଛି, ତେବେ କେବଳ କଥା କହିଲେ ହେବ ନାହିଁ। ବରଂ ଏହି ମ୍ୟାଚ୍‌ରୁ ମିଳିଥିବା ଅର୍ଥକୁ ସହିଦଙ୍କ ପତ୍ନୀଙ୍କୁ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। କିନ୍ତୁ ଏଥିପାଇଁ ସୌରଭଙ୍କୁ ମଧ୍ୟ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି।

ସୌରଭ ଖେଳାଳିଙ୍କ ପ୍ରତି 'ଔକାତ' ଭଳି ଶବ୍ଦ ବ୍ୟବହାର କରିବା ଠିକ୍ ନୁହଁ ବୋଲି ସାମାଜିକ ଗଣମାଧ୍ୟମରେ ୟୁଜରମାନେ କହିଛନ୍ତି।



ଏହା ପରେ ସୌରଭ ଏକ୍ସରେ ପୋଷ୍ଟ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। 'ମୁଁ ଯାହା କହିଛି ତାହାକୁ ବଜାୟ ରଖୁଛି, ଖେଳାଳି ଭାବେ ଖେଳ ଓ ଅର୍ଥ ଉପାର୍ଜନ କର। କିନ୍ତୁ ଆତଙ୍କବାଦୀ ଦେଶ ସହିତ ଖେଳିବା ପରେ ସହିଦଙ୍କ ନାମରେ ରାଜନୀତ କରନାହିଁ। ବିଜେପି ସରକାରଙ୍କ ସ୍କ୍ରିପ୍ଟ ଶୁଣାଅନାହିଁ' ବୋଲି ସେ ଉଲ୍ଲେଖ କରି ସଫେଇ ଦେଇଛନ୍ତି। ଅବଶ୍ୟ ଏ ନେଇ ସୂର୍ଯ୍ୟ କୁମାର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

## କର୍ଣ୍ଣାଟକ ଏସ୍‌ବିଆଇରୁ ୨୧ କୋଟି ଟଙ୍କାର ଲୁଟ୍

### ୨୦ କେଜି ସୁନା ନେଇ ଲୁଟେରା ଫେରାର୍

### ସେନା ପୋଷାକ ପିନ୍ଧି ବ୍ୟାଙ୍କରେ ପଶିଥିଲେ

ବେଙ୍ଗାଲୁରୁ, ୧୭।୯ (ଏଜେନ୍ସି): କର୍ଣ୍ଣାଟକର ବିଜୟପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖାରୁ ପାଖାପାଖି ୨୧ କୋଟି ଟଙ୍କାର ଡକାୟତି ହୋଇଛି। ଏଥିରେ ଏକ କୋଟି ୪ ଲକ୍ଷ ନଗଦ ଟଙ୍କା ଓ ୨୦ କୋଟି ଟଙ୍କାର ସୁନା ରହିଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ କେତେ ଜଣ ଲୁଟେରା ଅସ୍ତ୍ରଶସ୍ତ୍ର ଧରି ବ୍ୟାଙ୍କ ଲୁଟ୍ କରି ଫେରାର ହୋଇଯାଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୁଟେରାମାନେ ମହାରାଷ୍ଟ୍ର ଆଡକୁ ଯାଇଥିବା ପୁଲିସ ଅନୁମାନ କରୁଛି। ଲୁଟେରାମାନେ ସେନା ପୋଷାକ ଓ ମାସ୍କ ପିନ୍ଧିଥିଲେ। ୩ ଜଣ ବ୍ୟାଙ୍କ ଭିତରେ ପଶିଥିବା ବେଳେ ଦୁଇ ଜଣ ବାହାରେ ଥିଲେ। ସେମାନେ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ଓ ଅନ୍ୟ କର୍ମଚାରୀଙ୍କୁ ଅଟକ ରଖିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଲୁଟେରାମାନେ ନଗଦ ଟଙ୍କା ଓ ସୁନା ନେଇ ପଳାଇଥିଲେ। ସେମାନେ ଗୁଳି ମଧ୍ୟ ଚଳାଇଥିଲେ। ମଙ୍ଗଳବାର ବ୍ୟାଙ୍କ ଗ୍ରାହକଙ୍କ ପାଇଁ ବନ୍ଦ ଥିଲା। ସୁରକ୍ଷାକର୍ମୀ ମଧ୍ୟ ଛୁଟିରେ ଥିଲେ ବୋଲି କୁହାଯାଇଛି। ଗତ ୪ ମାସ ମଧ୍ୟରେ ଏହି ଜିଲ୍ଲାରେ ଦ୍ୱିତୀୟଥର ପାଇଁ ଏଭଳି ବ୍ୟାଙ୍କ ଡକାୟତି ହୋଇଛି। ଏହାପୂର୍ବରୁ ମେ ୨୫ରେ ବିଜାପୁର ଜିଲ୍ଲାର ମାଣଗୁଳି ଗାଁର କାନାରା ବ୍ୟାଙ୍କ ଶାଖାରେ ୫୩ କୋଟି ଟଙ୍କାର ସୁନା ଓ ୫ କୋଟି ୨୦ ଲକ୍ଷ ନଗଦ ଟଙ୍କା ଡକାୟତି ହୋଇଥିଲା। ଏହି ଘଟଣାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ପୂର୍ବତନ ମ୍ୟାନେଜର ବିଜୟକୁମାର ମିରିୟାଲା। ପୁଲିସ ଏହି ମାମଲାରେ ୪୦ କୋଟି ଟଙ୍କାର ଜିନିଷ ଜବତ କରିଥିଲା। ଏଥିରେ ୩୯ କେଜି ତରଳ ସୁନା ଓ ୧.୧୬ କୋଟି ଟଙ୍କାର ନଗଦ ଟଙ୍କା ବି ଥିଲା।

## ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ପଦଯାତ୍ରା କଲେ ଛାତ୍ରୀ

ଇଟାନଗର, ୧୭।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ମାନ ଦିନକୁ ଦିନ ତଳସ୍ତରକୁ ଖସିବାରେ ଲାଗିଛି। କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ପିଲା ବସିବାକୁ ଗୃହ ନାହିଁ। ଆଉ କେଉଁଠି ଦୁର୍ନୀତିରେ ଗଢ଼ା ସ୍କୁଲ୍ କୋଠା ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ଅକାଳ ମୃତ୍ୟୁ ହେଉଛି। ଅରୁଣାଚଳ ପ୍ରଦେଶ ପାକେ କେସାଙ୍ଗ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଏଭଳି ଏକ କରୁଣ ଚିତ୍ର ସାମ୍‌ନାକୁ ଆସିଛି। ଏହା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଶିକ୍ଷକ ଅଭାବରୁ ପାଠପଢ଼ା ଠିକ୍‌ରେ ହୋଇ ପାରୁ ନ ଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଧିକାରୀ ଶୁଣୁ ନ ଥିଲେ। ଶେଷରେ ପ୍ରାୟ ୯୦ ଛାତ୍ରୀ ନିଜ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ଚାଲି ଚାଲି ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଏମାନେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। ସେମାନେ ନ୍ୟାନଗାଁଓ ଗ୍ରାମରୁ ରବିବାର ଯାତ୍ରା ଆରମ୍ଭ କରିଥିଲେ। ସାରା ରାତି ଚାଲି ସୋମବାର ସକାଳେ ଲେମିରେ ପହଞ୍ଚି ଥିଲେ। ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦାବି କରିଥିଲେ।




ଛାତ୍ରୀ କହିଥିଲେ ଯେ ସେମାନେ ଅନେକ ଥର ସ୍କୁଲ୍ ଏବଂ ଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ସେଥିପାଇଁ ସେମାନେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ପଦଯାତ୍ରାରେ ଛାତ୍ରୀ ଅନେକ ପୋଷ୍ଟର ପ୍ରଦର୍ଶନ କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। 'ଶିକ୍ଷକଙ୍କ ବିନା ସ୍କୁଲ୍ କେବଳ ଏକ କୋଠା' ବୋଲି ଏଥିରେ ଲେଖା ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଛନ୍ତି ଯେ ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକ ନାହାନ୍ତି। ଅନ୍ୟ ବିଷୟରେ ଶିକ୍ଷକ ଅଛନ୍ତି। ୨୦୧୧-୧୨ରେ ଏହି ବିଦ୍ୟାଳୟର ନିର୍ମାଣ ହୋଇଥିଲା। ଗରିବ ବାଳିକାଙ୍କ ଶିକ୍ଷା ପାଇଁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୯୦ରୁ ଅଧିକ ଛାତ୍ରୀ ପଢୁଛନ୍ତି। ଛାତ୍ରୀଙ୍କ ଏହି ପଦଯାତ୍ରା ପରେ ଶିକ୍ଷା ବିଭାଗ ତୁରନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକ ନିଯୁକ୍ତିକୁ ମଞ୍ଜୁରି ଦେଇଥିଲା। ସ୍କୁଲ୍ ଶିକ୍ଷାର ଉପନିର୍ଦ୍ଦେଶକ ଦୀପକ ତୟାଙ୍ଗେ କହିଥିଲେ ଯେ ନ ଜଣାଇ ଛାତ୍ରୀ ପଦଯାତ୍ରା କରିଥିଲେ। ଏ ବିଷୟରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସୂଚନା ଦେଇ ନ ଥିଲେ। କିନ୍ତୁ ଏବେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ମାତ୍ର ଏହି ଘଟଣା ଅଧିକାରୀଙ୍କୁ ହରଡ଼ଘଣାରେ ପକାଇ ଥିଲା। ଶେଷରେ ଛାତ୍ରୀଙ୍କ ଏହି ପରିଶ୍ରମ ସଫଳ ହୋଇଥିଲା।

## ଛୋଟା ରାଜନର ଜାମିନ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଛୋଟା ରାଜନର ଜାମିନକୁ ସୁପ୍ରିମକୋର୍ଟ ବୁଧବାର ରଦ୍ଦ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ୨୦୦୧ର ହୋଟେଲ ବ୍ୟବସାୟୀ ଜୟ ସେଟ୍ଟୀଙ୍କ ହତ୍ୟା ମାମଲାରେ ରାଜନର ଜାମିନକୁ ରଦ୍ଦ କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ତା'ର ଦଣ୍ଡ ଉପରେ ଲାଗିଥିବା ରୋକକୁ ହଟାଇ ଦେଇଛନ୍ତି। ଏହି ହତ୍ୟାକାଣ୍ଡ ମାମଲାରେ ଗତବର୍ଷ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାଜନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଜନ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲା। ୨୦୨୪ ଅକ୍ଟୋବର ୨୩ରେ ହାଇକୋର୍ଟ ତାର ଦଣ୍ଡାଦେଶକୁ ଖାରଜ କରି ଜାମିନ ଦେଇଥିଲେ। କିନ୍ତୁ ସିବିଆଇ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା।

## ଦୀଶା ପଟାନୀଙ୍କ ଘରକୁ ଗୁଳିମାଡ଼: ଏନ୍‌କାଉଣ୍ଟରରେ ଅଭିଯୁକ୍ତ ମୃତ

ଗାଜିଆବାଦ୍, ୧୭।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଦୀଶା ପଟାନୀଙ୍କ ଘର ଉପରକୁ ଗୁଳି ମାଡ଼ କରିଥିବା ଦୁଇ ଅଭିଯୁକ୍ତ ଏନ୍‌କାଉଣ୍ଟରେ ପ୍ରାଣ ହରାଇଛନ୍ତି। ବରେଲିରେ ଦୀଶାଙ୍କ ପରିବାର ଲୋକେ ରହୁଥିବା ଘର ଉପରକୁ ହରିୟାଣାର ରୋହତକ ବାସୀନ୍ଦା ରବୀନ୍ଦ୍ର ଓ ସୋନିପତଙ୍କର ଅରୁଣ ସେପ୍ଟେମ୍ବର ୧୨ ସକାଳ ୩.୩୦ରେ ଦୁଇ ରାଉଣ୍ଡ ଗୁଳିମାଡ କରିଥିଲେ। ବୁଧବାର ଗାଜିଆବାଦ୍‌ରେ ନୋଏଡା ଏସ୍‌ଟିଏଫ୍, ସିଆଇ ୟୁନିଟ ଦିଲ୍ଲୀ, ହରିୟାଣା ପୁଲିସର ଟିମ୍ ମିଳିତ ଭାବେ ଏହି ଦୁଇଜଣଙ୍କର ଏନ୍‌କାଉଣ୍ଟର କରିଥିଲେ। ଏହି ଦୁଇଜଣ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ଼ ଗ୍ୟାଙ୍ଗର ସଦସ୍ୟ ଥିଲେ। ଦୁଇଜଣଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଏସ୍‌ଟିଏଫ୍ କହିବା ଅନୁସାରେ ବୁଧବାର ସନ୍ଧ୍ୟା ୭ଟା ୨୨ରେ ଗାଜିଆବାଦର ଟ୍ରନିକା ସିଟି ଅଞ୍ଚଳରେ ଚେକିଂ ଚାଲିଥିଲା। କିନ୍ତୁ ଦୁଇଜଣ ଯୁବକ ଚେକିଂ ଦେଖି ପଳେଇବାକୁ ପ୍ରୟାସ କରିଥିଲେ। ସେମାନଙ୍କ ପିଛା କରିବାରୁ ସେମାନେ ଗୁଳି ମାରିବା ଆରମ୍ଭ କରିଥିଲେ। ଗୁଳିମାଡ଼ରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସେହିପରି ପୁଲିସ ଜିପ୍ ଉପରେ ୪ଟି ଗନ୍ ସଟ୍ ଲାଗିଥିଲା। ଫଳରେ ପୁଲିସ ପାଲଟା ଗୁଳି ଚଳାଇଥିଲା। ଉଭୟ ପଟୁ ୧୫ ମିନିଟ୍ ପର୍ଯ୍ୟନ୍ତ ୨୫ରୁ ୩୦ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା।

# ସୁନ୍ଦରୀ ଆଇପିଏସ୍

**ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଘର ଚଳାଇବାଠୁ ନେଇ ଭାରତୀୟ ପୁଲିସ ସେବାରେ ଯୋଗଦେଇ, ପୁରୁଷଙ୍କ ସହ କାନ୍ଧମିଳାଇ ଦେଶର ଦାୟିତ୍ୱ ନିର୍ବାହରେ ସକ୍ଷମ ହୋଇଛନ୍ତି । ବିୟୁଟି ୱିଥ୍ ବ୍ରେନ୍‌ର ସେମାନେ ସଫଳ ଉଦାହରଣ ସାଜିଛନ୍ତି । ଦୃଢ଼ମନୋବଳ, ନିଷ୍ଠା, ସମାଜ ପ୍ରତି ସମର୍ପଣ ଭାବ ଥିଲେ ଜଣେ ମହିଳା ସବୁ କିଛି କରିପାରିବ, ବୋଲି ସେମାନେ ପ୍ରମାଣ କରିଛନ୍ତି । ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେଜଣ ସୁନ୍ଦରୀ ଭାରତୀୟ ମହିଳା ଆଇପିଏସ୍ ଅଫିସର୍‌ଙ୍କୁ ନେଇ ଏହି ଉପସ୍ଥାପନା ।**




## ଅଂଶିକା ବର୍ମା

ବିୟୁଟି ୱିଥ୍ ବ୍ରେନ୍ ନାମରେ ଜଣାଶୁଣା ଅଂଶିକା ଉତ୍ତର ପ୍ରଦେଶ କ୍ୟାଡରର ଜଣେ ସୁନ୍ଦରୀ ଆଇପିଏସ୍ ଭାବେ ପରିଚିତ । ତାଙ୍କ ଆତ୍ମବିଶ୍ୱାସ ଓ ସୌନ୍ଦର୍ଯ୍ୟ ତାଙ୍କୁ ଅନ୍ୟ ଅଫିସରଙ୍କଠୁ ଭିନ୍ନ କରିଥାଏ । ଉତ୍ତର ପ୍ରଦେଶ ପ୍ରୟାଗରାଜରେ ରହୁଥିବା ଅଂଶିକା ସ୍କୁଲ ଶିକ୍ଷା ସମାପ୍ତ ପରେ ନୋଏଡ଼ାରେ ବିଟେକ୍ କରିଥିଲେ । ଏହାପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇଥିଲେ । ଏଥିପାଇଁ କୌଣସି କୋଚିଙ୍ଗ୍ ନ ଯାଇ ସେ ସେଲ୍‌ଫ ଷ୍ଟଡିକୁ ବିକଳ୍ପ ରୂପେ ବାଛିଥିଲେ । ପ୍ରଥମ ପ୍ରୟାସରେ ବିଫଳ ହେବା ସତ୍ତ୍ୱେ, ସେ ହାର ମାନି ନ ଥିଲେ । କଠିନ ପରିଶ୍ରମ କରି ସେ ଦ୍ୱିତୀୟ ପ୍ରୟାସରେ ୨୦୨୦ ମସିହାରେ ୟୁପିଏସ୍‌ସି ପରୀକ୍ଷାରେ ୧୩୬ ର୍‍ୟାଙ୍କ୍ ରଖିଥିଲେ । ତାଙ୍କୁ ୟୁପି କ୍ୟାଡର୍ ମିଳିଥିଲା । ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।



## ସଂଯୁକ୍ତା ପରାଶର

ସଂଯୁକ୍ତା ପରାଶର ସୁନ୍ଦରୀ ସହ ଜଣେ ନିର୍ଭୀକ ଆଇପିଏସ୍ ଅଫିସର୍ ଭାବେ ଜଣାଶୁଣା । ସେ ଆସାମର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଆସାମରେ ସ୍କୁଲ୍ ଶିକ୍ଷା ସମାପ୍ତ ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସିଥିଲେ । ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ କଲେଜରେ ରାଜନୀତି ବିଜ୍ଞାନରେ ସ୍ନାତକ କରିଥଲେ । ପରବର୍ତ୍ତୀ ସମୟରେ ସେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରିଥଲେ । ପରେ ସେ ଆମେରିକୀୟ ବୈଦେଶିକ ନୀତିରେ ଏମ୍‌ଫିଲ୍ ଓ ପିଏଚ୍‌ଡି ହାସଲ କରିଥଲେ । ଏହାପରେ ସେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥଲେ । ୨୦୦୬ ମସିହାରେ ୟୁପିଏସ୍‌ସି ପରୀକ୍ଷା ଏଆଇଆରରେ ୮୫ ର୍‍ୟାଙ୍କ ରଖିଥିଲେ । ଏହାପରେ ତାଙ୍କୁ ଭାରତୀୟ ପୁଲିସ୍ ସେବା ପାଇଁ ଚୟନ କରାଯାଇଥିଲା । ତାଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଥିଲା । ୨୦୧୫ ରେ ସେ ଉଗ୍ରବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୧୫ ମାସରେ ସେ ୧୬ ଟି ଏନ୍‌କାଉଣ୍ଟର କରି ସେ ଚର୍ଚ୍ଚାରେ ଥିଲେ ।

## ଅଙ୍କିତା ଶର୍ମା



ଛତିଶଗଡ଼ର ପ୍ରଥମ ମହିଳା ଆଇପିଏସ୍ ଅଫିସର୍ ଭାବେ ପରିଚିତ ଅଙ୍କିତା ଶର୍ମା । ସାହସ, ନିଆରା ଅନ୍ଦାଜ୍ ପାଇଁ ଚର୍ଚ୍ଚାରେ ଥିବା ଅଙ୍କିତା ସୋସିଆଲ ମିଡ଼ିଆରେ ଖୁବ୍ ସକ୍ରିୟ । ଛତିଶଗଡର ଲେଡିସିଂଘମ୍ ଭାବେ ପରିଚିତ ଅଂଶିକାଙ୍କ ନାଁ ଶୁଣିଲେ ବସ୍ତରର ନକ୍ସଲବାଦୀମାନେ ଥରି ଉଠନ୍ତି । ସେ ଦେଖିବାକୁ ଯେତିକି ସୁନ୍ଦର, କାର୍ଯ୍ୟକୁ ନେଇ ସେତିକି କଠୋର । ୨୦୨୨ ମସିହାରେ ଖୈରଗଡ଼ର ଏସ୍‌ପି ଥିବାବେଳେ ନକ୍ସଲ ପ୍ରଭାବିତ ଅଞ୍ଚଳ ବସ୍ତରରେ ନକ୍ସଲ ବିରୋଧ ଅପରେସନରେ ଦାୟିତ୍ୱ ନେଇଥିଲେ । ଲାଲ ଆତଙ୍କ ଖେଳାଉଥିବା ନକ୍ସଲଙ୍କୁ ଏପରି ଭାବେ ନିପାତ କରିଥିଲେ, ଯାହା ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଆଇପିଏସ୍ ପୂର୍ବରୁ ସେ ଜଣେ ଏମ୍‌ବିଏ ଗୋଲଡ୍‌ମେଡାଲିଷ୍ଟ ଥିଲେ । ଭାରତୀୟ ପ୍ରଶାସନିକ ସେବାରେ ରୁଚି ଥିବାରୁ ସେ ତିନିଥର ୟୁପିଏସ୍‌ସି ପ୍ରସ୍ତୁତ କରିଥିଲେ । ୨୦୧୮ ମସିହାରେ ୨୦୫ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ । ଆଇପିଏସ୍ କିରଣ ବେଦୀଙ୍କୁ ଦେଖି ସେ ଏ ଦିଗରେ ପ୍ରେରଣା ପାଇଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ ।

## ମେରିନ୍ ଯୋସେଫ୍



ସୁନ୍ଦରୀ ଓ ସାହସୀ ମହିଳା ଆଇପିଏସ୍ ଅଫିସର ଭାବେ ମେରିନ୍ ଜୋସେଫ୍ ପରିଚିତ । ସେ ନିଜର ସାହସ, ସଫଳତା ଓ ନିର୍ଭୀକତା ପାଇଁ ସର୍ବଦା ଚର୍ଚ୍ଚାରେ ଥାଆନ୍ତି । ସେ ଥରକରେ ୟୁପିଏସ୍‌ସି ପରୀକ୍ଷା ପାସ କରିଥଲେ । ମାତ୍ର ୨୨ ବର୍ଷ ବୟସରେ ଆଇପିଏସ୍ ଅଫିସର ହେବାର ସେ ଗୌରବ ଅର୍ଜନ କରିଥିଲେ । ୨୦ ଅପ୍ରେଲ ୧୯୯୦ ମସିହାରେ କେରଳର ଥିରୁବନ୍ତପୁରମରେ ସେ ଜନ୍ମ ହୋଇଥିଲେ । ଏହାପରେ ତାଙ୍କ ପରିବାର ଦିଲ୍ଲୀ ସ୍ଥାନାନ୍ତର ହୋଇଥିଲେ । ସେ ଦିଲ୍ଲୀରେ ପାଠ ପଢ଼ିଥିଲେ । କଲେଜରେ ପଢ଼ିବା ସମୟରେ ତାଙ୍କ ମନରେ ସମାଜ ଓ ପ୍ରଶାସନିକ ସେବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଏଥିପାଇଁ ସେ ଗ୍ରାଜୁଏସନ୍ ସହିତ ୟୁପିଏସ୍‌ସି ପ୍ରସ୍ତୁତି ଆରମ୍ଭ କରିଥିଲେ । ୨୦୧୨ ମସିହାରେ ସେ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷା ପାସ କରିଥିଲେ । ସମ୍ପୂର୍ଣ୍ଣ ଭାରତରେ ୧୮୮ ର୍‍ୟାଙ୍କ ରଖି ଆଇପିଏସ୍ ପାଇଁ ଚୟନ ହୋଇଥିଲେ । ଦେଶରେ କନିଷ୍ଠ ଆଇପିଏସ୍‌ଙ୍କ ମଧ୍ୟରେ ତାଙ୍କ ନାଁ ରହିଛି ।

# ଏପରି ସଫା କରନ୍ତୁ ପ୍ଲାଷ୍ଟିକ୍ ବାସନ

**ଅଧିକାଂଶ ଘରେ ପ୍ଲାଷ୍ଟିକ୍ ବାସନକୁସନ ବ୍ୟବହାର କରାଯାଉଛି । ପ୍ଲାଷ୍ଟିକ୍ ପ୍ଲେଟ୍‌ଠୁ ଆରମ୍ଭ କରି ଗିନା ଆଦିକୁ ଠିକ୍‌ଭାବେ ସଫା କରା ନ ଗଲେ ଅପରିଷ୍କାର ହୋଇଥାଏ । କେମିତି ପ୍ଲାଷ୍ଟିକ୍ ବାସନକୁ ସଫା ରଖିବେ, ଜାଣିବା ସେ ସମ୍ପର୍କରେ... ।**

- ପ୍ଲାଷ୍ଟିକ୍ ବାସନରୁ ତେଲ ଚିକିଟା ଦୂର କରିବା ପାଇଁ ଉଷୁମ ପାଣିରେ ୨-୩ ଚାମଚ ବେକିଂ ସୋଡ଼ା ମିଶାନ୍ତୁ । ଏଥିରେ ପ୍ଲାଷ୍ଟିକ୍ ବାସନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏଭଳି କରିବା ଦ୍ୱାରା ବାସନ ପୂରା ସଫା ହୋଇଯିବ ଏବଂ ଚିକିଟାପଣ ବି ଦୂର ହେବ ।
- ଭିନେଗାର ବ୍ୟବହାର ରୋଷେଇ ସହ ସଫାସଫି ପାଇଁ ମଧ୍ୟ ବ୍ୟବହାର କରାଯାଏ । ଗୋଟିଏ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ୩-୪ ବୁନ୍ଦା ଭିନେଗାର ମିଶାନ୍ତୁ । କିଛି ସମୟ ପରେ ଏହି ପାଣିରେ ପ୍ଲାଷ୍ଟିକ୍ ବାସନ ସଫା କରନ୍ତୁ ।
- କଫି ମଧ୍ୟ ବାସନରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ବାସନରୁ ଦୁର୍ଗନ୍ଧ ଦୂର କରିବା ପାଇଁ କଫି ପାଉଡର ଛିଞ୍ଚି ତାହାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହାକୁ ବାସନ ମଜା ଲିକ୍ୟୁଡ୍ ସହ ସଫା କରନ୍ତୁ ।
- ଦୁଇ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ । ତାହାକୁ ଗରମ କରନ୍ତୁ । ଏହି ପାଣିକୁ ବାସନରେ ଢ଼ାଳି କିଛି ସମୟ ଛାଡ଼ି ଦିଅନ୍ତୁ । ପରେ ବାସନ ମାଜନ୍ତୁ । ବାସନରୁ ଦାଗ ଦୂର ହୋଇଯିବ ।



ମୋ ହାଣ୍ଡିଶାଳରୁ...

# ବିନା ତେଲରେ ଧନିଆ ଚିକେନ୍



### ଆବଶ୍ୟକ ସାମଗ୍ରୀ

ଚିକେନ୍ – ୫୦୦ ଗ୍ରାମ୍, ଆଳୁ- ଦୁଇଟି, ଧନିଆପତ୍ର - ଅଳ୍ପ, ରସୁଣ – ଏକ ବୁଦା, ଅଦା – ଏକ ଇଞ୍ଚ, କଟା ପିଆଜ – ଏକ କପ୍, ଦହି – ଏକ କପ୍ , ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ଚିକେନ୍‌କୁ ଭଲଭାବେ ଧୋଇ ଦିଅନ୍ତୁ । ଏହାପରେ ଚୁଲାରେ କଡ଼େଇ ବସାଇ ଚିକେନ୍ ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ କଟା ପିଆଜ ଓ ଆଳୁ ଦେଇ ଗୋଳାନ୍ତୁ । ଏହାପରେ ଗୋଲମରିଚଗୁଣ୍ଡ, ହଳଦୀ, ଲୁଣ ଦେଇ ଚିକେନକୁ ଏପାଖସେପାଖ କରନ୍ତୁ । ଏକ ଗ୍ରାଇଣ୍ଡିଂ ଜାର୍ ନେଇ ଧନିଆପତ୍ର, ରସୁଣ, ଅଦା, କଞ୍ଚାଲଙ୍କା, ଦହି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଚିକେନ୍‌ରେ ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଚିକେନ୍ ଫୁଟି ଆସିଲେ, ସେଥିରେ ଧନିଆପତ୍ର ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବିନା ତେଲରେ ଧନିଆ ଚିକେନ୍' ।

# ଡେନିମ୍ ଜୁଏଲାରୀ




**ସମୟାନୁସାରେ ବିଭିନ୍ନ ଜୁଏଲାରୀ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଡେନିମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଏହା କପଡ଼ାରେ ତିଆରି ହୋଇଥିବାରୁ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏହା ବିଭିନ୍ନ ଡେନିମ୍ କପଡ଼ାରୁ ତିଆରି କରାଯାଉଛି । ଏଥିରୁ ଭଳିକି ଭଳି ନେକ୍‌ଲେସ୍, ବ୍ରେସ୍‌ଲେଟ୍, ହେୟାର୍ କ୍ଲିପ୍ ଆଦି ପ୍ରସ୍ତୁତ କରାଯାଉଛି ।**



- ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆଧୁନିକ ଲୁକ୍ ଦେବାକୁ ଚାହୁଁଥିଲେ ଡେନିମ୍ ନେକ୍‌ଲେସ୍ ପିନ୍ଧିପାରିବେ । ଏହା ଖୁବ୍ ସୁନ୍ଦର ଦେଖାଯାଏ । ବିଶେଷ କରି ଫ୍ଲାୱାର୍, ଫିଦର୍ ଜୁଏଲାରୀ ବେଶୀ ସୁନ୍ଦର ଲାଗିଥାଏ ।
- ସେହିପରି ଅଫିସ୍ ଆଉଟ୍‌ଫିଟ୍‌ରେ ନିଆରା ତଥା ସିମ୍ପଲ ଲୁକ୍ ଚାହୁଁଥିଲେ ଡେନିମ୍ ବେଲ୍‌ଟ, ତଥା ହେୟାର୍ କ୍ଲିପ୍ ପିନ୍ଧିପାରିବେ । ଏହା ସୁନ୍ଦର ସହ ଷ୍ଟାଇଲିଶ୍ ଦେଖାଯାଏ ।
- ବଜାର ଅପେକ୍ଷା ଅନ୍‌ଲାଇନ୍‌ରେ ଏହି ଜୁଏଲାରୀ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାଏ । ବିଶେଷ କରି ମାଳି, ଷ୍ଟୋନ୍ ଲଗା ଡେନିମ୍ ଜୁଏଲାରୀର ଚାହିଦା ବଢ଼ୁଛି ।

# ପାଗ ଅନୁଯାୟୀ ଫେସିଆଲ୍

**ସୁସ୍ଥ, ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ସ୍କିନ୍ କେୟାର ସହ ସମୟେ ସମୟେ ଫେସିଆଲ୍ କରିବାକୁ ପଡ଼ିଥାଏ । ଫେସିଆଲ୍ ତ୍ୱଚାରେ ଚମକ ଆଣିବା ସହ ତ୍ୱଚାକୁ ଗଭୀରରୁ ସଫା କରିଥାଏ । ମୃତକୋଷ କାଢ଼ି ବ୍ଲାକ୍‌ହେଡ୍‌ସ, ହ୍ୱାଇଟହେଡ୍ସ ସମସ୍ୟା ଦୂର କରିଥାଏ । ତେଣୁ ଋତୁ ଅନୁସାରେ ଫେସିଆଲ୍ କଲେ ସୁଫଳ ମିଳିଥାଏ ।**



### ଖରା

ଖରାଦିନେ ତ୍ୱଚାରେ ତେଲ ଓ ଧୂଳି ଶୀଘ୍ର ଜମିଯାଏ । ଫଳରେ ବ୍ରଣ ଓ ଦାଗ ସମସ୍ୟା ଦେଖାଯାଏ । ଏପରି ସ୍ଥଳେ ଡିପ୍ କ୍ଲିନିଙ୍ଗ୍ ଓ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ତ୍ୱଚା ପାଇଁ ଭଲ ହୋଇଥାଏ । ଏହା ମୁହଁର ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିଥାଏ । ତ୍ୱଚାରୁ ମୃତକୋଷ କାଢ଼ି ଏକ ପ୍ରାକୃତିକ ଚମକ ଦେଇଥାଏ ।

### ବର୍ଷା

ବର୍ଷା ଋତୁରେ ତ୍ୱଚାରେ ଏକ୍ସଟ୍ରା ଅଏଲ ଓ ଝାଳ ଜମିଯାଏ । ଏହାଦ୍ୱାରା ବ୍ରେକ୍‌ଆଉଟ୍ ସମସ୍ୟା ହୋଇଥାଏ । ଏଥିପାଇଁ ଚାର୍‌କୋଲ୍ ଓ ନିମ୍ବ ମିଶା ଫେସିଆଲ୍ କରିପାରିବେ । ଏହା ତ୍ୱଚାକୁ ଗଭୀରରୁ ସଫା କରି ଉଜ୍ଜ୍ୱଳ କରିଥାଏ । ଏଥିସହ ଦାଗ, ବ୍ରଣ ସମସ୍ୟାରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।

### ଶୀତ

ଶୀତଦିନେ ଶୁଷ୍କ ତ୍ୱଚା ପାଇଁ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ଖୁବ୍ ଭଲ ହୋଇଥାଏ । ଏଥିରେ ହ୍ୟାଲୁରୋନିକ୍ ଏସିଡ୍ , ପ୍ରାକୃତିକ ତେଲ ଓ ମଏଶ୍ଚରାଇଜର୍ ମାସ୍କର ଉପଯୋଗ କରାଯାଇଥାଏ । ଏହା ତ୍ୱଚାର ଶୁଷ୍କତା କମ୍ କରିଥାଏ ।

# ପରିବେଶ ଅନୁକୂଳ ନବରାତ୍ରୀ ପରିଧାନ



**ନବରାତ୍ରୀରେ ମା'ଙ୍କ ପୂଜାର୍ଚ୍ଚନା ସହ ଗର୍ବା ନୃତ୍ୟ ପରିବେଷଣ କରାଯାଏ । ତେଣୁ ନବରାତ୍ରୀକୁ ନେଇ ଯୁବତୀମାନେ ବେଶ୍ ଉତ୍ସାହିତ ଥାନ୍ତି । ଏଥିପାଇଁ ବିଭିନ୍ନ ପୋଷାକ ଚୟନ କରିଥାନ୍ତି । ଅନେକ ପୋଷାକ କିଣିବାବେଳେ କେବଳ ଷ୍ଟାଇଲ ପ୍ରତି ଧ୍ୟାନ ଦେଇଥାନ୍ତି, କିନ୍ତୁ ଏହା ପରିବେଶ ଅନୁକୂଳ କି ନାହିଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରି ।**

### ହ୍ୟାଣ୍ଡଲୁମ୍ କଟନ୍ ଚୋଲି

ନବରାତ୍ରୀରେ ଚୋଲି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ଖଦୀ ଓ ହାତବୁଣା ସୂତା ଘାଗରା ।ଏଥିରେ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଖୁବ୍ ସୁନ୍ଦର ମାନିଥାଏ । ସେହିପରି ହଳଦିଆ କିମ୍ବା ସବୁଜ ରଙ୍ଗର ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ, ଏଥିରେ ନାଲି ବ୍ଲାଉଜ୍ ପିନ୍ଧିପାରିବେ ।ଏଥିସହ ମ୍ୟାଚିଙ୍ଗ୍ କରି ଅକ୍ସିଡାଇଜ୍ ଅଳଙ୍କାର ପିନ୍ଧିପାରିବେ ।

### ପୁରୁଣା ଶାଢ଼ିରୁ ଲେହେଙ୍ଗା

ନବରାତ୍ରୀ ପାଇଁ ନୂଆ କପଡ଼ା କିଣିବାର କୌଣସି ଆବଶ୍ୟକତା ନାହିଁ । ଏଥିପାଇଁ ପୁରୁଣା ଶାଢ଼ିକୁ ବ୍ୟବହାର କରି ପିନ୍ଧିବାଯୋଗ୍ୟ ପରିବେଶ ଅନୁକୂଳ ପୋଷାକ ତିଆରି କରିପାରିବେ । ଏହାକୁ ସିଲ୍‌କ ଓଢ଼ଣୀ ଭଲ ମାନିଥାଏ ।



# ଫାଇନାଲରେ ନୀରଜ-ନଦୀମ

## ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

ଟୋକିଓ, ୧୭।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଜାପାନର ରାଜଧାନୀ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଶ୍ରେଷ୍ଠ ପ୍ରଦର୍ଶନ ୮୪.୮୫ ମିଟର ସହ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲକୁ ପ୍ରବେଶ ଲାଗି ଯୋଗ୍ୟତା ମାନଦଣ୍ଡ ୮୪.୫୦ ମିଟର ଥିଲା। ନୀରଜଙ୍କ ସହ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ୧୨ ଜଣିଆ ପୁରୁଷ ଜାଭେଲିନ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅର୍ଶଦ ୮୫.୨୮ ମିଟର ଜାଭେଲିନ ଫିଙ୍ଗିଥିଲେ। ଫଳରେ ଗୁରୁବାର ଅପରାହ୍ଣ ୩ଟା ୫୩ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ନୀରଜ ଓ ନଦୀମଙ୍କ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଅନୁମାନ କରାଯାଉଛି। ନୀରଜ ଏହି ମେଗା ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି। ନୀରଜଙ୍କ ସହ ଦ୍ୱିତୀୟ ଭାରତୀୟ ଜାଭେଲିନ ଫିଙ୍ଗାଳି ଭାବେ ସଚିନ ଯାଦବ ମଧ୍ୟ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଚିନ ୮୩.୬୭ ମିଟର ଫିଙ୍ଗି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହିଥିଲେ। ସଚିନ ସିଧାସଳଖ ଯୋଗ୍ୟତା ଅର୍ଜନ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ-୧୨ ଜଣଙ୍କ ମଧ୍ୟରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୯.୫୩ ମିଟର), ଜର୍ମାନୀର ଜୁଲିଏନ ୱେବର (୮୭.୨୧), କେନିଆର ଜୁଲିଅନ ୱେଗୋ (୮୫.୯୬) ଓ ପୋଲାଣ୍ଡର ଡାୱିଡ ୱେଗନର (୮୫.୬୭) ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି।

## ନିରାଶ କଲେ ଅନିମେଶ



ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶ କୁଜୁର ଏଠାରେ ପୁରୁଷ ୨୦୦ ମିଟରରେ ନିରାଶ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ହିଟ-୩ରେ ଦୌଡ଼ିଥିଲେ। ଏଥିରେ ୯ଜଣ ଧାବକଙ୍କ ମଧ୍ୟରେ ଅନିମେଶ ସର୍ବନିମ୍ନ ସ୍ଥାନରେ ରହି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ। ସେ ୨୦୦ ମିଟରକୁ ୨୦.୭୭ ସେକେଣ୍ଡରେ ଫିନିଶ କରିଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ (୨୦.୩୨) ପ୍ରଦର୍ଶନଠାରୁ ମଧ୍ୟ ସେ ବହୁ ପଛରେ ରହିଥିଲେ। ଏହି ହିଟ୍‌ରେ ଦୌଡ଼ିଥିବା ଦୁଇଥରର ଅଲିମ୍ପିକ ରୌପ୍ୟ ପଦକ ବିଜେତା ଆମେରିକାର କେନି ବେଡନାରେକ ୧୯.୯୮ ସେକେଣ୍ଡ ସମୟ ସହ ଶୀର୍ଷରେ ରହି ସେମିକୁ ପ୍ରବେଶ କରିଛନ୍ତି।

# ୭୭ ବଲ୍‌ରେ ମନ୍ଧାନାଙ୍କ ଶତକ

ଦ୍ୱିତୀୟ ମହିଳା ଦିନିକିଆ

## ଭାରତର ରେକର୍ଡ ସ୍କୋରରେ ଅଷ୍ଟ୍ରେଲିଆର ବଡ଼ ପରାଜୟ

ଚଣ୍ଡିଗଡ଼, ୧୭।୯ (ଏଜେନ୍ସି):

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ୧୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଓପନର ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୯୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ୪୦.୫ ଓଭରରେ ୧୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଏଲିସେ ପେରୀ (୪୪ ରନ) ଓ ଆନାବେଲ୍ ସଦରଲାଣ୍ଡ (୪୫) କିଛିଟା ଭାରତୀୟ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇଥିଲେ। ଘରୋଇ ଭାରତୀୟ ଦଳ ପାଇଁ କ୍ରାନ୍ତି ଗୌଡ଼ ୩, ଦୀପ୍ତି ଶର୍ମା ୨ ଏବଂ ରେଣୁକା ସିଂ ଠାକୁର, ସ୍ନେହ ରାଣା. ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ୧୦୨ ରନରେ ବିଜୟୀ ହୋଇ ଭାରତ ତିନି ମ୍ୟାଚବିଶିଷ୍ଟ ଦିନିକିଆ ସିରିଜକୁ ୧-୧ର ବରାବର୍‌ସ୍ଥିତିକୁ ଆଣିଛି। ପୂର୍ବରୁ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜିତିଥିଲା। ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ। ଅପରପକ୍ଷରେ ଦିନିକିଆ କ୍ରିକେଟ୍‌ରେ ରନ ବ୍ୟବଧାନରେ ଅଷ୍ଟ୍ରେଲିଆ ମହିଳା ଦଳର ଏହା ସର୍ବବୃହତ୍ ପରାଜୟ ଥିଲା। ଏଥିପୂର୍ବରୁ ୧୯୭୩ରେ ଇଂଲଣ୍ଡ ମହିଳା ଦଳଠାରୁ ଅଷ୍ଟ୍ରେଲିଆ ୯୨ ରନରେ ହାରିଥିଲା।



ପୂର୍ବରୁ ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହେଲୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଓପନର୍ ତଥା ଉପଅଧିନାୟିକା ମନ୍ଧାନାଙ୍କ ୧୧୭ ରନ ବଳରେ ୪୯.୫ ଓଭରରେ ୨୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୨୯ ବର୍ଷୀୟା ମନ୍ଧାନାଙ୍କ ଦିନିକିଆ ଫର୍ମାଟ୍‌ରେ ଏହା ୧୨ତମ ଶତକ ଥିଲା। ୯୧ ବଲର ଏହି ପାଳିରେ ସେ ୧୪ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୪୦, ରିଚା ଘୋଷ ୨୯, ପ୍ରତିକା ରାୱଲ ୨୫ ଓ ସ୍ନେହ ରାଣା ୨୪ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ ୩ ଓ ଆସଲେ ଗାର୍ଡନର ୨ଟି ୱିକେଟ ନେଇଥିଲେ।

### ମ୍ୟାଚ୍‌ର କୀର୍ତ୍ତିମାନ

**୭୭ ବଲ୍:** ମନ୍ଧାନା ଏହି ମ୍ୟାଚରେ ୭୭ ବଲରେ ଶତକ କରିଥିଲେ। ମହିଳା ଦିନିକିଆରେ ଭାରତୀୟ କ୍ରିକେଟର୍ ଭାବେ ଏହା ଦ୍ୱିତୀୟ ଦ୍ରୁତତମ ଶତକ। ଚଳିତ ବର୍ଷ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୦ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଛନ୍ତି।

**୧୨ତମ ଶତକ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୨ତମ ଶତକ ଥିଲା। ଏଥିସହ ଓପନର୍ ଭାବେ ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ମାରିବାରେ ଇଂଲଣ୍ଡର ତାମି ବିଉମଣ୍ଟଙ୍କ ସମକକ୍ଷ ହୋଇଛନ୍ତି।

**୨୯୨ ରନ:** ୨୯୨ ରନ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆରେ ଭାରତର ସର୍ବବୃହତ୍ ଦଳଗତ ସ୍କୋର। ଏଥିପୂର୍ବରୁ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୨୮୨ ରନ କରିଥିଲା।

**୧୮ ବର୍ଷ:** ଦୀର୍ଘ ୧୮ ବର୍ଷ ପରେ ଘରୋଇ ମାଟିରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆକୁ ଏକ ଦିନିକିଆ ମ୍ୟାଚରେ ହରାଇଛି।

# ଏସିଆ କପ୍‌ରେ ପାକିସ୍ତାନର ହାଇଡ୍ରାମା

## ପ୍ରଥମେ ବଏକଟ୍ ଧମକ; ପରେ ୧ ଘଣ୍ଟା ବିଳମ୍ବରେ ଷ୍ଟାଡିୟମରେ ପହଞ୍ଚିଲା

ଦୁବାଇ, ୧୭।୯ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ବୁଧବାର ରାତିରେ ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ ମ୍ୟାଚ୍ ଖେଳାଯିବା ପୂର୍ବରୁ ବେଶ୍ ଘଟଣାବହୁଳ ରହିଥିଲା। ଏହି ମ୍ୟାଚର କିଛି ଘଣ୍ଟା ପୂର୍ବରୁ ପାକିସ୍ତାନ ଦଳର ହାଇଡ୍ରାମା ଦେଖିବାକୁ ମିଳିଥିଲା। ୟୁଏଇ ବିପକ୍ଷ ମ୍ୟାଚ୍ ରାତି ୮ଟାରେ ଖେଳାଯିବାକୁ ଥିବାବେଳେ ପାକିସ୍ତାନ ଖେଳାଳିମାନେ ୭ଟା ସୁଦ୍ଧା ଷ୍ଟାଡିୟମରେ ପହଞ୍ଚି ନ ଥିଲେ। ଭାରତ ବିପକ୍ଷ ମ୍ୟାଚରେ 'ହାତ ନ ମିଳାଇବା' ପ୍ରସଙ୍ଗକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ଜିଦିରେ ଅଡ଼ି ବସିଥିଲା। ଏପରିକି ଅଧିନାୟକ ସଲମାନ ଅଲି ଆଘାଙ୍କ ସମେତ ସମସ୍ତ ପାକିସ୍ତାନ ଖେଳାଳି, ପ୍ରଶିକ୍ଷକ, ସହପ୍ରଶିକ୍ଷକ ଟିମ୍ ହୋଟେଲରୁ ବାହାରି ନ ଥିଲେ। ପାକିସ୍ତାନ ବୋର୍ଡ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ପରେ ପିସିବି ଅଧ୍ୟକ୍ଷ ମୋହସିନ ନକଭି ଓ ଖେଳାଳିଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ଶେଷରେ ପାକିସ୍ତାନ ଦଳ ଟିମ୍ ହୋଟେଲରୁ ଷ୍ଟାଡିୟମ ଅଭିମୁଖେ ବାହାରିଥିଲା। ଫଳରେ ମ୍ୟାଚ୍ ଆରମ୍ଭ ହେବାରେ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ଏନେଇ ବ୍ରଡକାଷ୍ଟ ସଂସ୍ଥା ପକ୍ଷରୁ ଅଫିସିଆଲ୍ ଭାବେ ମଧ୍ୟ ମ୍ୟାଚ୍ ଏକ ଘଣ୍ଟା ବିଳମ୍ବ ଅର୍ଥାତ ରାତି ୯ଟାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ପାକିସ୍ତାନ ଖେଳାଳିମାନେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚି ୱାର୍ମଅପ୍ ଆରମ୍ଭ କରିଥିଲେ। ଉଭୟ ପାକିସ୍ତାନ ଓ ୟୁଏଇ ପାଇଁ ଏହି ଗ୍ରୁପ୍-ବି' ମ୍ୟାଚ୍ ବେଶ୍ ଗୁରୁତ୍ୱ ରଖୁଛି। ଉଭୟ ଦଳ ୨ଟି ଲେଖାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ଲେଖାଏ ପାଇଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ସୁପର-୪ରେ ପ୍ରବେଶ କରିବ।

**ଆଜିର ମ୍ୟାଚ୍**
**ଶ୍ରୀଲଙ୍କା-ଆଫଗାନିସ୍ତାନ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ଫଖରଙ୍କ ଅର୍ଦ୍ଧଶତକ; ସିମରନଜିତ୍‌ଙ୍କୁ ୩ ୱିକେଟ୍

ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ୟୁଏଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩ ଓଭରରେ ୯ ରନ ମଧ୍ୟରେ ଦୁଇ ଓପନର୍‌ଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶାହିବଜାଦ ଫରହାନ (୫ ରନ) ଓ ସଇମ ଆୟୁବ (୦)ଙ୍କୁ ଆଉଟ୍ କରି ଜୁନୈଦ ସିଦ୍ଦିକ ୟୁଏଇକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଖେଳାଳି ଫଖର ଜମାନ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ପାକିସ୍ତାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଜମାନ ୩୬ ବଲରେ ୨ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମନ ଆଘା ୨୦, ମହମ୍ମଦ ହାରିସ ୧୮ ଓ ଶାହୀନ ଆଫ୍ରିଦୀ ୧୪ ବଲରେ ଅପରାଜିତ ୨୯ ରନର ପାଳି ଖେଳିଥିଲେ। ବୋଲିଂରେ ୟୁଏଇ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ବାମହାତୀ ସ୍ପିନର ସିମରନଜିତ୍ ସିଂହ ଓ ସିଦ୍ଦିକ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ, ସିନ୍ଧୁ

ସେନ୍‌ଝେନ,୧୭।୯ (ଏଜେନ୍ସି): ଚୀନ୍‌ର ସେନ୍‌ଝେନ୍ ଏରିନାରେ ଆରମ୍ଭ ହୋଇଥିବା ୧୨ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକସାଇରଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ପୁରୁଷ ଏକକ ପ୍ରତିଯୋଗିତାରୁ ଯୁବ ତାରକା ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ତେବେ ମହିଳା ଏକକ ଅଭିଜ୍ଞ ଭାରତୀୟ ଖେଳାଳି ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ର-କ୍ୱାର୍ଟରକୁ ଉଠିଛନ୍ତି।

ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ୨୪-୨୨, ୨୧-୧୩ ସିଧାସଳଖ ଗେମ୍‌ରେ ମାତ୍ର ୪୨ ମିନିଟ୍‌ରେ ମାଲେସିଆର ଜୁନେଦ ଆରିଫ୍ ଓ ୟାପ୍ ରଏ କିଙ୍ଗ୍‌କୁ ପରାସ୍ତ କରିଥିଲେ। ସେହିପରି ଲକ୍ଷ୍ୟ ସେନ୍ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ୧୧-୨୧, ୧୦-୨୧ରେ ଫ୍ରାନ୍ସର ଟୋମା ଜୁନିଅର ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ବିଭାଗରେ ସିନ୍ଧୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଡେନମାର୍କର ଜୁଲି ଡାବାଲ ଜାକବସେନଙ୍କୁ ୨୧-୫, ୨୧-୧୦ ସିଧାସଳଖ ଗେମ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟ କୌଣସ ବିଭାଗରେ ଭାରତୀୟ ଖେଳାଳିମାନେ ଅଗ୍ରଗତି କରିପାରି ନାହାନ୍ତି।

ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

# ପ୍ରଥମଥର ବୋଲିଂ ମାନ୍ୟତା ଶୀର୍ଷରେ ବରୁଣ ଚକ୍ରବର୍ତ୍ତୀ

ଦୁବାଇ,୧୭।୯ (ଏଜେନ୍ସି): ଭାରତୀୟ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ ଆଇସିସି ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୩ଟି ପାହାଚ ଉପରକୁ ଉଠି ୭୩୩ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜ୍ୟାକବ ଡଫି ୨ୟ ସ୍ଥାନକୁ ଖସିଯାଇଛନ୍ତି। ଫଳରେ ଯଶପ୍ରୀତ ବୁମ୍‌ରା ଓ ରବି ବିଷ୍ଣୋଇଙ୍କ ପରେ ତୃତୀୟ ଭାରତୀୟ ବୋଲର ଭାବେ ବରୁଣ ବୋଲିଂ ର୍‍ୟାଙ୍କିଙ୍ଗର ନଂ ୧ ସ୍ଥାନ ଅଧିକାର କରିଛନ୍ତି। ବରୁଣଙ୍କ ସହ ରବି ବିଷ୍ଣୋଇ (୮ମ) ମଧ୍ୟ ଟପ୍-୧୦ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ବରୁଣ ୟୁଏଇରେ ଚାଲିଥିବା ଏସିଆ କପ୍‌ରେ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ସେ ୟୁଏଇ ବିପକ୍ଷ ପ୍ରଥମ ମୁକାବିଲାରେ ଦୁଇ ଓଭର ବୋଲିଂ କରି ମାତ୍ର ୪ ରନରେ ଦେଇ ଗୋଟିଏ ୱିକେଟ ଓ ପାକିସ୍ତାନ ବିପକ୍ଷରେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ତାଲିକାରେ ୱେଷ୍ଟଇଣ୍ଡିଜର ଅକିଲା ହୁସେନ ତୃତୀୟ, ଅଷ୍ଟ୍ରେଲିଆ ଆଦାମ ଜାମ୍ପା ଚତୁର୍ଥ, ଇଂଲଣ୍ଡର ଆଦିଲ ରସିଦ ୫ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟତମ ଭାରତୀୟ ରବି ବିଷ୍ଣୋଇ ୬୬୧ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛନ୍ତି।



ବ୍ୟାଟିଂ ତାଲିକାରେ ହାର୍ଡ ହିଟିଂ ବ୍ୟାଟର ତଥା ଭାରତୀୟ ଓପନର ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଭିଷେକ ୮୮୪ ପଏଣ୍ଟ ସହ କ୍ୟାରିଅରର ସର୍ବାଧିକ ପଏଣ୍ଟ ପାଇଛନ୍ତି। ଇଂଲଣ୍ଡ ଫିଲ ସଲ୍ଟ ଦ୍ୱିତୀୟ, ଜୋଶ ବଟଲର ତୃତୀୟ, ଭାରତର ତିଳକ ବର୍ମା ୭୨୯ ପଏଣ୍ଟ ସହ ଚତୁର୍ଥ ଓ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ ୫ମ ସ୍ଥାନରେ ରହିଛନ୍ତି। ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭୪୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଭାରତର ଅଭିଷେକ ଶର୍ମା ୪ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି। ପାକିସ୍ତାନର ସଇମ ଆୟୁବ ୪ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ

# ଦଳରୁ ବାଦ୍ ପଡ଼ିଲେ ଜେମିମା ରୋଡ୍ରିଗ୍ସେଜ

ନୂଆ ଚଣ୍ଡିଗଡ଼, ୧୭।୯ (ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷ ଦିନିକିଆ ସିରିଜର ଶେଷ ଦୁଇଟି ମୁକାବିଲାରୁ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ ବାଦ୍ ପଡିଛନ୍ତି। ଫଳରେ ଘରୋଇ ଭାରତୀୟ ମହିଳା ଦଳକୁ ଜବରଦସ୍ତ ଝଟ୍‌କା ଲାଗିଛି। ଭୂତାଣୁ ଜନିତ ସଂକ୍ରମଣ ଓ ଦୁର୍ବଳତା କାରଣରୁ ସେ ବୁଧବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଖେଳିପାରି ନାହାନ୍ତି। ସେହିପରି ସେ ୨୦ ତାରିଖ ଶନିବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିପାରିବେ ନାହିଁ। ମଧ୍ୟକ୍ରମ ବ୍ୟାଟର ଜେମିମାଙ୍କ ବଦଳ ଖେଳାଳି ଭାବେ ଷ୍ଟାଣ୍ଡବାଇ ଖେଳାଳି ତେଜାଲ ହାସବନିସ୍‌ଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ତାଙ୍କୁ ଦ୍ୱିତୀୟ ଦିନିକିଆରେ ଖେଳାଯାଇ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ଜେମିମାଙ୍କ ଚିକିତ୍ସା ତଥା ଦେଖାଶୁଣା କରୁଛି। ସେ ବିଶ୍ୱକପ୍ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ପୂର୍ବରୁ ୧୪ ତାରିଖରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ।

# ସିବିଏସ୍‌ଇ ଜାତୀୟ ବାଳିକା ହକି ଉଦ୍‌ଯାପିତ




ଭୁବନେଶ୍ୱର, ୧୭।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସିବିଏସଇ ଜାତୀୟ ବାଳିକା ହକି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ୩ଟି ବୟସ ବର୍ଗ ୧୪ ବର୍ଷରୁ କମ, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ୧୪ ବର୍ଷରୁ କମ୍ ବର୍ଗରେ ପାନିପତ୍‌ର ଆର୍ଯ୍ୟା ବାଳିକା ପବ୍ଲିକ ସ୍କୁଲ ୭-୦ ଗୋଲରେ ନ୍ୟୁ ବମ୍ବେ ସିଟି ସ୍କୁଲକୁ ହରାଇ ଚାମ୍ପିଅନ ହୋଇଥିଲା। ସେହିଭଳି ୧୭ ବର୍ଷରୁ କମ୍‌ରେ ସୋନିପତ୍‌ର ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ୮-୦ ଗୋଲ୍‌ରେ ତାମିଲନାଡୁର ସଚିତାନନ୍ଦ ବିଦ୍ୟା ନିକେତନକୁ ହରାଇ ଟାଇଟଲ୍ ହାସଲ କରିଥିଲା। ୧୯ ବର୍ଷରୁ କମ୍ ବର୍ଗର ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ରହିଥିଲା। ଏଥିରେ ଲିଟିଲ ଆଞ୍ଜେଲ ସ୍କୁଲ ୧-୦ ଗୋଲରେ ହରିଦ୍ୱାରର ଶ୍ରୀରାମ ବିଦ୍ୟା ମନ୍ଦିରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ ଅତିଥିଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଲଳିତ କୁମାର କପିଳ, ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକ,୧୭।୯ (ସମିସ):




ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ବୁଧବାର ସନ୍ଧ୍ୟାରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଲିଗ୍‌ର ବ୍ରାଣ୍ଡଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ରଫି ଅନାବରଣ କରିବା ସହ ଲିଗ୍ ଉଦ୍‌ଘାଟନ କରିଥିଲେ। ଲିଗ୍‌ର ସଫଳ ଆୟୋଜନ ଏବଂ ଖେଳାଳିଙ୍କୁ ପ୍ରୋତ୍ସାହନ ନିମନ୍ତେ ଜଣେ ବ୍ରାଣ୍ଡଆମ୍ବାସଡର ଭାବେ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଇର୍ଫାନ ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଏଭଳି ବଡ଼ ମଞ୍ଚରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଇର୍ଫାନ ଓଡ଼ିଆ ଖେଳାଳିଙ୍କୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓପିଟିଏଲର ସଫଳତା କାମନା କରିଥିଲେ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ଟାଇଗର୍ସ ଏବଂ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହୋଇଥିଲା। ଲିଗ୍ ଉଦ୍‌ଘାଟନ ପୂର୍ବରୁ ବାରବାଟୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ସେହିଭଳି ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୨ଟାରେ କେନ୍ଦୁଝର ମାଇନର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଲଢ଼େଇ ହେବ। ସେହିଭଳି ରାତି ୭ଟାରେ ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନକୋଡ (ଓଟିଟି)ରେ ସିଧାପ୍ରସାରଣ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୬ରେ ଉଦ୍‌ଯାପିତ ହେବ। ମୋଟ୍ ୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଗତକାଲି ସମସ୍ତ ଦଳର ଜର୍ସି ଉନ୍ମୋଚିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS